CMYK

- Vol.- 45, Issue No. 36
- Wednesday, 7 May 2025
- ବୁଧବାର, ୭ ମଇ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ଯୁଦ୍ଧ ଅଭ୍ୟାସ, ବାଜିବ ସାଇରନ୍

- ଆଜି ରାଜ୍ୟର ୧୨ ଜିଲ୍ଲାରେ ମକଡ୍ରିଲ
- ଦେଶର ୨୪୪ ନିର୍ଦ୍ଦିଷ୍ଟ ଜିଲାରେ ହେବ
- ଅପରାହ୍ଣ ୪ଟାରେ ବାଜିବ ଡ୍ରିଲ ସାଇରନ୍
- ସପ୍ତାହେ ଧରି ଚାଲିବ କାର୍ଯ୍ୟକ୍ରମ

ଭୁବନେଶ୍ୱର/ନୂଆଦିଲ୍ଲୀ,୬।୫: ଏପ୍ରିଲ ୨୨ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସମ୍ଭାବନା ଏବଂ ଭାରତ-ପାକିସ୍ତାନ ସୀମାରେ ଉଚ୍ଚ ସୁରକ୍ଷା ସତର୍କତା ମଧ୍ୟରେ ଦେଶର ବହୁ ସ୍ଥାନରେ ମକ୍ ଡ୍ରିଲ ହେବାକୁ ଯାଉଛି । ଭାରତ-ପାକିସ୍ତାନ ଯୁଦ୍ଧ ଆଶଙ୍କା ବଢିଥିବା ହେତୁ ଯଦି ଶତ୍ରୁପକ୍ଷ ଆକ୍ରମଣ କରେ, ତାହେଲେ କିପରି ନିଜର ଆତ୍ମରକ୍ଷା କରିବେ ସେନେଇ ବୁଧବାର ସାରା ଦେଶରେ ସିଭିଲ୍ ଡିଫେନ୍ସ ବା ବେସାମରିକ ପ୍ରତିରକ୍ଷା ମକ୍ ଡ୍ରିଲ୍ କରାଯିବ । ଓଡ଼ିଶାର ୧୨ଟି ଜିଲ୍ଲାରେ ଏହି ମକ୍‌ଡ୍ରିଲ ହେବ । ଦେଶର ୨୪୪ଟି ନିର୍ଦ୍ଦିଷ୍ଟ ଜିଲାରେ ଜାତୀୟ ନାଗରିକ ପ୍ରତିରକ୍ଷା ମକ୍ ଡ୍ରିଲ୍ କରିବ । ଆକାଶରୁ ଆକ୍ରମଣ ହେଲେ କେମିତି ସାଇରନ୍ ବାଜିବ, ତାର ପୂର୍ବାଭ୍ୟାସ କରାଯିବ । ବୁଧବାର ଅପରାହ୍ଣ ୪ଟାରେ ଏହି ମକ୍ ଡ୍ରିଲ ସାଇରନ୍ ବାଜିବ । ଏହି ସୂଚନା ଦେଇଛନ୍ତି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ । ବୁଧବାରଠାରୁ ପର୍ଯ୍ୟାୟକ୍ରମେ ସପ୍ତାହେ ଧରି ମକଡ୍ରିଲ କାର୍ଯ୍ୟକ୍ରମ ଚାଲିବ । ଉପକୂଳବର୍ତ୍ତୀ ଜିଲ୍ଲା, ସହରାଞ୍ଚଳରେ ହେବ ମକଡ୍ରିଲ୍ । ଶତ୍ରୁପକ୍ଷ ବିମାନ ଆକ୍ରମଣ କଲେ କ'ଣ କରାଯିବ ମକଡ୍ରିଲ ମାଧ୍ୟମରେ ସାଧାରଣ ଲୋକଙ୍କୁ ଅବଗତ କରାଯିବ । ପ୍ରାୟ ୫ ମିନିଟ୍ ଧରି ସାଇରନ୍ ବାଜିବ, ମକଡ୍ରିଲ ଆରମ୍ଭ ହେବ । ପୁଣି ସାଇରନ୍ ବାଜିଲେ ମକଡ୍ରିଲ୍ ସରିଲା ବୋଲି ଜଣାଇ ଦିଆଯିବ । ସାଧାରଣତଃ କଂକ୍ରିଟ୍ ଛାତ ତଳେ ରହିବାକୁ ଲୋକଙ୍କୁ ପରାମର୍ଶ ଦିଆଯିବ । ବସ୍ତି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଯୋଜନା ହେବ ବୋଲି ଅଗ୍ନିଶମ ଡିଜି କହିଛନ୍ତି । ହେବାକୁ ଥିବା ମକଡ୍ରିଲ ପାଇଁ ପ୍ରସ୍ତୁତ ଅଛି ଓସଡମା । ସାଧାରଣ ଲୋକଙ୍କୁ ମଧ୍ୟ ମକ୍ ଡ୍ରିଲରେ ସାମିଲ୍ କରାଯିବ ବୋଲି କହିଛନ୍ତି ଓସଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ । କୌଣସି ଲୋକଙ୍କୁ ମକ୍ ଡ୍ରିଲ୍ ପାଇଁ ସ୍ଥାନାନ୍ତର କରାଯିବ ନାହିଁ ବୋଲି ସେ କହିଛନ୍ତି । ତାଳଚେର, ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଆଦି ୧୨ଟି ସ୍ଥାନରେ ଏହି ମକଡ୍ରିଲ କରାଯିବ । ତେବେ କାଟାଗୋରି-୧ ଅର୍ଥାତ୍ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସହର ମଧ୍ୟରେ ତାଳଚେର ଥିବାବେଳେ କାଟାଗୋରି-୨ରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା ରହିଛି । ସେହିପରି କାଟାଗୋରି-୩ରେ ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ରହିଛି । ଏନେଇ ଗୃହ ମନ୍ତ୍ରାଳୟ ପକ୍ଷରୁ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସହ ଚାଲିଥିବା ବୈଠକ ଇତିମଧ୍ୟରେ ଶେଷ ହୋଇଛି ।

# ଯୁଦ୍ଧ ଆଶଙ୍କା ଧୀରେ ଧୀରେ ବଢୁଛି



ନୂଆଦିଲ୍ଲୀ,୬।୫: ଭାରତ-ପାକିସ୍ତାନ ଯୁଦ୍ଧ ଆଶଙ୍କା ଧୀରେ ଧୀରେ ବଢୁଛି । ଆକସ୍ମିକ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି ଭାରତ ସରକାର । ଆକାଶ ମାର୍ଗରୁ ଯୁଦ୍ଧାଭ୍ୟାସ କରିବ ବାୟୁସେନା । ସୀମାରେ ଗର୍ଜିବେ ଯୁଦ୍ଧବିମାନ । ଏନେଇ ନୋଟାମ ଜାରି କରିଛନ୍ତି କେନ୍ଦ୍ର ସରକାର । ବୁଧବାର ଓ ଗୁରୁବାର ଭାରତ-ପାକିସ୍ତାନ ସୀମାରେ ଆକାଶ ମାର୍ଗରେ ଯୁଦ୍ଧାଭ୍ୟାସ କରିବ ଭାରତୀୟ

- ପାକ୍ ସୀମାରେ ସମରାଭ୍ୟାସ କରିବ ବାୟୁସେନା
- ସାମିଲ ହେବ ରାଫେଲ, ମିରାଜ-୨୦୦୦ ଓ ସୁଖୋଇ-୩୦
- 'ନୋଟାମ୍' ଜାରି କଲେ କେନ୍ଦ୍ର ସରକାର

ବାୟୁସେନା । ଏହି ଅଭ୍ୟାସ ଭାରତ-ପାକିସ୍ତାନ ଦକ୍ଷିଣ ସୀମାରେ ହେବ । ଏୟାରଫୋର୍ସ ମରୁଭୂମି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳ ଆକାଶରେ ସମରାଭ୍ୟାସ କରିବ । ଏଥିରେ ରାଫେଲ, ମିରାଜ-୨୦୦୦ ଓ ସୁଖୋଇ-୩୦ ସମେତ ଅନେକ ଯୁଦ୍ଧବିମାନ ସାମିଲ୍ ହେବେ । ଏହାଛଡ଼ା ସୀମା ସଂଲଗ୍ନ ଅନେକ ଜିଲ୍ଲାରେ ବୁଧବାର ମଧ୍ୟ ମକଡ୍ରିଲ୍ ହେବ । ଏପରି ପରିସ୍ଥିତିରେ ଭାରତ ପୂର୍ବରୁ ନୋଟିସ୍ ଟୁ- ଏୟାର ମିଶନ ଜାରିଛି । ନୋଟାମ୍ ଅନୁଯାୟୀ ଏହି ସମରାଭ୍ୟାସ ମେ' ୭ ତାରିଖ ଅପରାହ୍ଣ ୩ଟା ୩୦ରୁ ଆରମ୍ଭ ହୋଇ ମେ' ୮ ତାରିଖ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଚାଲିବ । 'ନୋଟାମ୍' ହେଉଛି ନୋଟିସ୍ ଟୁ ଏୟାରମ୍ୟାନ୍ । ଏକ ପ୍ରକାର ନୋଟିସ୍ ଯାହା ପାଇଲଟ୍, ଏୟାର ଟ୍ରାଫିକ୍ ନିୟନ୍ତ୍ରକମାନଙ୍କୁ ସମ୍ଭାବ୍ୟ ବିପଦ ବିଷୟରେ ସୂଚନା ଦିଏ । ଫଳରେ ଯୁଦ୍ଧ ଅଭ୍ୟାସ ବେଳେ ସାଧାରଣ ଲୋକ କିମ୍ବା ଅନ୍ୟ କୌଣସି ପ୍ରକାର କ୍ଷତି ହେବ ନାହିଁ । ଉଡ଼ାଣ ସୁରକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ନୋଟାମ୍ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନର ମାନଦଣ୍ଡ ଅନୁଯାୟୀ ଜାରି କରାଯାଏ ଓ ଉଡ଼ାଣ ଯୋଜନାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

## ପ୍ରଧାନମନ୍ତ୍ରୀଙ୍କୁ ପୁଣି ଭେଟିଲେ ଡୋଭାଲ

ନୂଆଦିଲ୍ଲୀ,୬।୫: ଜାତୀୟ ସୁରକ୍ଷା ସଂସ୍ଥା (ଏନଏସଏ) ଉପଦେଷ୍ଟା ଅଜିତ ଡୋଭାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାସସ୍ଥାନରେ ଗତ ୪୮ ଘଣ୍ଟା ମଧ୍ୟରେ ଦ୍ୱିତୀୟ ବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭେଟ ହୋଇଛନ୍ତି । ବୈଠକ ପାକିସ୍ତାନର ଅଭିଯୋଗ ପରେ ଅନୁଷ୍ଠିତ ହୋଇଛି । ପାକିସ୍ତାନ କହିଛି ଯେ ଭାରତ ଚେନାବ ନଦୀର ଜଳପ୍ରବାହକୁ ଅବରୋଧ କରି ଖରିଫ ଫସଲ ଋତୁକୁ ବିପଦରେ ପକାଇଛି । ସୂତ୍ର ଅନୁଯାୟୀ, ଏହି ବୈଠକରେ ଜାତୀୟ ସୁରକ୍ଷା ଏବଂ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା ଡୋଭାଲ ଏବଂ ମୋଦିଙ୍କ ମଧ୍ୟରେ ପ୍ରାୟ ୪୦ମିନିଟ ଧରି ଆଲୋଚନା ଚାଲିଥିଲା । ବୈଠକରେ ସିନ୍ଧୁ ଜଳ ଚୁକ୍ତି ଏବଂ ପାକିସ୍ତାନର ଅଭିଯୋଗକୁ ନେଇ ଭାରତର ଆଗାମୀ ପଦକ୍ଷେପ ଉପରେ ବିଚାର କରାଯାଇଥିବା ଜଣାପଡ଼ିଛି । ପାକିସ୍ତାନ ଦାବି କରିଛି, ଭାରତ ଜମ୍ମୁର ବାଗଲିହାର ଓ ସାଲାଲ ଡ୍ୟାମ୍‌ରେ ଜଳ ଅଟକାଇ ରଖିଛି, ଯାହା ତାଙ୍କ କୃଷି ଉପରେ ଗୁରୁତର ପ୍ରଭାବ ପକାଇପାରେ । ଏହା ବ୍ୟତୀତ, ବୈଠକରେ ସୀମାନ୍ତ ଉତ୍ତେଜନା ଏବଂ ଆତଙ୍କବାଦୀ ଘଟଣା ଉପରେ ମଧ୍ୟ ଆଲୋଚନା ହୋଇଥାଇପାରେ । ଡୋଭାଲ ପ୍ରଧାନମନ୍ତ୍ରୀଙ୍କୁ ସାମ୍ପ୍ରତିକ ସୁରକ୍ଷା ପରିସ୍ଥିତି ବିଷୟରେ ଅବଗତ କରାଇଥିବା ସୂଚନା ମିଳିଛି । ତେବେ ସରକାରୀ ସୂତ୍ରରୁ କୌଣସି ଆନୁଷ୍ଠାନିକ ବିବୃତି ଏନେଇ ଜାରି ହୋଇନାହିଁ ।

## ଆଗକୁ ଗାଁରେ ବି ହେବ ମକ୍ ଡ୍ରିଲ: ସୁରେଶ ପୂଜାରୀ

### ଭୟଭୀତ ହେବାର କୌଣସି କାରଣ ନାହିଁ

ଭୁବନେଶ୍ୱର,୬।୫(ନିପ୍ର): ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ଆସନ୍ତାକାଲି ହେବାକୁ ଥିବା ମକ୍ ଡ୍ରିଲ ଉପରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ଆସନ୍ତାକାଲି ୧୨ଟି ସ୍ଥାନରେ ମକ୍ ଡ୍ରିଲ ହେବା ପରେ ଆଗକୁ ଗାଁରେ ବି ହେବ ମକ୍ ଡ୍ରିଲ । ଯୁଦ୍ଧ ସମୟରେ କ'ଣ କରିବାକୁ ପଡେ, ତା ଉପରେ ଆଡଭାଇଜରୀ ମଧ୍ୟ ଆସିବ । କେବଳ ସେନା ଓ ସରକାର ପ୍ରସ୍ତୁତ ହେଲେ ଚାଲିବ ନାହିଁ, ସାଧାରଣ ଜନତା ମଧ୍ୟ ପ୍ରସ୍ତୁତ ହେବା ଉଚିତ । ଓଡ୍ରାଫ, ଅଗ୍ନିଶମ, ଓଡ଼ିଶା ପୋଲିସ, ଅର୍ଦ୍ଧ ସାମରିକ ବାହିନୀଙ୍କର ମକ୍ ଡ୍ରିଲରେ ଭୂମିକା ରହିବ । ଜନସାଧାରଣ ଭୟଭୀତ ହେବାର କୌଣସି କାରଣ ନାହିଁ, ଏଭଳି ପରିସ୍ଥିତିରେ ଆମକୁ ସଜାଗ ରହିବା ସହ ସାମ୍ନା କରିବାକୁ ପଡ଼ିବ । ଆଗକୁ ଗାଁରେ ବି ହେବ ମକ ଡ୍ରିଲ୍ । ଯୁଦ୍ଧ ସମୟରେ କଣ କରିବାକୁ ପଡେ, ତା ଉପରେ ଆଡଭାଇଜରୀ ମଧ୍ୟ ଆସିବ । କୌଣସି ପରିସ୍ଥିତି ସୃଷ୍ଟି ହେଲେ ସାମ୍ନା କରିବା ପାଇଁ ପୂର୍ବ ପ୍ରସ୍ତୁତି ଆବଶ୍ୟକ । ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ଉତ୍ତେଜନା ସୃଷ୍ଟି ହୋଇଛି, କେତେବେଳେ କ'ଣ ହେବ କିଛି କହି ହେବନି । ଏବେ ପାକିସ୍ତାନରେ ହାହାକାର । କେବଳ ଭାରତ ନୁହେଁ ଆମେରିକା ଭଳି ଦେଶ ମଧ୍ୟ ପୂର୍ବରୁ ଆତଙ୍କବାଦୀ ଆକ୍ରମଣର ସାମ୍ନା କରିଛି ବୋଲି ସୁରେଶ ପୂଜାରୀ କହିଛନ୍ତି ।

## ଏଥର ସଅଳ ଆସିବ ମୌସୁମୀ

### ୧୩ ରେ ଦକ୍ଷିଣ ଆଣ୍ଡାମାନ ଛୁଇଁପାରେ



ନୂଆଦିଲ୍ଲୀ,୬।୫: ଏବର୍ଷ ଆଗୁଆ ଆସିପାରେ ମୌସୁମୀ । ୧୩ ମେ' ରେ ଦକ୍ଷିଣ ଆଣ୍ଡାମାନ ଛୁଇଁପାରେ ମୌସୁମୀ । ଦକ୍ଷିଣ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ନିକୋବର ଦୀପପୁଞ୍ଜ ଅଞ୍ଚଳକୁ ମେ ୧୩ ତାରିଖ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ଅଗ୍ରସର ହେବାକୁ ପାଗ ଅନୁକୂଳ ହେଉଛି । ପ୍ରତିବର୍ଷ ମେ ୧୮ ରୁ ୧୯ ମଧ୍ୟରେ ପ୍ରାୟତଃ ଆଣ୍ଡାମାନ ଛୁଇଁଥାଏ ମୌସୁମୀ ବାୟୁ । ଏହା ପରେ ଆଗକୁ ବଢ଼ି କେରଳ ନିକଟରେ ଜୁନ୍ ପ୍ରଥମ ସପ୍ତାହରେ ପହଞ୍ଚିଥାଏ । କେରଳ ଛୁଇଁବାର ୧୦ ରୁ ୧୨ ଦିନ ମଧ୍ୟରେ ମୌସୁମୀ ଓଡିଶାକୁ ଅଗ୍ରସର ହୋଇଥାଏ । କିନ୍ତୁ ଚଳିତବର୍ଷ ଏହି ପ୍ରକ୍ରିୟା ସହଳ ହେବ । ଏପରିକି ସ୍ୱାଭାବିକ ଠାରୁ ଅଧିକ ଅଧିକ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । କାଳବୈଶାଖୀ ପାଇଁ ଗତ କିଛି ଦିନ ହେବ ରାଜ୍ୟରେ ତାତି କମିଛି । କିନ୍ତୁ ରାଜ୍ୟକୁ ପୁଣି ତାତି ଫେରିବ ତାତି । ୮ରୁ ଗ୍ରୀଷ୍ମପ୍ରବାହ ହୋଇପାରେ । ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିପାରେ ।

### ପହଲଗାମ ଘଟଣା

## ପାକିସ୍ତାନକୁ ଜାତିସଂଘର ଭର୍ତ୍ସନା



ନୂଆଦିଲ୍ଲୀ, ୬।୫: ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ବୈଠକ ଜରିଆରେ ଭାରତ ଉପରେ ଅନ୍ତର୍ଜାତୀୟ ଚାପ ପକାଇବାକୁ ଚାଲ୍ ଖେଳିଥିବା ପାକିସ୍ତାନ ଏବେ ନିଜ ଜାଲରେ ଫସିଯାଇଛି । ପହଲଗାମ ଘଟଣାକୁ ଆନ୍ତର୍ଜାତିକରଣ କରିବାକୁ ଚେଷ୍ଟା କରି ନିଜେ ଭର୍ତ୍ସିତ ହୋଇଛି ପାକିସ୍ତାନ । ଏପରିକି ପାକିସ୍ତାନର ବାରମ୍ବାର ପରମାଣୁ ଯୁଦ୍ଧର ଧମକ ଦେବା କଥାକୁ ନିନ୍ଦା କରିବା ସହ ଏଭଳି ମନ୍ତବ୍ୟ ଉସୁକାଇବା ଭଳି ପରିସ୍ଥିତି ସୃଷ୍ଟି କରୁଥିବାରୁ ଏହାକୁ ତୀବ୍ର ଭର୍ତ୍ସନା କରିଛି ଜାତିସଂଘ । ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଭାବେ ପାକିସ୍ତାନ ଏହି ବୈଠକ ପାଇଁ ଅନୁରୋଧ କରିଥିଲା । ପ୍ରାୟ ଘଣ୍ଟାଏ ଧରି ଚାଲିଥିବା ଏହି ରୁଦ୍ଧଦ୍ୱାର ବୈଠକରେ ପାକିସ୍ତାନକୁ ପହଲଗାମ ଆକ୍ରମଣରେ ଲସ୍କର-ଏ-ତୋଇବାର ସମ୍ପୃକ୍ତି ନେଇ ପାକିସ୍ତାନକୁ ଘେରିଥିଲେ ଜାତିସଂଘ ସୁରକ୍ଷା ପରିଷଦ । ଏଥିସହ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରି ପାକିସ୍ତାନକୁ କଡା ସମାଲୋଚନା କରାଯାଇଥିଲା । ଏହାଛଡା ଆତଙ୍କବାଦୀମାନେ ଧର୍ମ ପଚାରି ପଚାରି ମାରିବା ପ୍ରସଙ୍ଗରେ ମଧ୍ୟ ପାକିସ୍ତାନକୁ ପ୍ରଶ୍ନ କରିଥିଲେ ସୁରକ୍ଷା ପରିଷଦ ସଦସ୍ୟ । ଏହି ବୈଠକରେ ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ କହିଥିଲେ ଯେ, ସାଧାରଣ ଲୋକଙ୍କୁ ନିଶାଣ କରି ହତ୍ୟା କରିବା ଆଦୌ ଗ୍ରହଣୀୟ ନୁହେଁ । ଏହି କାଣ୍ଡ ପାଇ ଯେଉଁମାନେ ଦାୟୀ ସେମାନଙ୍କୁ ନ୍ୟାୟିକ ପ୍ରକ୍ରିୟାରେ ଦଣ୍ଡ ମିଳିବା ଉଚିତ ବୋଲି ଗୁଟେରସ ମତ ରଖିଥିଲେ ।

## ଆତଙ୍କବାଦ ବିରୋଧ ଲଢ଼େଇରେ ଭାରତ ସହ ଆମେରିକା

- ସମର୍ଥନ ଜଣାଇଲେ ବାଚସ୍ପତି ମାଇକ୍ ଜନସନ

ନୂଆଦିଲ୍ଲୀ,୬।୫: ଆତଙ୍କବାଦ ବିରୋଧ ଲଢ଼େଇରେ ଆମେରିକା ଭାରତକୁ ସମର୍ଥନ କରିବ । ଏନେଇ ଆମେରିକା ସଂସଦରେ ବାଚସ୍ପତି ମାଇକ୍ ଜନସନ ଘୋଷଣା କରିଛନ୍ତି । ସେ ଭାରତକୁ ଅନେକ କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ସାଥି ବୋଲି କହିଛନ୍ତି । ସୋମବାର ସଂସଦ କ୍ୟାପିଟାଲ୍ ହିଲ୍‌ରେ ଜନସନ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ଓ ଆମେରିକା ମଧ୍ୟରେ ବ୍ୟବସାୟିକ ବୁଝାମଣା ଉପରେ ଆଲୋଚନା କରିଛନ୍ତି । ଦୁଇ ଦେଶ ମଧ୍ୟରେ ଏହି ସମ୍ପର୍କ ଆଗକୁ ମଜଭୁତ ହେବ ବୋଲି ଆଶା ରଖିଛନ୍ତି । ଏହାଛଡ଼ା ଆତଙ୍କବାଦକୁ ନେଇ ଦଶନ୍ଧି ଧରି ଚାଲୁଥିବା ଲଢ଼େଇରେ ଭାରତକୁ କ'ଣ ସନ୍ଦେଶ ଦେବେ ବୋଲି ପ୍ରଶ୍ନ କରାଯାଇଥିଲା । ତେବେ ଏହି ପ୍ରଶ୍ନରେ ମାଇକ୍ ଜନସନ କହିଛନ୍ତି, ଭାରତୀୟ ସୀମାରେ ଯାହା ସବୁ ଘଟିଛି ବା ଘଟିବାକୁଯାଉଛି, ସେଥିପାଇଁ ଆମେରିକା ସହାନୁଭୂତି ଜଣାଉଛି । ଆମେରିକା ସବୁବେଳେ ତା'ର ସହଯୋଗୀ ଦେଶ ସହିତ ଛିଡ଼ା ହେବାକୁ ଚାହିଁବ । ବ୍ୟବସାୟିକ, କୂଟନୈତିକ ଦୃଷ୍ଟିରୁ ଭାରତ ଆମର ଏକ ଭାଗିଦାରୀ ଦେଶ , ତେଣୁ ଆତଙ୍କବାଦ ବିରୋଧ ଲଢ଼େଇରେ ଆମେରିକା ଭାରତ ସହିତ ଛିଡ଼ା ହେବାକୁ ପସନ୍ଦ କରିବ । ଆମେରିକା ବାଚସ୍ପତିଙ୍କ ପୂର୍ବରୁ ଆମେରିକୀୟ ଗୁଇନ୍ଦା ସଂସ୍ଥାର ମୁଖ୍ୟ ତୁଲସୀ ଗଓ୍ୱାର୍ଡ, ଏଫବିଆଇ ନିର୍ଦ୍ଦେଶକ କାଶ ପଟେଲ୍ ମଧ୍ୟ ଆତଙ୍କବାଦ ବିରୋଧରେ ଭାରତକୁ ସମର୍ଥନ ଦେବେ ବୋଲି ଘୋଷଣା କରିସାରିଛନ୍ତି ।

## ନକଲି ଦୁଗ୍ଧ ପାଉଡର ଜବତ, ଅପମିଶ୍ରଣକାରୀ ଫେରାର

ଜଗତସିଂହପୁର,୬।୫: ଜଗତସିଂହପୁର ଜିଲ୍ଲା ତରାସାହି ସ୍ଥିତ ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ପ୍ରଶାସନିକ ଏକ ଟିମ୍‌ର ଚଢାଉ କରାଯାଇଛି । କେନ୍ଦ୍ରରୁ ଅପମିଶ୍ରଣ ଦୁଗ୍ଧ ସହ ବିପୁଳ ପରିମାଣର ନକଲି ଦୁଗ୍ଧ ପାଉଡର ଜବତ କରାଯାଇଛି । ଉଲ୍ଲାସ ଦାସ ନାମକ ଜନୈକ ଦୁଗ୍ଧ ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ ପରେ ଏଥିରେ ଅପମିଶ୍ରଣ କରି ପରିମାଣ ବଢାଇବା ସହ ଏହାକୁ ଓମ୍‌ଫେଡକୁ ଯୋଗାଣ କରୁଥିଲେ । ତେବେ ଏ ବାବଦରେ ଅଭିଯୋଗ ପରେ ଜଗତସିଂହପୁର ଉପଜିଲ୍ଲାପାଳ ଓ ଜିଲ୍ଲା ଖାଦ୍ୟ ନିରୀକ୍ଷକଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଚଢାଉ କରିଥିଲା । ଏହି ଘଟଣାରେ ତନାଘନା ଜାରି ରହିଛି । କ୍ଷୀରରେ ନକଲି ପାଉଡର ମିଶାଇ ଅପମିଶ୍ରଣ କରାଯାଉଥିଲା ଏବଂ ଏହି ଅପମିଶ୍ରିତ କ୍ଷୀରକୁ ଓମ୍‌ଫେଡକୁ ଚାଲାଣ କରାଯାଉଥିଲା ।

## ବାଣ ଗୋଦାମରେ ନିଆଁ: ୨ ଜୀବନ ଗଲା

ଭଦ୍ରକ,୬।୫(ନିପ୍ର): ଭଦ୍ରକ ପୁରୁଣା ବଜାର ଥାନା ଅଧୀନସ୍ଥ ହଳଦୀଡିହ ଛକ ନିକଟରେ ଥିବା ଏକ ବାଣ ଗୋଦାମରେ ନିଆଁ ଲାଗିଯିବାରୁ ଲକ୍ଷାଧିକ ଟଙ୍କାର ବାଣ ନଷ୍ଟ ହୋଇଛି । ଘଟଣା ସ୍ଥଳରେ ଭଦ୍ରକ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଏହି ଘଟଣାରେ ପାଞ୍ଚ ଜଣ ନିଆଁ ରେ ପୋଡି ହୋଇ ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ ଚିକିତ୍ସା ପାଇଁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି । ସେଠାରେ ଜଣେ ମହିଳା ଓ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଅନ୍ୟ ତିନି ଜଣ ଏବେ ବି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଏହି ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ ବାଣ ଭିଡାରୁ ଘଟିଲା ବୋଲି ଅନ୍ୟ କେତେକ ଚର୍ଚ୍ଚା କରୁଛନ୍ତି । ଅଗ୍ନିଶମ ବିଭାଗ ଓ ପୁରୁଣା ବଜାର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# ମମତାଙ୍କୁ ଚିଠି ଲେଖିଲେ ମୋହନ: ଦୀଘା ମନ୍ଦିରକୁ 'ଧାମ' କୁହା ନ ଯାଉ

### ପ୍ରଚାରରେ ବ୍ୟବହାର ଦ୍ୱନ୍ଦ୍ୱ ସୃଷ୍ଟି କରୁଛି



ଭୁବନେଶ୍ୱର,୬।୫: ଦୀଘା ଜଗନ୍ନାଥ ମନ୍ଦିରକୁ ଧାମ୍ ବୋଲି ମମତା ବାନାର୍ଜୀ ଗୁରୁତ୍ୱ ଦେବା ପ୍ରସଙ୍ଗରେ ତାଙ୍କୁ ମଙ୍ଗଳବାର ଚିଠି ଲେଖିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଲେଖିଥିବା ଚିଠି ରେ କୁହାଯାଇଛି ଯେ 'ଆନ୍ତଃରାଜ୍ୟ ସମ୍ମାନ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ବଜାୟ ରଖାଯାଉ । ଦୀଘା ଜଗନ୍ନାଥ ମନ୍ଦିରକୁ 'ଧାମ' କୁହାନଯାଉ । 'ଧାମ' ଶବ୍ଦ ବ୍ୟବହାରରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଦୂରରେ ରୁହନ୍ତୁ । ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପୁରୀରେ ଥିବା 'ଜଗନ୍ନାଥ ଧାମ' ପବିତ୍ର ସ୍ଥାନ ଏବଂ ସ୍ୱତନ୍ତ୍ର । ଅନ୍ୟ କୌଣସି ଠାରେ 'ଜଗନ୍ନାଥ ଧାମ' ବ୍ୟବହାର ଲୋକଙ୍କୁ ଆଘାତ ଦେଇଛି । କୋଟିକୋଟି ଭକ୍ତ, ତୀର୍ଥଯାତ୍ରୀଙ୍କ ଭାବାବେଗକୁ କୁଠାରାଘାତ କରିଛି । ଦୀଘା ମନ୍ଦିରକୁ ଧାମ କୁହାଯିବା ଏବଂ ପ୍ରଚାରରେ ବ୍ୟବହାର ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ଚିଠିରେ ଉଲ୍ଲେକ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ସୁଦର୍ଶନ ପଟ୍ଟନାୟକ

ଭୁବନେଶ୍ୱର,୬।୫(ନିପ୍ର): ଦୀଘା ଜଗନ୍ନାଥ ମନ୍ଦିରରେ ପଶ୍ଚିମବଙ୍ଗ ସରକାର ଧାମ ଯୋଡିବା ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଏ ବିଷୟରେ ଅବଗତ କରାଇଛନ୍ତି ସୁଦର୍ଶନ । ଧାର୍ମିକ ଭାବାବେଗକୁ ଏହା ଶକ୍ତ ଆଘାତ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି ସୁଦର୍ଶନ । ଶାସ୍ତ୍ର ମତକୁ ମଧ୍ୟ ନିଜ ଚିଠିରେ ସେ ଉଲ୍ଲେଖ କରିଛନ୍ତି । ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ସଠିକ୍ ପଦକ୍ଷେପ ନେବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## 'ପୁରୀରେ କେବଳ ଅଛି ଜଗନ୍ନାଥ ଧାମ'


### ଜିଦିରେ ଅଛନ୍ତି ଦିଦି, ସ୍ଥାୟୀ ଭାବେ ଜଗନ୍ନାଥ ଧାମ ଲେଖା

ନୂଆଦିଲ୍ଲୀ,୬।୫:ଦୀଘା ମନ୍ଦିର ବିବାଦ ଭିତରେ ଜ୍ୟୋତିଃମଠ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ଗୁରୁତ୍ୱପୂର୍ଣ୍ଣ ବିବୃତି ରଖିଛନ୍ତି । ସେ କହିଛନ୍ତି, ପୁରୀରେ କେବଳ ଅଛି ଜଗନ୍ନାଥ ଧାମ । ସବୁ ମନ୍ଦିରକୁ ଧାମ୍ କହି ହେବ ନାହିଁ । ଧାମ କେବଳ ଗୋଟିଏ ସ୍ଥାନ ପାଇଁ ପ୍ରଜୁଜ୍ୟ । ଅନ୍ୟ ମନ୍ଦିରକୁ ଧାମ କହିବା ଆଦୌ ଉଚିତ ନୁହେଁ । ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ୍ କହିବା ଠିକ୍ ନୁହେଁ । ଅପରପକ୍ଷରେ ଜିଦରେ ଅଟଳ ଅଛନ୍ତି ମମତା ବାନାର୍ଜୀ । ଦୀଘାରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୁଣି ବଡ ବଡ ଅକ୍ଷରରେ ଜଗନ୍ନାଥ ଧାମ ପୋଷ୍ଟର ମରାଯାଇଛି । ଦୀଘା ଜଗନ୍ନାଥ ମନ୍ଦିର ଉଦ୍‌ଘାଟନ ସମୟରେ ଯେଉଁ ଅସ୍ଥାୟୀ କାଗଜ ଓ ଥର୍ମାକୋଲରେ ସେଲ୍ଫି ପଏଣ୍ଟ କରାଯାଇଥିଲା ସେଥିରେ ଦୀଘା ଜଗନ୍ନାଥ ଧାମ ଲେଖାଥିଲା । ୩୦ ତାରିଖ ଉଦଘାଟନ ପରେ ୧ ତାରିଖ ଦିନ ଟେଣ୍ଟ ମାଲିକ ଖୋଲି ନେଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥ ଧାମ ଶବ୍ଦକୁ ହଟାଇବା ପାଇଁ ଜୋରଦାର ପ୍ରତିବାଦ ଓ ବିବାଦ ଦେଖିବାକୁ ମିଳିଥିଲା । ଏହାରି ଭିତରେ ସୋମବାର ବିଜେପିର ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ ଟୁଇଟ କରି ମମତା ଜଗନ୍ନାଥ ଧାମ ଉଠାଇ ନେଇଥିବା ପୋଷ୍ଟ କରିଥିଲେ । ତେବେ ଦିଦି ମୁଣ୍ଡ ନୁଆଁଇ ଜଗନ୍ନାଥ ଧାମ ଉଠାଇ ନେଇଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ପରେ ଗତକାଲି ରାତିରେ ପୁଣି ସ୍ଥାୟୀ ଭାବେ ମନ୍ଦିର ସମ୍ମୁଖରେ ଜଗନ୍ନାଥ ଧାମ ବୋଲି ଲଗା ଯାଇଛି ।

CMYK

# ବିଶ୍ୱର ସବୁଠୁ ବଡ଼ ମନ୍ଦିର

*ଭାରତରେ ନିର୍ମାଣ ହୋଇଥିବା ଅନେକ ବଡ ବଡ଼ ଭବ୍ୟ ମନ୍ଦିର ଶହ ଶହ ବର୍ଷର ଇତିହାସକୁ ପ୍ରତିପାଦିତ କରିଥାଏ । ଏଗୁଡ଼ିକୁ ଯେତିକି ତର୍ଜମା କରିବେ ସେତିକି ରୋଚକ ତଥ୍ୟ ସାମ୍ନାକୁ ଆସେ । ଆପଣ ବିଶ୍ୱର ଅନେକ ମନ୍ଦିର ବୁଲିଥିଲେ ନିଶ୍ଚୟ କିନ୍ତୁ ଜାଣନ୍ତି କି ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର କେଉଁଠି ଅଛି ?*



କାମ୍ବୋଡିଆ ଦେଶରେ ବିଶ୍ୱର ସବୁଠାରୁ ବହତ୍ତମ ମନ୍ଦିର ରହିଛି । ଏହା ଅଙ୍ଗକୋର ୱାଟ ନାମରେ ଜଣାଶୁଣା । ଆଙ୍ଗୋକୋରିୟମ୍ ନାମକ ଏକ ସହରରେ ଏହି ମନ୍ଦିର ଅବସ୍ଥିତ, ଯାହାକୁ ପ୍ରାଚୀନ କାଳରେ ଯଶୋଦରପୁର କୁହାଯାଉଥିଲା । ଏହି ବିଶାଳ ମନ୍ଦିର ଦ୍ୱାଦଶ ଶତାବ୍ଦୀରେ କାମ୍ବୁଜ ରାଜା ସୂର୍ଯ୍ୟବର୍ମା ଦ୍ୱିତୀୟ ନିର୍ମାଣ କରିଥିଲେ । ଭଗବାନ ବିଷ୍ଣୁଙ୍କୁ ଏହି ମନ୍ଦିର ସମର୍ପିତ । ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ମନ୍ଦିର ଚାରିପାଖରେ ଏକ ଗଭୀର ଗାତ ଅଛି, ଯାହାର ଲମ୍ବ ଅଢେଇ ମାଇଲ ଏବଂ ଓସାର ୬୫୦ ଫୁଟ । ଏହି ଖାଇକୁ ପାର କରିବାକୁ ପଥର ବ୍ରିଜ୍ ନିର୍ମାଣ କରାଯାଇଛି । କାମ୍ବୋଡିଆରେ ଅବସ୍ଥିତ ଅଙ୍ଗକୋର ୱାଟ, ଦୁନିଆର ସବୁଠାରୁ ଧାର୍ମିକ ସ୍ମାରକୀ ମଧ୍ୟରୁ ଏହା ଅନ୍ୟତମ । ୧୬୨ ହେକ୍ଟର ବିଶାଳ ସ୍ଥାନରେ ଏହା ନିର୍ମିତ ହୋଇଛି । ବିରାଟ ଆକାର, କଳା ସ୍ଥାପତ୍ୟ ଓ ସୌନ୍ଦର୍ଯ୍ୟକୁ ନେଇ ଏହା ବେଶ ଜଣାଶୁଣା । ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭରେ ଖାମିର ଶାସନ ସମୟରେ ଏହି ମନ୍ଦିର ନିର୍ମିତ ହୋଇଥିଲା, ଯାହା ହିନ୍ଦୁ






ବ୍ରହ୍ମାଣ୍ଡରେ ବ୍ରହ୍ମାଣ୍ଡର କେନ୍ଦ୍ର ମେରୁ ପର୍ବତର ପ୍ରତୀକ କରିବା ପାଇଁ ପରିକଳ୍ପନା କରାଯାଇଥିଲା । କାମ୍ବୋଡିଆରେ ଥିବା ମନ୍ଦିରରେ ଖୋଦିତ ହୋଇଥିବା କାରୁକାର୍ଯ୍ୟ ବେଶ ଆକର୍ଷଣୀୟ । ଏହା ପାଖରେ ଏକ ବଡ ଟାୱାର ରହିଛି । ଛୋଟ ଛୋଟ ଟାୱାର ଏହାକୁ ଘେରି ରହିଛି । ଏହି ସମସ୍ତ ଟାୱାରଗୁଡିକ ଗ୍ୟାଲେରୀ ଏବଂ କାନ୍ଥ ସହ ଜଡିତ । ଯେଉଁଥିରେ ଜଟିଳ ଚିତ୍ର ମାନ କରାଯାଇଛି । ହିନ୍ଦୁ ପୁରାଣର କାହାଣୀ ଏବଂ ଖାମିର ରାଜାମାନଙ୍କ ବିଷୟରେ ଉଲ୍ଲେଖ ରହିଛି । ଅଙ୍ଗକୋର ୱାଟ କାମ୍ବୋଡିଆର ପ୍ରତୀକ । ଏହି ମନ୍ଦିର କଳା ସ୍ଥାପତ୍ୟର ସୌନ୍ଦର୍ଯ୍ୟ ସାଙ୍ଗକୁ ସାଂସ୍କୃତିକ ଏବଂ ଐତିହାସିକ ଗୁରୁତ୍ୱ ବହନ କରେ । ଏହା କାମ୍ବୋଡିଆର ଜାତୀୟ ପ୍ରତୀକ ଭାବରେ ଜଣାଶୁଣା ଏବଂ କାମ୍ବୋଡିଆ ପତାକା ଉପରେ ଏହାର ଚିତ୍ର ପ୍ରଦର୍ଶିତ ହୋଇଛି । ଭଗବାନ ବିଷ୍ଣୁଙ୍କୁ ଉତ୍ସର୍ଗୀକୃତ ହିନ୍ଦୁ ମନ୍ଦିର ଭାବରେ ନିର୍ମିତ ଅଙ୍ଗକୋର ୱାଟ ଧୀରେ ଧୀରେ ଏକ ବୌଦ୍ଧ ମନ୍ଦିରରେ ପରିଣତ ହୋଇଥିଲା । ଅଙ୍ଗକୋର ୱାଟର ସବୁଠାରୁ ଆକର୍ଷଣୀୟ ବିଶେଷତ୍ୱ ହେଉଛି ଏହାର ବେସ୍ ରିଲିଫର ସିରିଜ, ଯାହା ୮୦୦ ମିଟରରୁ ଅଧିକ କାନ୍ଥରେ ଖୋଦିତ ହୋଇଛି । ଏହାକୁ ପଥରରେ ଖୋଦିତ କରାଯାଇଥିବା ବେଳେ ଐତିହାସିକ ଘଟଣା, ଯୁଦ୍ଧ, ମହାଭାରତ ଏବଂ ରାମାୟଣକୁ ପ୍ରତିପାଦିତ କରିଥାଏ ।

# ସମସ୍ତଙ୍କ ଠାରେ ରାମ



ମହାନ ସନ୍ଥ କବୀର ଅଧିକାଂଶ ସମୟରେ ଗାଉଥିଲେ, 'କବିରାହିଁ ଫିକର୍ ନ ରାମ କି ଘୁମତ୍ ମସ୍ତ ଫକୀର୍ । ପିଛେ ପିଛେ ରାମ୍ ହେ, କହତ୍ କବୀର-କବୀର୍ । ଜଣେ ଶିଷ୍ୟ ପଚାରିଲା, ଗୁରୁଜୀ, ଯଦି ଭଗବାନ ରାମ ସବୁବେଳେ ଆପଣଙ୍କ ପଛରେ ବୁଲୁଛନ୍ତି, ତା'ହେଲେ ଆମକୁ ବି ଥରେ ତାଙ୍କର ଦର୍ଶନ କରିବାର ସୌଭାଗ୍ୟ ଦିଅନ୍ତୁ ନା' । କବୀର କହିଲେ, ଭଗବାନ କେବଳ ତା'କୁ ହିଁ ଦର୍ଶନ ଦିଅନ୍ତି, ଯିଏ ଦୁର୍ବ୍ୟସନରୁ ମୁକ୍ତ ହୋଇଥାଏ, ପରିଶ୍ରମରୁ ରୋଜଗାର କରିଥାଏ ଏବଂ ଗରିବ-ନିରାଶ୍ରୟ ଓ ସାଧୁସନ୍ଥମାନଙ୍କୁ ଭୋଜନ ଦାନ କରିଥାଏ । ସଚ୍ଚୋଟତାର ସହ ରୋଜଗାର କର ଏବଂ ସେହି ରୋଜଗାରରୁ ଖାଦ୍ୟ ପ୍ରସ୍ତୁତ କରି ସାଧୁସନ୍ଥମାନଙ୍କୁ ସନ୍ତୁଷ୍ଟ କର, ଭଗବାନ ନିଶ୍ଚିତ ଭାବେ ଦର୍ଶନ ଦେବେ । ଶିଷ୍ୟ ନିଜ ଅବଗୁଣକୁ ତ୍ୟାଗ କଲା ଏବଂ ପରିଶ୍ରମ କରି ରୋଜଗାର କରିବାକୁ ଲାଗିଲା । ଦିନେ ସେ କହିଲା, ଗୁରୁଦେବ ଆଜି ମୁଁ ସାଧୁସନ୍ଥଙ୍କ ପାଇଁ ଭୋଜନ ବ୍ୟବସ୍ଥା କରିଛି । ଆପଣ ଭୋଜନ କରିବାକୁ ଆସନ୍ତୁ ଏବଂ ମୋତେ ଭଗବାନଙ୍କ ଦର୍ଶନ କରାନ୍ତୁ । ଭୋଜନ କାର୍ଯ୍ୟକ୍ରମରେ ଅନେକ ସାଧୁସନ୍ଥ ପହଞ୍ଚିଲେ । ଶିଷ୍ୟ କବୀରଦାସଙ୍କ ପ୍ରତୀକ୍ଷା କରିବାକୁ ଲାଗିଲା । ଅଚାନକ ସେ ଦେଖିଲା ଯେ ଏକ ମଇଁଷି ରୋଷେଇ ଘରେ ପ୍ରବେଶ କରି ପୁରି ଥିବା ଝୁଡ଼ିରେ ମୁହଁ ମାରୁଛି । ଏଥିରେ କ୍ରୋଧିତ ହୋଇ ଶିଷ୍ୟ ଉକ୍ତ ମଇଁଷିକୁ ପିଟିବା ଆରମ୍ଭ କରିଦେଲା । ଏହି ସମୟରେ ସନ୍ଥ କବୀର ସେହି ମଇଁଷିକୁ କୁଣ୍ଢାଇ ଧରି କହୁଥିଲେ, ହେ ରାମ୍, ତୁମ ଉପରେ ରାବଣ ମଧ୍ୟ ଏପରି ଜୁଲମ୍ କରିନଥିବ, ଯେପରି ମୋ ଶିଷ୍ୟ କରୁଛି । ଶିଷ୍ୟକୁ ଦେଖି କବୀର କହିଲେ, ରେ ଦୁଷ୍ଟ. ଭଗବାନ ଭୋଜନ କରିବାକୁ ଆସିଥିଲେ । ତୁମେ କଂସେଇ ଭଳି ବ୍ୟବହାର କାହିଁକି କଲ ? ଶିଷ୍ୟ ବୁଝିଗଲା ଯେ କବୀର ପ୍ରାଣୀ ମାତ୍ରକେ ରାମଙ୍କ ଦର୍ଶନ କରିଥାନ୍ତି । ସେ ତାଙ୍କ ଚରଣରେ ଲୋଟିପଡ଼ିଲା ।

# ଈଶ୍ୱରଙ୍କ ପ୍ରତି ଦୃଢ଼ ଶ୍ରଦ୍ଧା



ମନୁଷ୍ୟ ସାଧାରଣତଃ ନିଦ୍ରା, ଅଚେତ କିମ୍ବା ଅଧା ଜାଗରଣ ରହି କାର୍ଯ୍ୟ କରିଥାଏ । ସେ କିଏ, କ'ଣ କରୁଛି, କାହିଁକି କରୁଛି ଏବଂ କାହାର ପ୍ରେରଣା ଯୋଗୁଁ କରୁଛି, ଏହାର ସୂଚନା ମନୁଷ୍ୟ ନିକଟରେ ନ ଥାଏ । ଏପରି ଭାବେ ମନୁଷ୍ୟ ନିଜର ସାରା ଜୀବନ କାଟିଦେଇଥାଏ । ସାଧାରଣତଃ ଆମେ ନିଜ ଅଭ୍ୟାସ, ମାନ୍ୟତା, ରୀତିନୀତି ଏବଂ ପ୍ରଚଳିତ ପ୍ରଥା ଅନୁଯାୟୀ ହିଁ ଜୀବନ ନିର୍ବାହ କରିଥାଉ । ଏଣୁ ନିମ୍ନ ପ୍ରକୃତି ଏବଂ ଦିବ୍ୟ ପ୍ରକୃତି ମଧ୍ୟରେ ପ୍ରଭେଦ ଜାଣିବାର ଦିବ୍ୟ ଦୃଷ୍ଟି ମନୁଷ୍ୟ ନିକଟରେ ରହିବା ଆବଶ୍ୟକ ।ଏହାବ୍ୟତୀତ ଦିବ୍ୟ କର୍ମ କରିବା ନିମନ୍ତେ ଆତ୍ମବିଶ୍ୱାସ, ସାହସ, ଦୃଢ଼ସଂକଳ୍ପ ଶକ୍ତି ଆଦି ଗୁଣର ଆବଶ୍ୟକତା ରହିଛି । ପ୍ରଭୁଙ୍କ ବିଶ୍ୱାସପାତ୍ର ସେବକ ହେବା ଲାଗି ଏହି ଯୋଗ୍ୟତାର ଆବଶ୍ୟକତା ରହିଛି । ମହାଯୋଗୀ ଶ୍ରୀଅରବିନ୍ଦ ନିଜ ପୁସ୍ତକ 'ମା'ରେ କହିଛନ୍ତି, ସ୍ୱଚ୍ଛ ହୃଦୟ ଏବଂ ମନରେ ଥିବା ଅଭୀପ୍ସା ତୀବ୍ର ରହିଥିଲେ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ସାର୍ଥକ ଏବଂ ଶୁଦ୍ଧ ହୋଇଥାଏ । ଶ୍ରଦ୍ଧା ଦୃଢ଼ ହେଲେ ସାଧକ ପରମତତ୍ତ୍ୱର ଅନୁଭବ କରିପାରିବ । ମାତ୍ର ବର୍ତ୍ତମାନ ସମୟରେ ଶ୍ରଦ୍ଧାର ଅଭାବ ଯୋଗୁ ମନୁଷ୍ୟ ଜୀବନ ବିଷମୟ ହୋଇଉଠିଛି । ବାସ୍ତବ ଶ୍ରଦ୍ଧା ବର୍ତ୍ତମାନ ସ୍ୱପ୍ନ ପାଲଟିଯାଇଛି । ପ୍ରକୃତ ଶ୍ରଦ୍ଧା ରହିଲେ ଜୀବନ ଧନ୍ୟ ହୋଇଥାଏ । ପୂର୍ଣ୍ଣ ଶ୍ରଦ୍ଧାର ସହ ଜୀବନଯାପନ କଲେ ଚେତନାର ବିକାଶ ହୋଇଥାଏ । ହୃଦୟ ଆହୁରି ଈଶ୍ୱରଙ୍କ ନିକଟତର ହୋଇଥାଏ । ମନୁଷ୍ୟ ଈଶ୍ୱରଙ୍କୁ ଅନୁଭବ କରିପାରିଥାଏ । ଏହାକୁ ହିଁ ସିଦ୍ଧିର ସୀମା କୁହାଯାଏ । ଏଭଳି ସ୍ଥିତିରେ ସମସ୍ୟା, ବିଚାର, ଦୃଷ୍ଟି, କ୍ରିୟା ଏବଂ ଶ୍ୱାସପ୍ରଶ୍ୱାସ ସବୁ ଈଶ୍ୱରଙ୍କର ହୋଇଯାଇଥାଏ ।

## ଏମିତି ଏକ ଗାଁ; ଭାରତରେ ଖାଆନ୍ତି, ମିଆଁମାରରେ ଶୁଅନ୍ତି

ଭାରତରେ ଅନେକ ଗାଁ ରହିଛି । ପ୍ରତ୍ୟେକ ଗାଁର ନିଜସ୍ୱ ସ୍ୱତନ୍ତ୍ରତା ତଥା ବିଶେଷତା ରହିଥାଏ । ସେମିତି ଏକ ଗାଁ ହେଉଛି ନାଗାଲାଣ୍ଡର ଲୋଙ୍ଗୱା ଗ୍ରାମ । ଏହି ଗାଁ ଦୁଇଟି ଦେଶର ସୀମାବର୍ତ୍ତୀ ଅଞ୍ଚଳରେ ରହିଛି । ଏହାର ଅଧା ଅଂଶ ଭାରତରେ ଥିବାବେଳେ ଅଧା ଅଂଶ ମିଆଁମାରରେ ରହିଛି । ଲୋଙ୍ଗୱା ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ବେଶ୍ ପରିଚିତ । ଜଙ୍ଗଲ ମଧ୍ୟରେ ଏହି ଗାଁଟି ରହିଛି । ଏଠାରେ ମୁଖ୍ୟତଃ ଆଦିବାସୀ ଲୋକେ ରୁହନ୍ତି । ୧୯୭୦-୭୧ ମଧ୍ୟରେ ଏହି ଗାଁ ଦେଇ ଭାରତ-ମିଆଁମାର ସୀମାରେଖା ଯାଇଥିଲା । ସେବେଠାରୁ ଏହି ଗାଁ ଦୁଇଟି ଭାଗରେ ବିଭକ୍ତ ହୋଇଛି । ଏହି କାରଣରୁ ଗାଁରେ କିଛି ଲୋକଙ୍କ ରୋଷେଇ ଘର ଭାରତରେ ଥିବାବେଳେ, ଶୋଇବା ଘର ମିଆଁମାରରେ ଅଛି । ତେଣୁ ଲୋକେ ଖାଇବାକୁ ଭାରତ ଆସୁଥିବାବେଳେ, ଶୋଇବାକୁ ମିଆଁମାର ଯାଆନ୍ତି ବୋଲି କୁହାଯାଏ । ଏହା ଏକ ସୀମାନ୍ତବର୍ତ୍ତୀ ଗାଁ ହୋଇଥିବାରୁ ଏଠାରେ ଲୋକଙ୍କୁ ଦୁଇ ଦେଶର ନାଗରିକତା ପ୍ରଦାନ କରାଯାଇଛି । ଏଠାକାର ଲୋକେ ବିନା ପାସପୋର୍ଟ ଓ ଭିସାରେ ଉଭୟ ଦେଶରେ ଯାତାୟାତ କରିପାରନ୍ତି ।



## ଶନିଙ୍କ ଦୃଷ୍ଟିରୁ ରକ୍ଷା ପାଇନଥିଲେ

# ଗୁରୁ ବୃହସ୍ପତି

ଶନିଙ୍କର ବିଦ୍ୟା ଅଧ୍ୟୟନର ବୟସ ହେବା ବେଳକୁ ଦେବଗୁରୁ ବୃହସ୍ପତି କୌଣସି ଏକ କାରଣରୁ ସ୍ୱର୍ଗରୁ ଆସି ମର୍ତ୍ତ୍ୟରେ ବାସ କରୁଥିଲେ । ଶନି ନିଜର ପରିଚୟ ଗୋପନ ରଖି ଗୁରୁ ବୃହସ୍ପତିଙ୍କ ନିକଟରେ ବିଦ୍ୟା ଗ୍ରହଣ କଲେ । ବିଦ୍ୟା ଅଧ୍ୟୟନ ଶେଷ ହେବା ପରେ ଶନି ଗୁରୁ ଦକ୍ଷିଣା ଦେବାପାଇଁ କହିବାରୁ ଗୁରୁ ବୃହସ୍ପତି ଶନିଙ୍କୁ ତାଙ୍କ ପ୍ରକୃତ ପରିଚୟ ମାଗିଲେ । ଶନି ନିଜର ପ୍ରକୃତ ପରିଚୟ ଦେବାରୁ ବୃହସ୍ପତି ଭୟ ପାଇ କହିଲେ ତୁମେତ ଗ୍ରହରାଜ । ତୁମେ ମୋତେ ଗୁରୁ ଦକ୍ଷିଣା ଦିଅ ଯେ ଯେତେଦିନ ମୁଁ ମର୍ତ୍ତ୍ୟ ମଣ୍ଡଳରେ ରହିଥିବି ସେତେଦିନ ତୁମର କଠୋର ଦୃଷ୍ଟି ମୋ ଉପରେ ପଡ଼ିବ ନାହିଁ । ଏହା ଶୁଣି ଶନିଶ୍ଚର କହିଲେ ଯେ ଗୁରୁଦେବ ଏହା ସମ୍ଭବ ହୋଇ ପାରିବ ନାହିଁ । ମାତ୍ର ଦିନକ ପାଇଁ ଆପଣଙ୍କ ଉପରେ ମୋର ଦୃଷ୍ଟି ପଡ଼ିବ ।



# ଅଗ୍ନିଙ୍କୁ କୁହାଗଲା ବ୍ରହ୍ମାଗ୍ନି



ଏକଦା ବିଷ୍ଣୁଙ୍କର ଜିହ୍ୱାରୁ ଏକ ଦେବୀ ଜନ୍ମଲାଭ କଲେ । ସେ ଥିଲେ ପରମାସୁନ୍ଦରୀ । ବିଷ୍ଣୁ ତାଙ୍କର ନାମ ଦେଲେ ସାବିତ୍ରୀ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ସେ ଖ୍ୟାତ ହେଲେ । ସେ ବିଷ୍ଣୁଙ୍କର ହେଲେ ପ୍ରଧାନ ଭକ୍ତ । ସେ ବିଷ୍ଣୁଙ୍କୁ ଭକ୍ତିରେ ପ୍ରାର୍ଥନା କରିବାରୁ ବିଷ୍ଣୁ ସନ୍ତୁଷ୍ଟ ହୋଇ ତାଙ୍କୁ ନେଇ ରତ୍ନସିଂହାସନରେ ବସାଇଲେ । ତତ୍ପରେ ଆଉ ଏକ ପୁରୁଷ ଜନ୍ମଲାଭ କଲେ । ହାତରେ ତାଙ୍କର ଥିଲା ଦିବ୍ୟ ଫୁଲ ଧନୁଶର । ସେ ଦେଖାଯାଉଥିଲେ ଅତି ସୁନ୍ଦର । କାମୀଜନମାନଙ୍କର ମନୋମୁଗ୍ଧକାରୀ ଥିବାରୁ ତାଙ୍କର ନାମ ଦେଲେ କାମଦେବ । ସେହି କାମଦେବଙ୍କ ବାମପାର୍ଶ୍ୱରୁ ଏକ ଦେବୀଙ୍କ ଆବିର୍ଭାବ ହେଲା । ତାଙ୍କର ରୂପକାନ୍ତି ଅପ୍‌ସରାମାନଙ୍କ ରୂପକାନ୍ତିଠାରୁ ବଳି ପଡୁଥିଲା । ତାଙ୍କର ସୌନ୍ଦର୍ଯ୍ୟରେ ଦେବତାମାନେ ଅସ୍ଥିର ହୋଇଉଠିଲେ । ତାଙ୍କ ନାମ ଦେଲେ ରତି । ରତି କାମଦେବଙ୍କର ହେଲେ ଯୋଗ୍ୟା ପ୍ରିୟବତୀ । ଦୁହେଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁ ସେମାନଙ୍କ ଉପରେ ସନ୍ତୁଷ୍ଟ ହୋଇ ରତ୍ନସିହାଂସନରେ ସେମାନଙ୍କୁ ସ୍ଥାନ ଦେଲେ । ତାଙ୍କର ଅନ୍ୟନାମ ହେଲା ମନ୍ମଥ । କାରଣ ଦେବତା ଓ ଋଷିମାନଙ୍କ ମନକୁ ସେ ମନ୍ଥନ କରୁଥିଲେ । ମନ୍ମଥଙ୍କ ହସ୍ତରେ ଥିଲା ପଞ୍ଚବାଣ, ଯଥା -- ମାରଣ, ସ୍ତମ୍ଭନ, ଜୃମ୍ଭନ, ଶୋଷଣ ଓ ଉନ୍ମାଦନା । ଏହି ପଞ୍ଚବାଣ ପାଞ୍ଚଟି ଫୁଲଶର । କାମଦେବଙ୍କ ଏହି ପଞ୍ଚଶରର ପ୍ରଭାବରୁ ଦେବ, ଦାନବ, ମାନବ, ଯକ୍ଷ, ଋଷି କେହି ରକ୍ଷା ପାଇପାରିଲେ ନାହିଁ । ଏପରିକି ବ୍ରହ୍ମା ଯେ କି ସୃଷ୍ଟିର ସର୍ଜନାକାରୀ ସେ ମଧ୍ୟ ରକ୍ଷା ପାଇପାରିଲେ ନାହିଁ । କାମବାଣରେ ସେ ଜର୍ଜରିତ ହୋଇ ରତିଙ୍କ ଉପରେ ଦୃଷ୍ଟିପାତ କରନ୍ତେ ତାଙ୍କର ତେଜ ପ୍ରକାଶିତ ହେଲା । ସେହି ତେଜ କରାଳରୂପ ଧାରଣ କଲା । ବିଷ୍ଣୁ ତା'ର ନାମଦେଲେ 'ଅଗ୍ନି' । ଏଥିସହ ଅଗ୍ନିଙ୍କୁ ଯଜ୍ଞର ଅଧିକାରୀ ହେବା ପାଇଁ ବର ମଧ ଦେଲେ । ତତ୍ପରେ ତାଙ୍କୁ ଦ୍ୱିତୀୟ ଦିଗପାଳ ରୂପେ ଅବସ୍ଥାପିତ କଲେ । ଆଗ୍ନେୟଗିରି ହେଲା ଅଗ୍ନିଙ୍କ ବାସସ୍ଥାନ । ଏହିପରି ବ୍ରହ୍ମାଙ୍କର ବ୍ରହ୍ମରୁ ଜାତ ହୋଇଥିବାରୁ ଅଗ୍ନିଙ୍କୁ ବ୍ରହ୍ମାଗ୍ନି ମଧ କୁହାଗଲା ।

***<u>କାମବାଣରେ ସେ ଜର୍ଜରିତ ହୋଇ ରତିଙ୍କ ଉପରେ ଦୃଷ୍ଟିପାତ କରନ୍ତେ ତାଙ୍କର ତେଜ ପ୍ରକାଶିତ ହେଲା । ସେହି ତେଜ କରାଳରୂପ ଧାରଣ କଲା । ବିଷ୍ଣୁ ତା'ର ନାମଦେଲେ 'ଅଗ୍ନି' । ଆଗ୍ନେୟଗିରି ହେଲା ଅଗ୍ନିଙ୍କ ବାସସ୍ଥାନ । ଏହିପରି ବ୍ରହ୍ମାଙ୍କର ବ୍ରହ୍ମରୁ ଜାତ ହୋଇଥିବାରୁ ଅଗ୍ନିଙ୍କୁ ବ୍ରହ୍ମାଗ୍ନି ମଧ କୁହାଗଲା ।</u>***

# ମାନବ ସଂଯମୀ ହେବା ଉଚିତ



*ମାନବ ସଂଯମୀ ହେବା ଉଚିତ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ ।*

ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ । ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ । ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଞ୍ଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ ବଳିଯାଇଛି !

## ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ଭାପୁର,(ନିପ୍ର): ଭାପୁର ପ୍ରାଥମିକ ଶିକ୍ଷକ ସଂଘର ବରିଷ୍ଠ ଶିକ୍ଷକ ନେତା ନିରଞ୍ଜନ ଦଳବେହେରାଙ୍କ ସଭାପତିତ୍ୱରେ ମଙ୍ଗଳବାର ମାଆ ଝାଡେଶ୍ୱରୀଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରି ଶୈକ୍ଷିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ମୁଖ୍ୟତଃ, ଏଲିମେଣ୍ଟାରି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଫୁଲ୍ଲ କୁମାର ନନ୍ଦ ଏବଂ ସମ୍ପାଦକ ସୁରେଶ କୁମାର ମହାରଣା ସଙ୍ଘୀୟ ବାର୍ତ୍ତା ଉପସ୍ଥାପନ କରିଥିବାବେଳେ ବରିଷ୍ଠ ଶିକ୍ଷକ ପଞ୍ଚାନନ ମହାପାତ୍ର ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ନିଜର ବକ୍ତବ୍ୟ



ରଖିଥିଲେ ଏବଂ ସର୍ବସମ୍ମତିକ୍ରମେ ତାହା ଗୃହୀତ ହୋଇଥିଲା । ଏହି ପରିପ୍ରେକ୍ଷୀରେ, ନୂତନ ଭାବରେ ସଭାପତି ପ୍ରସନ୍ନ କୁମାର ଲେଙ୍କା,ଉପସଭାପତି ବନ୍ଦନା ସାସମଲ, ଦେବେନ୍ଦ୍ର ଆଚାର୍ଯ୍ୟ, ସହଦେବ ପଲେଇ,କାର୍ଯ୍ୟକାରୀ ସଭାପତି କେଲୁ ଚରଣ ସ୍ୱାଇଁ,ଭ୍ରମରବର ଦାସ, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ଖୁଣ୍ଟିଆ,ସହ ସମ୍ପାଦକ ବିଜୟ ଲକ୍ଷ୍ମୀ ପରିଡ଼ା,ମଥୁରା ନନ୍ଦ ବେହେରା,ଯୁଗ୍ମ ସମ୍ପାଦକ ଅରୁଣ ଦାସ,ସରୋଜିନୀ ପଣ୍ଡା,ଅର୍ତ୍ତବନ୍ଧୁ ଷଡ଼ଙ୍ଗୀ,ନବଘନ ବିଶ୍ୱାଳ,ସଂଗଠନ ସମ୍ପାଦକ ତ୍ରିଲୋଚନ ସାହୁ, ସଂଯୁକ୍ତା ସାହୁ,ଜିଲ୍ଲା ନେତୃତ୍ୱ ପଞ୍ଚାନନ ମହାପାତ୍ର,ଅମିୟ ଜେନା,କୋଷାଧ୍ୟକ୍ଷ ଭଗବାନ ଶୁକ୍ଳା, ଅଡିଟର ଶିଶିର ସାହୁ, ଫକିର ବେହେରା,ମିଡିଆ ସଂଯୋଜକ କାହ୍ନୁ ଚରଣ ବେହେରା, କ୍ଲଷ୍ଟର ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ୯ ଜଣ ଏବଂ ଉପଦେଷ୍ଟା ମଣ୍ଡଳୀ ରେ ନିରଞ୍ଜନ ଦଳବେହେରାଙ୍କ ନେତୃତ୍ୱରେ ୬ ଜଣ ନିଯୁକ୍ତ ହୋଇଛନ୍ତି ।

## ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ଦାବି

ଖଣ୍ଡପଡା,(ନି.ପ୍ର):ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଖଣ୍ଡପଡା ତହସିଲ ପ୍ରଶାସନ ଦୃଷ୍ଟି ଦେଉନାହିଁ । ଫଳରେ ଦୀପତଳ ଅନ୍ଧାର ପରି ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖସ୍ଥ ସରକାରୀ ଜାଗା ବର୍ଷ ବର୍ଷ ଧରି ଜବରଦଖଲକାରୀଙ୍କ କବଜାରେ କବଳିତ ହୋଇ ରହିଛି । ଖାଲି ସେତିକି ନୁହେଁ ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅବକାରୀ କାର୍ଯ୍ୟାଳୟ ଓ ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଜାଗାରେ ଜବରଦଖଲକାରୀ ମାନେ ସ୍ଥାୟୀ ଗୃହ ଓ ଦୋକାନ ଗୃହ ନିର୍ମାଣ କରି ରହି ଆସୁଛନ୍ତି ।

## ଲକ୍ଷ୍ମୀନୃସିଂହ ଯାତ୍ରା ସକାଶେ ପ୍ରସ୍ତୁତି

ହିଞ୍ଜିଳିକାଟୁ, (ନିପ୍ର): ଆସନ୍ତା ୧୧ ତାରିଖ ଠାରୁ ହିଞ୍ଜିଳିକାଟୁ ପ୍ରସିଦ୍ଧ ତଥା ସହରର ଇଷ୍ଟଦେବ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ତ୍ରିଦିନାତ୍ମକ ଯାତ୍ରା ଉତ୍ସବ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ତହସିଲଦାର ତପନ କୁମାର ମହାପାତ୍ର, ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ, ହିଞ୍ଜିଳି ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠି ମଞ୍ଚାସିନ ଥିଲେ । ଯାତ୍ରାର ୩ ଦିନ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱାରୋପ କରାଯାଇ ପ୍ରତ୍ୟେକ ସାହିବସ୍ତିକୁ ସ୍ୱଚ୍ଛ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ସ୍ୱାସ୍ଥ୍ୟ,ପରିମଳ, ୱାଟକୋ ଉପଖଣ୍ଡ ବିଭାଗ ପକ୍ଷରୁ ସହରବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ନକରିବା, ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ଯାତ୍ରା ୩ଦିନ ସହରର ସମସ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ଉପରେ ଆଲୋଚନା ହୋଇଥିଲା । ହିଞ୍ଜିଳିକାଟୁ ସହରର ଇଷ୍ଟଦେବ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ଯାତ୍ରାଶ୍ଚୋବ ବାଣ ଯାତ୍ରା ସକାଶେ ପ୍ରସିଦ୍ଧ ଲାଭ କରିଥିଲା ।

## ରାସ୍ତା ପାର୍ଶ୍ୱରୁ ଲୁହା ପ୍ଲେଟ ଚୋରୀ ନେଇ ଉଦ୍‌ବେଗ

ଖଣ୍ଡପଡା,(ନି.ପ୍ର): ସର୍ବସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ତ୍ତବିଭାଗ ପକ୍ଷରୁ ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଲୁହା ପ୍ଲେଟ ଦ୍ୱାରା ସୁରକ୍ଷା ବାଡ ନିର୍ମାଣ କରାଯାଇଥିଲା । ମାତ୍ର ଲୁଟେରାମାନେ ରାସ୍ତା ପାର୍ଶ୍ୱରେ ଲଗା ଯାଇଥିବା ସୁରକ୍ଷାବାଡରୁ ଲୁହା ପ୍ଲେଟ ଗୁଡିକ ଚୋରୀ କରି ନେଇଥିବା ଜଣାପଡିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡାରୁ ରୟତ ଢୋଲମରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ବୁଲାଣି ସ୍ଥାନରେ ସୁରକ୍ଷା ବାଡ ନିର୍ମାଣ କରାଯାଇଥିଲା । ମାତ୍ର ଦୁର୍ବୃର୍ତ୍ତମାନେ ଲୁହା ପ୍ଲେଟ ଗୁଡିକ ନେଇଯିବା ପରେ ଏବେ ରାସ୍ତା ପାର୍ଶ୍ୱ ମୁକୁଳା ପଡିଥିବା ଜଣାପଡିଛି । ସେହିପରି ଲୁଟେରାମାନେ ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ସୂଚନା ଫଳକ ଗୁଡିକ ମଧ୍ୟ ଚୋରୀ କରି ନେଇଥିବା ଖଣ୍ଡପଡା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କ ଠାରୁ ପ୍ରକାଶ ।

## ଡ୍ରେନରୁ ବାହାରି ଆସୁଛି ମଇଳା ପାଣି : ଦୁର୍ଦ୍ଦଶାରେ ବଜାରଦାଣ୍ଡ ସାହି ବାସିନ୍ଦା

### ପ୍ରଶାସନ ନୀରବଦ୍ରଷ୍ଟା !

ନବରଙ୍ଗପୁର,(ନିପ୍ର): ଡାବୁଗାଁ ସଦର ମହକୁମା ସ୍ଥିତ ଡାବୁଗାଁ ମେଡ଼ିସିଲା ଆଗରେ ଥିବା ବଜାରଦାଣ୍ଡ ସାହି ଅଳିଆ ଗଦା ଓ ନର୍ଦ୍ଦମା ଜଳରେ ଛଟପଟ ହେଲେଣି କହିଲେ କିଛି ଭୁଲହେବ ନାହିଁ । କାରଣ ଅଳ୍ପ ବର୍ଷା ହେଲେ ସାହିରେ ଥିବା ଘରଗୁଡିକ ଭିତରେ ପଶୁଛି ଡ୍ରେନର ମଇଳା ପାଣି ଓ ପଚାସଢା କାଦୁଅ । ଡ୍ରେନ ସଫା କରିବା ପାଇଁ ସାହି ବାସିନ୍ଦା ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଗୁହାରି କଲେ ବି ପ୍ରଶାସନ ଶୁଣୁନି ତାଙ୍କ ଦୁଃଖ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେତେବେଳେ ପ୍ରଶାସନ ଦୁଃଖ ବୁଝୁନି ତ ଦୁଃଖ ବୁଝିବ କିଏ ? ସାହିରେ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ ଫେଲ ମାରୁଛି । ଯେଭଳି କାଦୁଅ ପଚିସଢି ଯାଇଛି ଏବଂ ଅଳିଆ ଚାରିଆଡେ ପଡି ରହିଛି । ଏହାକୁ ଦେଖିଲେ ଲାଗୁଚି ଏହି ସାହିରେ ରହୁଥିବା ଲୋକଙ୍କୁ ଡେଙ୍ଗୁ, ମେଲେରିଆ ହବାର ଆଶଙ୍କା ଅଧିକ ରହୁଛି । ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ପ୍ରଶାସନ ନୀରବଦ୍ରଷ୍ଟା ହୋଇଥିବା ଅଭିଯୋଗ ଆଣି



ମଙ୍ଗଳବାର ମଧ୍ୟାହ୍ନ ୧୨ ଘଣ୍ଟା ସମୟରେ ଗଣମାଧ୍ୟମ ଆଗରେ ନିଜର ପ୍ରତିକ୍ରିୟା ରଖିଛନ୍ତି ସାହି ବାସିନ୍ଦା । ସାହିର ସ୍ଥିତି ସଂପର୍କରେ ଜାଣିବା ପାଇଁ ସ୍ଥାନୀୟ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ବାରମ୍ବାର ଚେଷ୍ଟା କରାଯାଇଥିଲେ ହେଁ ନିରାଶା ମିଳିଥିଲା ।

## ଉଞ୍ଚାବାଲି ଲୌହ ଏବଂ ମାଙ୍ଗାନିଜ ଖଣି ଜନଶୁଣାଣି ସଫଳ

ଯୋଡା,(ନିପ୍ର): କେନ୍ଦୁଝର ଜିଲ୍ଲା,ବଡ଼ବିଲ ତହସିଲ ଅନ୍ତର୍ଗତ ଇନ୍ଦ୍ରାଣୀ ପଟ୍ଟନାୟକ ଉଞ୍ଚାବାଲି ଲୌହ ଏବଂ ମାଙ୍ଗାନିଜ ଖଣିର ଲିଜ ଅଞ୍ଚଳ ମଧ୍ୟରେ ୪ ଏମଟିପିଏ ଥ୍ରୋପୁଟ କ୍ଷମତା ବିଶିଷ୍ଟ ବିଏଚଜେ/ବିଏଚକ୍ୟୁ ବେନିଫିସିଏସନ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତିକ୍ରମେ ପ୍ରକଳ୍ପ ସପକ୍ଷରେ ଯାଇଥିଲା ଏହି ପରିବେଶୀୟ ଜନଶୁଣାଣି । ପରିବେଶୀୟ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡବିଲ ତହସିଲ ବଳଦା ମୌଜାରେ ମଙ୍ଗଳବାର ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣିକୁ ପରିଚାଳନା କରିଥିଲେ । ପ୍ରଥମେ କମ୍ପାନୀର ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ପ୍ରକଳ୍ପ ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରାଯାଇଥିଲା । ପ୍ରକଳ୍ପ ହେବା ଦ୍ୱାରା କେଉଁ ସବୁ ପ୍ରଭାବ ପଡ଼ିବ ଏବଂ ତାହାର ନିରାକରଣ କିପରି କରାଯିବ ସେନେଇ ସେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହାପରେ ଲୌହ ଖଣିଜ ବେନିଫିସିଏସନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନ ଶୁଣାଣିରେ ନିଜର ମତାମତ ବ୍ୟକ୍ତ କରିଥିଲେ । ଯାହାକୁ ଲିପିବଦ୍ଧ କରାଯିବା ସହ ଭିଡିଓ ରେକର୍ଡିଂ କରାଯାଇଥିଲା । କାରଖାନା ଦ୍ୱାରା ପ୍ରଭାବିତ ହେବାକୁ ଥିବା ପଲଶା ଓ ବଳଦା ପଂଚାୟତର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ରହିଥିଲେ । ଏହି ସର୍ବସାଧାରଣ ଜନଶୁଣାଣିରେ ସ୍ଥାନୀୟ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀମାନେ ନିଜର ସ୍ୱକୀୟ ମତାମତ ପ୍ରଦାନ କରିଥିଲେ । ଏହି ଜଣାଶୁଣାଣି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା




ପରିଷଦ ସଦସ୍ୟ ତଥା ଉଞ୍ଚାବାଲି ଗ୍ରାମର ବାସିନ୍ଦା ବାସୁଦେବ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ସୁକୁମାରୀ ଦେହୁରୀ,ପଳସା ସରପଞ୍ଚ ନରେନ୍ଦ୍ର ମୁଣ୍ଡା,ପଳସା ସମିତି ସଭ୍ୟ ମହେନ୍ଦ୍ର ମାଝୀ ସମେତ ଅନ୍ୟ ମାନେ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ ।

ପାରିପାର୍ଶିକ ଉନ୍ନତି,ପାନୀୟ ଜଳ,ଗମନାଗମନ,ନିଯୁକ୍ତି,ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କମ୍ପାନୀ ଯତ୍ନବାନ ହେବାକୁ ଆଖପାଖ ସ୍ଥାନୀୟ ଗ୍ରାମବାସୀ ମତ ଉପସ୍ଥାପନ କରିଥିଲେ । ପ୍ରକଳ୍ପକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ କାରଖାନା ପ୍ରତିଷ୍ଠା,ପ୍ରଭାବିତ ଗ୍ରାମ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ସୁବନ୍ଦୋବସ୍ତ, ବୃକ୍ଷ ରୋପଣ ଏବଂ ନିଯୁକ୍ତି ଆଦି ଦାବି କରି ସର୍ତ୍ତମୂଳକ ସମର୍ଥନ ଜାଣଇଥିଲେ ଗ୍ରାମବାସୀ । ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥା ସମ୍ଭବ ପୂରଣ କରିବା ପାଇଁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ।

## ଆସନ୍ତା ରଥଯାତ୍ରା ୨୦୨୫ ପାଇଁ ଏସ୍‌ପି ପୁରୀଙ୍କ ସାହି ଅଞ୍ଚଳ ଦର୍ଶନ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା

ପୁରୀ (ନିପ୍ର): ଆସନ୍ତା ରଥଯାତ୍ରା ୨୦୨୫ ସମୟରେ ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବରେ ଭକ୍ତମାନେ ଯାତ୍ରା କରିପାରିବେ ବୋଲି ନିଶ୍ଚିତ କରିବାକୁ, ଏସ୍‌ପି ପୁରୀ ବିନିତ ଅଗ୍ରୱାଲ ମତ ଦେଇଛନ୍ତି ଆଜି ମସାଣିଚଣ୍ଡୀ ଛକ, ମାର୍କଣ୍ଡେଶ୍ୱର ମନ୍ଦିର, ପାଣ୍ଡେ ଜାଗା ଦେଇ ଗଡ଼ନ୍ତିଛକରେ ପଂହଁଚିଥିଲେ ଏସ ପି । ଏହି ଗ୍ରସ୍ତ ସମୟରେ ସ୍ଥାନୀୟ ନିବାସୀମାନେ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗଗୁଡ଼ିକୁ ଗ୍ରହଣ କରିଥିଲେ । ରାସ୍ତା ମଧ୍ୟରେ ପର୍ଯ୍ୟାପ୍ତ ଦିଗ୍ଦର୍ଶନ ସାଇନବୋର୍ଡ ନଥିବା । ଭକ୍ତମାନେ ନିର୍ଦ୍ଦିଷ୍ଟ ମାର୍ଗ ଜାଣିନଥିବାରୁ ସମସ୍ୟା ଉପୁଜୁଥିବା ଜଣାପଡିଥିଲା । ଏସ୍‌ପି ପୁରୀ ସ୍ଥାନୀୟ ଲୋକଙ୍କ ଅଭିଯୋଗ କୁ ଗମ୍ଭୀରତା ସହିତ ଗ୍ରହଣ କରି ସମୟମଧ୍ୟରେ ସମାଧାନ କରାଯିବ ବୋଲି ନିଶ୍ଚିତ ଆଶ୍ୱାସନ ଦେଇଛନ୍ତି । ଏହି ଗ୍ରସ୍ତ ସମୟରେ ଏସ୍‌ପି ପୁରୀ ଯେଉଁଥିରେ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ୨୦୨୫ ପାଇଁ ଭକ୍ତମାନଙ୍କ ଗୁଡିକୁ ଲେନ୍ ଭିତିକ ଆଗମନ କେମିତି ବଡଦଣ୍ଡ କୁ ପ୍ରବେଶ କରାଯିବ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ,ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ,ଟ୍ରାଫିକ୍ ଆଇଆଇସିଜୟଦୀପ ମହାନ୍ତି ।

## ବିଧାୟିକା ସୋଫିଆଙ୍କ ସମୀକ୍ଷା ବୈଠକ



କଟକ, (ନିପ୍ର): ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ହାଇ ଭୋଲଟେଜ ସମୀକ୍ଷା ବୈଠକ । ଆଜି ଅପରାହ୍ନରେ କଟକ ଉନ୍ନୟନ କାର୍ଯ୍ୟାଳୟ (ସିଡ଼ିଏ) ରେ ବାରାବଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ ମହାନଗର ନିଗମର ସିଟି ଇଂଜିନିୟରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ସହରର ରାସ୍ତାଘାଟ ଓ ଡ୍ରେନେଜ ସମସ୍ୟା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହାଛଡ଼ା ସହରରେ ଅନେକ ଅଧା ଅଧୁରା ପ୍ରକଳ୍ପଗୁଡ଼ିକୁ କିଭଳି ଖୁବ ଶିଘ୍ର ପୂର୍ଣ୍ଣାଙ୍ଗ କରାଯିବ ସେ ନେଇ ମଧ ବୈଠକରେ ବିଷଦ ଆଲୋଚନା ହୋଇଥିଲା । ଅପର ପକ୍ଷରେ ସୋଫିଆଙ୍କ ଅଧକ୍ଷତାରେ ବାରବାଂର ସମୀକ୍ଷା ବୈଠକ ପରେ ମଧ କୌଣସି ଫଳ ମିଳିନଥିଲା ।

## ରାୟଗଡା ଶିଶୁ ବିକ୍ରି ଘଟଣା: କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ମହିଳା ଓ ଶିଶୁ ବିକାଶ ବିଭାଗ

ରାୟଗଡା,(ନିପ୍ର): ଜିଲ୍ଲାରେ ବିଗତ ୨୦୨୩ ମସିହା ନଭେମ୍ବରରେ ରାୟଗଡା ବ୍ଲକ ସ୍ଥିତ ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡା କଲୋନୀରୁ ଏକ ନବଜାତ ଶିଶୁ କନ୍ୟାକୁ ଅବୈଧ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି । ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ରାୟଗଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ବିଦୁଲତା ହୁଇକାଙ୍କ ସମେତ ଚାରି ସଦସ୍ୟ ଗାଗାରିନ ଶବର, ପ୍ରିୟଦର୍ଶିନୀ ମହାକୁଳ, କୈଳାସ ଚନ୍ଦ୍ର ପାଳ, ଓ ଜୋସ୍ନାମୟୀ ପାଢ଼ୀଙ୍କୁ ନିଲମ୍ବନ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ପ୍ରକାଶ କରିଛନ୍ତି । ପ୍ରକାଶଯୋଗ୍ୟ ଯେ, ଏକ ନବଜାତ ଶିଶୁକନ୍ୟାକୁ ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଥିବା ଅଭିଯୋଗରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଶିଶୁ ବିକ୍ରି ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରସାରିତ ହେବା ପରେ ରାୟଗଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ଚାରିଜଣିଆ କମିଟି ଗଠନ କରି ଘଟଣାର ଅନୁସନ୍ଧାନ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ସେହି ରିପୋର୍ଟରେ ଜେକେପୁର ନୂଆପଡା କଲୋନୀର କୁମୁଦ ଗାନ୍ତା ଓ ରାହୁଲ ଧନବାଦୀ ନିଜର ଜନ୍ମିତ ୯ ଦିନର ଶିଶୁ କନ୍ୟାକୁ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରାମ ମାନ୍ୟମ ଜିଲ୍ଲାର ବାଲାଜୀପେଟାର କେ. ନନ୍ଦିନୀ ଏବଂ କେ. ରାଜଶେଖରଙ୍କୁ ପ୍ରଦାନ କରିଥିଲେ । ହେଲେ ଏହି ଦମ୍ପତି ଏକ ଅଣପଞ୍ଜୀକୃତ ପୋଷ୍ୟ ଗ୍ରହଣ ଡିଡ଼ରେ ସ୍ୱାକ୍ଷର କରି ଶିଶୁକୁ ହସ୍ତାନ୍ତର କରିଥିଲେ । ଯାହାକି ଆଇନ ସମ୍ମତ ନୁହେଁ । ଏହି ଘଟଣାକୁ ନେଇ ରାୟଗଡା ଜିଲ୍ଲା ଶିଶୁ କଲ୍ୟାଣ କମିଟିର କାର୍ଯ୍ୟାଧାରା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତଦନ୍ତ ବେଳେ ଅନେକ ଅନିୟମିତତା ନଜରକୁ ଆସିଥିଲା । ଏହି ଅନିୟମିତତା ସମ୍ପର୍କରେ ଶିଶୁ ବିକାଶ ସମିତି ଅଧ୍ୟକ୍ଷାଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ଏହି ଘଟଣାରେ ରାୟଗଡା ଜିଲ୍ଲା ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ବିଦୁଲତା ହୁଇକା, ଗାଗାରିନ ଶବର, ପ୍ରିୟଦର୍ଶିନୀ ମହାକୁଳ, କୈଳାସଚନ୍ଦ୍ର ପାଳ, ଏବଂ ଜୋଛନାମୟୀ ପାଢ଼ୀଙ୍କୁ ନିଲମ୍ବନ କରାଯାଇଛି । ଉପ- ଜିଲ୍ଲାପାଳ ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ଜିଲ୍ଲା ଶିଶୁ କଲ୍ୟାଣ କମିଟିର ପ୍ରସ୍ତୁତିର ଅଭାବ, ଶିଶୁ କଲ୍ୟାଣ କମିଟି ପ୍ରୋଟୋକଲ ଭଙ୍ଗ, ଦୁର୍ବଳ ଓ ସଂକଟାପନ୍ନ ଶିଶୁ ମାନଙ୍କୁ ସୁରକ୍ଷା ପ୍ରଦାନରେ ବିଫଳତା, କାର୍ଯ୍ୟରେ ଅବହେଳା ଆଦି ବିଷୟକୁ ବିଚାର ନେଇ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଥିସହ ରାଜ୍ୟ ସରକାର ଏହି ସମସ୍ତ ଚାରି ଜଣଙ୍କୁ ଶିଶୁ କଲ୍ୟାଣ କମିଟି ସମ୍ପୃକ୍ତ ସମସ୍ତ ନଥିପତ୍ର ତୁରନ୍ତ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁର ନିର୍ଦ୍ଦେଶ ଦେଇଥିଲେ ।

## ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ଜନ ଶୁଣାଣି

ଟାଙ୍ଗୀ-ଚୌଦ୍ୱାର,(ନିପ୍ର): ଟାଙ୍ଗୀ-ଚୌଦ୍ୱାରବ୍ଲକ୍ ପରିସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେଙ୍କ ପୌରୋହିତ୍ୟରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକସିଂହ, କଟକ ଡିସିପି ରୁଷିକେଶ୍ ଖିଲାରି, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ଏସ୍.କେ. ରାଉତ, ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ହୋତା, ସିଡ଼ିପିଓ ଡାକ୍ତର ରମଣୀ ରଂଜନ ବିଶ୍ୱାଳ, ଜିଲ୍ଲାକୃଷି ଅଧିକାରୀ ବିଶ୍ୱନାଥ ଦାସ, ଜିଲ୍ଲାଶ୍ରମ ଅଧିକାରୀ ପ୍ରତିବନ୍ଧନ ଘଡ଼ାଇ, ଜିଲ୍ଲାବନଖଣ୍ଡ ଅଧିକାରୀ ଭାରତୀକାଣ୍ଡି, ଡ୍ରେନେଜ୍, ରାସ୍ତା ଓ ଗୃହ ନିର୍ମାଣ, କେନାଲ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ମୋଟ ୭୨ଜଣ ଅଧିକାରୀ ଜନଶୁଣାଣିରେ ଉପସ୍ଥିତ ଥିଲେ । ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟାବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ଶାଶ୍ୱତ ଜେନା, ବ୍ଲକ୍ ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟାଜେଠୀଙ୍କ ସହ ବ୍ଲକ୍‌ର ସମସ୍ତକର୍ମଚାରୀ ଯୋଗ ଦେଇଥିବାବେଳେ ଶିବିର ରେଟାଙ୍ଗୀ-ଚୌଦ୍ୱାର ଅଂଚଳର ବିଭିନ୍ନବ୍ୟକ୍ତି ବିଶେଷଙ୍କର ୧୪୮ଟି ବ୍ୟକ୍ତିଗତ ଓ ୬ଗୋଟି ସାମୂହିକ ଅଭିଯୋଗକୁ ମିଶାଇ ମୋଟ ୧୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏଥିମଧ୍ୟରୁ ୩୫ଟି ଅଭିଯୋଗର ତତ୍‌କାଳ ଶୁଣାଣି କରାଯାଇଥିବାବେଳେ ବ୍ଲକ୍ ପରିସରରେ ଶୌଚାଳୟ ଓ ପିଇବା ପାଣିର ସୁବିଧା, ଗରୁଡ଼ଗାଁ ପଂଚାୟତରେ ବିଶିନାହାକାଣୀ ଠାରେ ବସୁ ଥିବା ସାପ୍ତାହିକ ହାଟଜାଗାର କିସମ ପରିବର୍ତ୍ତନ କରାଇବା, ଭଗ୍ନିମୁଣ୍ଡାମଠ ସମ୍ପତ୍ତିକୁ ଚକ୍ରାନ୍ତ କରି ହଡ଼ପ କରାଯାଇଥିବା ନେଇ ଅଭିଯୋଗ ବିଷୟରେ ଜିଲ୍ଲାପାଳଙ୍କୁ ଗ୍ରାମବାସୀମାନେ ଦାବିପତ୍ରପ୍ରଦାନ କରିଥିଲେ । ସମସ୍ତ ସମସ୍ୟାର ସମାଧାନ ଯଥାଶୀଘ୍ର କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

## ପଞ୍ଚାୟତ ଯାଇ ଲୋକଙ୍କ ଅଭିଯୋଗ ଶୁଣିଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ଧାମନଗର,(ନିପ୍ର): ଧାମନଗର ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ଦିନ ଧାମନଗର ବ୍ଲକ ରଇପୁର ପଞ୍ଚାୟରେ ମନ୍ତ୍ରୀ ପହଞ୍ଚି ପଞ୍ଚାୟତ ଅଫିସରେ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣିଛନ୍ତି, ସକାଳ ୮ ସମୟରେ ଏହି ଜନଶୁଣାଣି ଆରମ୍ଭ ହୋଇଥିଲା । ରଇପୁର ପଞ୍ଚାୟତ ସହ ଆଖପାଖ ପଞ୍ଚାୟତର ଲୋକ ଅଭିଯୋଗ ନେଇ ବିଭିନ୍ନ ସମସ୍ୟା ନେଇ ଆସିଥିବା ଦେଖିବା ମିଳିଥିଲା । ଜିଲ୍ଲାପାଳ ଦିଲୀପ କୁମାର ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଭଦ୍ରକ ଆରକ୍ଷୀ ଅଧୀକ୍ଷକ, ଧାମନଗର ବିଡିଓ ଓ ଅତିରିକ୍ତ ତହସିଲଦାର ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ରହିଥିଲେ । ଭୁବନେଶ୍ୱରରୁ ମଧ ବିଭିନ୍ନ ବିଭାଗର ଅଧିକାରୀ ଆସି ଉପସ୍ଥିତ ଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଉଥିଲା । ସେସବୁକୁ ପଞ୍ଜୀକରଣ କରାଯାଇଥିଲେ । ଅଭିଯୋଗକାରୀ ମନ୍ତ୍ରୀଙ୍କ ପାଖରେ ପହଞ୍ଚି ଅଭିଯୋଗ ଶୁଣାଉଥିଲେ । ମନ୍ତ୍ରୀ ଅଭିଯୋଗ ଶୁଣିବା ପରେ ତାହା କେଉଁ ବିଭାଗରେ ସମାଧାନ ହେବ, ତାହା ନିର୍ଦ୍ଦେଶିତ କରୁଥିଲେ ଜିଲ୍ଲାପାଳ । ଏହାପରେ ସଂପୃକ୍ତ ବିଭାଗର ଅଧିକାରୀ ସମସ୍ୟାର ସେହିଠାରେ ହିଁ ସମାଧାନ କରୁଥିଲେ । ବିଭିନ୍ନ ପଞ୍ଚାୟତରୁ ୫୦୦ ଶହ ଅଭିଯୋଗ ଗ୍ରହଣ କରାଯାଇ ଥିଲା । ବିଶେଷ କରି ଗ୍ରାମ୍ୟ ରାସ୍ତା ,ରାସନ କାର୍ଡ,ଜବର ଦଖଲ , ଭତା ଉପରେ ଅଧିକାଂଶ ଅଭିଯୋଗ ଗ୍ରହଣ କରାଯାଇ ଥିଲା ।

## କେବେ ସୁଧୁରିବ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା

### ସନ୍ତୁଳି ହେଉଛନ୍ତି ଜନସାଧାରଣ ଓ ଦୋକାନୀ, ପୋଷ୍ଟ ଅଫିସ ସମ୍ମୁଖ ସମ୍ପ୍ରସାରଣ ଦାବି

ବଡସାହି(ନିପ୍ର): ବଡସାହି ବଜାରରେ ଡ୍ରେନେଜ୍ ବ୍ୟବସ୍ଥା ଆଦୌ ଠିକ୍‌ଠାକ୍ ନାହିଁ । ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଦୂରଦର୍ଶିତା ନ ଥିବାରୁ ଲୋକମାନେ ଓ ଦୋକାନୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯଦିଓ ବଜାର ଡ୍ରେନେଜ ବ୍ୟବସ୍ଥାର କିଛିଟା ସୁଧାର ଆସିଛି । ତଥାପି ତ୍ରୁଟିପୂର୍ଣ୍ଣ ଲେ-ଆଉଟ ଓ କାମ ପାଇଁ ଉପୁଜୁଥିବା ସମସ୍ୟା ଦୋକାନୀଙ୍କ ସହିତ ଅଞ୍ଚଳବାସୀ ଭୋଗୁଛନ୍ତି । ଡ୍ରେନେଜକୁ ଡ୍ରେନେଜ ଠିକ୍ ଭାବେ ସଂଯୋଗ ନ ଥିବା ବେଳେ ବର୍ଷ ବର୍ଷ ଧରି ସେଗୁଡିକ ସଫା କରାଯାଉନାହିଁ । ଡ୍ରେନଗୁଡିକ ଅସମ୍ପୂର୍ଣ୍ଣ ରଖି ଜନବସିତି ନିକଟରେ ଛାଡି ଦେଇଥିବାରୁ ବର୍ଷା ହେଲା ମାତ୍ରେ ଲୋକଙ୍କ ଘର ସମ୍ମୁଖ, ଦୋକାନୀଙ୍କ ଦୋକାନ ସମ୍ମୁଖ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପାଣି ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଢେଉ ମାରୁଛି । ବଡସାହି ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, ଆରଆଇ ଅଫିସ ସମ୍ମୁଖ ଓ ହାଟ ରାସ୍ତା ଉପରେ ଅଳ୍ପ ବର୍ଷାରେ ମଧ୍ୟ ପାଣି ଜମି ରହୁଛି । ଏପରିକି ବଡସାହି-ପ୍ରତାପପୁର ରାସ୍ତାର ବଡସାହି ପୋଷ୍ଟ ଅଫିସ ନିକଟରେ ଏକ ଡ୍ରେନ ଅସମ୍ପୂର୍ଣ୍ଣ ହୋଇ ପଡିଛି । ଏହି ଅସମ୍ପୂର୍ଣ୍ଣ ଡ୍ରେନ ସମ୍ମୁଖରେ ରହିଥିବା ଜମି ମାଲିକ ମାନେ ଏହି ସ୍ଥାନରେ ମାଟି ପକାଇ ଦେଇଥିବାରୁ ପାଣି ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଲୋକଙ୍କ ଘର ସମ୍ମୁଖରେ ଦୌଡି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଯାହା ଫଳରେ ରାସ୍ତା ଖରାପ ହେବାର ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ସେହି ଅଂଚଳର ଲୋକମାନେ ହଇରାଣ ହରକତ ହେଉଛନ୍ତି । ସେମାନେ ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ, ବାରିପଦାର ସୁପରିନଟେନଡେଂଟ୍ ଇଂଜିନିୟର ଓ ବେତନଟୀ ଏସଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ବର୍ଷା ଦିନ ପୂର୍ବରୁ ଏହି ଡ୍ରେନର ସମ୍ପ୍ରସାରଣ କରିବାକୁ ଶ୍ରୀନାଥ ପଲେଇ, ଧ୍ରୁବେନ୍ଦ୍ର ବାରିକ୍, ଚନ୍ଦ୍ରକାନ୍ତି ମହାକୁଡ ଓ ଚନ୍ଦନ କୁମାର ବେହେରାଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି । ବଜାର ଡ୍ରେନ ଗୁଡିକ ଅଧିକାଂଶ ସ୍ଥାନରେ ମରାମତି ଅଭାବରୁ ଡ୍ରେନ୍ ଭାଙ୍ଗରୁଜି ନଷ୍ଟ ହୋଇଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ପୋତି ହୋଇଯାଇଥିବାର ଦେଖାଯାଇଛି । ଯେଉଁ ଯେଉଁ ଅଂଚଳରେ ଡ୍ରେନ୍ କାମ ହୋଇଛି ତା'ର ମରାମତି କାର୍ଯ୍ୟ ହେଉ ନ ଥିବା ବେଳେ ସଫା ମଧ୍ୟ କରାଯାଉନାହିଁ । ଡ୍ରେନ୍‌ରୁ ଡ୍ରେନ ସଂଯୋଗୀକରଣ ନ ଥିବାରୁ ଅଳିଆ ଅବର୍ଜନା ପାଣି ଜମି ରହି ନିଷ୍କାସନ ହୋଇ ପାରୁନାହିଁ । ଡ୍ରେନ୍‌ର ତଳଭାଗରେ ଥିବା ପକ୍କା ଢଳେଇ ନଷ୍ଟ ହୋଇଯାଇ ତାହା ମାଟିରେ ପୋତି ହୋଇଗଲାଣି ।



ଫଳରେ ସାମାନ୍ୟ ବର୍ଷାରେ ପାଣି ଉଛୁଳି ଲୋକଙ୍କ ଘର ଓ ଦୋକାନ ମଧ୍ୟକୁ ପ୍ରବେଶ କରୁଛି । ଡ୍ରେନ୍‌ରେ ଅଳିଆ ଅବର୍ଜନା ଭାସି ଆସି ପରିବେଶକୁ ଦୁର୍ଗନ୍ଧମୟ କରୁଛି । ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଥିବାରୁ ମଶା, ମାଛି, ପୋକ ଜନ୍ମ ନେବା ସହିତ ଆଗକୁ ଆସୁଥିବା ବର୍ଷାଋତୁ ପାଇଁ ସଂକ୍ରମଣ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନସାଧାରଣ ତଥା ବଜାର ଦୋକାନୀମାନଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗଙ୍କୁ ପଚାରିବାରୁ ସେ କହନ୍ତି, ପ୍ରସ୍ତାବ ମଧ୍ୟରେ ରହିଛି । ଟଙ୍କା ଆସିଲେ ଓ ପ୍ରସ୍ତାବ ଅନୁମୋଦନ ହେଲେ କାମ ହେବ ।

ତିଥି : (ନବମୀ) : (ପୂର୍ବାଫାଃ ସିଂହ )
ଅମୃତବେଳା: ଦିବା ଘ୬।୫୪ ମଧ୍ୟେ ଘ ୧୧।୪୨ ଗତେ

## ଆଜିର ଅନୁଚିନ୍ତନ

ସେହି କର୍ମଯୋଗୀ, କର୍ମ କରି ନୋହେ ବାନ୍ଧି
କର୍ମ ବନ୍ଧନରେ ସେହି ହୁଏ ନାହିଁ ଛନ୍ଦି ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଦେହେ ମନ୍ଦାକିନୀ ରଜ ଲଗାଇ...

ପୃଥିବୀର ସର୍ବଶ୍ରେଷ୍ଠ ଧନୀ ହୁଅନ୍ତୁ କି ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁ, ଶ୍ରୀକ୍ଷେତ୍ର ପୁରୀ ତୁଲ୍ୟ ସହର, ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ତୁଲ୍ୟ ଅନ୍ୟତ୍ର କେହି ନିର୍ମାଣ କରାଇପାରିବା ସମ୍ଭବ ପର ନୁହେଁ। କାରଣ ଶ୍ରୀମନ୍ଦିର ବା ଜଗନ୍ନାଥ ଧାମ ବିକଳ୍ପହୀନ, ଅତୁଲ୍ୟ ତଥା ବିଶ୍ୱରେ ଅନନ୍ୟ। ଏବେ ଚାଲିଥିବା ମନ୍ଦିର ବିବାଦ ବିଷୟରେ ତୃଣମୂଳ କଂଗ୍ରେସ ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଲେ ଯେ ଆମେ ପୁରୀ ଜଗନ୍ନାଥ ମନ୍ଦିରକୁ ସମ୍ମାନ କରୁଛୁ ଓ ଜଗନ୍ନାଥ ଧାମକୁ ଆମେ ବି ସମ୍ମାନ କରୁଛୁ। ବିଜେପି ଯାହା କଲେ କିଛି କୁହାଯାଉନି, ଆମେ ଉପରେ ଏତେ ରାଗ କାହିଁକି ? ଏହା ନିର୍ବିବାଦୀୟ ସତ୍ୟ ଯେ ଦୀର୍ଘ ଜଗନ୍ନାଥ ମନ୍ଦିର ଏବେ ଜଗନ୍ନାଥ ଧାମ ବୋଲି କୁହାଯାଇପାରିବ ନାହିଁ କି ଦୀଘା ସମୁଦ୍ର କୂଳକୁ ମହୋଦଧି କୁହାଯାଇପାରିବ ନାହିଁ। ଯଦି କୁହାଯିବ ଏହା ତୁଚ୍ଛା ବାଚାଳାମି ଛଡ଼ା ଅନ୍ୟ କିଛି ନୁହେଁ। ଜ୍ୟୋର୍ତିଲିଙ୍ଗ ପୀଠରେ ଶଙ୍କାରାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଜଗନ୍ନାଥ ପୀଠକୁ ବର୍ଣ୍ଣନା କରିଛନ୍ତି। ଚାଲିଥିବା ବିବାଦ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏ ବାବଦରେ ଚିଠି ଲେଖିଲେଣି। ମନେ ରଖିବାକୁ ହେବ ଯେ ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିର ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ଅଧିକନ୍ତୁ ଏହା ସମଗ୍ର ହିନ୍ଦୁ ଜଗତର ବିଶ୍ୱାସ ତଥା ଆଧ୍ୟାତ୍ମିକତାର କେନ୍ଦ୍ରସ୍ଥଳୀ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର। ପୁରୀ ଧାମ ଜଗନ୍ନାଥ ପବିତ୍ରତାକୁ କେବେବି କେଉଁ ସ୍ଥାନ ସହ ତୁଳନା କରାନଯାଇପାରେ। ଦୀର୍ଘ ଜଗନ୍ନାଥ ମନ୍ଦିର ଅକ୍ଷୟ ତୃତୀୟା ଠାରୁ ଖୋଲାଯାଇଛି। ତେଣୁ ଏ ଯାବତ ଅର୍ଥାତ୍ ପ୍ରାୟ ସପ୍ତାହକ ମଧ୍ୟରେ ପାଖାପାଖି ୫ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ନେଇ କୁଆଯାଉଛି।

ଓଡ଼ିଶାର ଅର୍ଥନୀତି ବଙ୍ଗୀୟ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରେ ବୋଲି ସୋସିଆଲ ମିଡିଆରେ ତୃଣମୂଳ କଂଗ୍ରେସର ଜଣେ ନେତା ରିଜୁ ଦତ୍ତ ଯେଉଁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ତାହାର କୌଣସି ଆଧାର୍ମି ନାହିଁ। କାରଣ କେବଳ ବଙ୍ଗୀୟ ପର୍ଯ୍ୟଟକ ଶ୍ରୀମନ୍ଦିରକୁ ଆସନ୍ତି ନାହିଁ। ପୃଥିବୀରରେ ସବୁ କୋଣରେ ଥିବା ହିନ୍ଦୁ ଧର୍ମାବଲମ୍ବୀ ଏଠାକୁ ଆସିଥାଆନ୍ତି। ବଙ୍ଗୀୟ ପର୍ଯ୍ୟଟକଙ୍କ ଉପରେ ଓଡ଼ିଶା ଅର୍ଥନୀତି ନିର୍ଭରଶୀଳ ବୋଲି ନେତାଜଣକ ଯେଉଁ ଦମ୍ଭୋକ୍ତି ବାଢିଛନ୍ତି ତାଙ୍କ ସରକାର ପୁରୀ ଶ୍ରୀମନ୍ଦିର ଆସିବାକୁ ସମସ୍ତ ବଙ୍ଗୀର ପର୍ଯ୍ୟଟକ ରୋକିପାରିବାର ସାମାର୍ଥ୍ୟ ଅଛି କି ? ପ୍ରାୟ ୫ବର୍ଷ ରୋକି ଦେଖନ୍ତୁ ତ। କେତେବେଳେ ତୃଣମୂଳ କଂଗ୍ରେସ ସରକାରର ପାଦ ତଳୁ ମାଟି ଖସି ଯାଇଥିବା ତାହା ସେହି ସରକାର ଜାଣିପାରିବ ନାହିଁ। ରାଗ ଜରଜର ମମତାଙ୍କ ରାଜ୍ୟରେ ଆଗକୁ ନିର୍ବାଚନ ହେବାକୁ ଯାଉଛି। ଧର୍ମୀୟ ଆବେଗ ଆଧାରିତ ହିନ୍ଦୁ ଭୋଟ ଯୋଗାଣ କରିବାର ଯେଉଁ ଗୋଟି ଚାଳନା କରୁଛନ୍ତି ତାହା ଲୁଚିଛି ନା ଗୋଡ଼ ଦିଟା ଦିଶୁଛି ପରି ହେଉଛି। ଟ୍ୟୁଟରରେ ଉଲ୍ଲେଖ କରାଗଲା ମମତା ଜଗନ୍ନାଥ ଧାମ ଲେଖା ଉଠାଇଦେଲାଣି ମାତ୍ର ସଦ୍ୟ ଖବର କହୁଛି ସେ ସ୍ଥାୟୀ ଭାବରେ ସେହି ଲେଖା ରଖିବା ଜିଦି ଲାଗି ମହାମେରୁ ହୋଇଛନ୍ତି। ଏହା ସେହି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିରୋଧରେ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଶ୍ରୀ ରାମଚରିତ ମାନସରେ ଲେଖା ଅଛି - ଜାକୋ ପ୍ରଭୁ ଦାରୁଣ ଦୁଖ୍ ଦିହ୍ନା, ତାକୀ ମତି ପହିଲେ ହର ଲିହ୍ନା। ଅର୍ଥାତ୍ ପ୍ରଭୁ ଯାହାକୁ ଦାରୁଣ ଦୁଃଖ ଦେବେ ତାହାର ଚିତ୍ତକୁ ପୂର୍ବରୁ ହରଣ କରିନେବେ। ମନେ ହେଉଛି ଦିଦିଙ୍କ କ୍ଷେତ୍ରରେ ସେପରି ହେବାକୁ ଯାଉଛି। ଓଡ଼ିଶା ସୀମାନ୍ତର କିଛି ଗ୍ରାମ ପଶ୍ଚିମବଙ୍ଗର ଅନୁପ୍ରବେଶ, ଓଡ଼ିଶା ନଦୀରୁ ବେଆଇନ ଭାବେ ବାଲିଚାଲାଣ କାହାରିକୁ ଅଛପା ନାହିଁ। ଆଳୁ ଯୋଗାଣରେ ବହପ ଦେଖାଇବାକୁ ଯାଇ ମଝିରେ ମଝିରେ ଓଡ଼ିଶାକୁ ଦିଆଯିବ ଯିବ ନାହିଁ ବୋଲି କ୍ରୋଧିତ ସ୍ୱରରେ କହିବା ଓଡ଼ିଶାବାସୀ ଜାଣନ୍ତି। ଏବେ ତାଙ୍କ ଠାରେ ଉପୁଜିଥିବା ଧର୍ମୀୟ ଆବେଗ ଅଗ୍ନିପଥ ତୁଲ୍ୟ। ଅସତର୍କତା ଦାହ କରିଦେଇପାରେ। ସର୍ବଧର୍ମ ସମ୍ମନ୍ୱୟ ସ୍ଥଳୀ ଶ୍ରୀକ୍ଷେତ୍ରର ଅଧିପତି ମଣିଷକୁ ପ୍ରେମ, କରୁଣ, କ୍ଷମ, ଉଦାରତା, ସମଭାବ ଏ ସବୁ ଶିଖାଇ ଆସୁଛନ୍ତି। ବଳି ଥିବା ଦାରୁରେ ଦୀଘା ଜଗନ୍ନାଥ ନିର୍ମିତ ହୋଇନାହାନ୍ତି ବୋଲି ରାଜ୍ୟ ଆଇନ ମନ୍ତ୍ରୀ ସ୍ପଷ୍ଟ କରିବା ଓ ଦୀଘାକୁ ଜଗନ୍ନାଥ ଧାମ ବୋଲାଇବା ଜାରି ରଖିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। ଏହା ସତର୍କ କରାଇଦିଆଗଲାଣି। କବି ବଳଦେବ ରଥ ଠାଏ ଲେଖିଛନ୍ତି “ଦେହେ ମନ୍ଦାକିନୀ ରଜ ଲଗାଇ, ଗ୍ରାମ ଶୂକରୀ କି ହୋଇବ ଗାଈ ?” ଏହାର ତତ୍ପର୍ଯ୍ୟ ଅନ୍ତତଃପକ୍ଷେ ମମତା ବାନାର୍ଜୀ ଉପଲବ୍ଧ କରିବା ଆବଶ୍ୟକ।

# ମରିବାକୁ ଏତେ ବ୍ୟସ୍ତ କାହିଁକି

## ଦିପ୍ତିମୟୀ ନାୟକ

ଏ ଦୁନିଆରେ ଏମିତି ଅନେକ ଲୋକ ଥାଆନ୍ତି ଯେଉଁମାନେ ପ୍ରତି ମୁହୂର୍ତ୍ତରେ ମରିବା ପାଇଁ ସୁଯୋଗ ଖୋଜୁଥାଆନ୍ତି । ଚାକିରି ସମସ୍ୟା, ବିବାହ ସମସ୍ୟା, ବିବାହ ବିଚ୍ଛେଦ ସମସ୍ୟା,ପାରିବାରିକ ସମସ୍ୟା, ରୋଗରୁ ମୁକ୍ତି ପାଇବା ସମସ୍ୟା, ପ୍ରେମ ସମସ୍ୟା ଏମିତି ଅନେକ ସମସ୍ୟା ପାଇଁ ବେଳେବେଳେ କିଛି ଯୁବକ ଯୁବତୀ ହୁଅନ୍ତୁ କିମ୍ବା କୌଣସି ସାଂସାରିକ ଲୋକ ହୁଅନ୍ତୁ ନଚେତ କୌଣସି ବୃଦ୍ଧ ଲୋକ ହୁଅନ୍ତୁ ଏମାନେ କିଛି ଲୋକଙ୍କ ସାମ୍ନାରେ ମଧ୍ୟ କହି ଦେଇଥାଆନ୍ତି ସମସ୍ତଙ୍କୁ ମରଣ ହେଉଛି ଆମକୁ କାହିଁକି କେଜାଣି ମରଣ ହେଉନି । ଏକଥା ଶୁଣି ମନକୁ ବେଳେବେଳେ ଅନେକ ପ୍ରଶ୍ନ ଉଙ୍କି ମାରିଥାଏ । ଆଉ ସେହି ପ୍ରଶ୍ନର ଉତ୍ତର ଖୋଜିବାପାଇଁ ମନରେ ମନରେ ଉତ୍ତର ଖୋଜୁଥାଏ । ଏମାନେ କାହିଁକି କେଜାଣି ମରିବାକୁ ଏତେ ବ୍ୟସ୍ତ ହୋଇଯାଉଛନ୍ତି । ଚାକିରୀ ସମସ୍ୟା, ବିବାହ ସମସ୍ୟା, ବିବାହ ବିଚ୍ଛେଦ ସମସ୍ୟା,ପାରିବାରିକ ସମସ୍ୟା, ରୋଗରୁ ମୁକ୍ତି ପାଇବା ସମସ୍ୟା, ପ୍ରେମ ସମସ୍ୟା କି ଅଲଗା କିଛି ସମସ୍ୟା ହେଉ ଏସବୁରୁ ମୁକ୍ତି ପାଇବା ପାଇଁ କଣ ମରଣ ଏକମାତ୍ର ସମସ୍ୟାର ସମାଧାନ କି । ଯଦି ଏସବୁ ସମସ୍ୟାର ସମାଧାନ ମରଣ ନୁହେଁ ତାହେଲେ କାହିଁକି ଲୋକମାନେ ମରିଯିବା କଥା କହିଥାଆନ୍ତି । କ'ଣ ପାଇଁ ପ୍ରତି କଥାରେ କହିଥାଆନ୍ତି ସମସ୍ତଙ୍କୁ ମରଣ ହେଉଛି ଆମକୁ କାହିଁକି ମରଣ ହେଉନି । ମରିବାକୁ ଚାହିଁଲେ ଲୋକ ଲଜ୍ୟା ନ ମରିପାରିଲେ ଜିଅନ୍ତା ଶବ । ତେଣିକି ମରଣ ହେଉ ସବୁ ସମସ୍ୟାର ମୁକ୍ତି ମିଳିଯାଉ ବୋଲି ଲୋକମାନେ କହିଥାଆନ୍ତି ।

ତେବେ ଏଠାରେ ଗୋଟେ କଥା ନିଶ୍ଚିନ୍ତ ଭାବରେ କହିବି ଚାକିରି କରିବାର ଇଚ୍ଛା ଥିଲେ ଯେକୌଣସି ଚାକିରି କରିପାରିବ । କୌଣସି କାମ ବଡ଼ ହୋଇନଥାଏ କି କୌଣସି କାମ ଛୋଟ ହୋଇନଥାଏ । ବିବାହ ସମସ୍ୟା ମଧ୍ୟ କୌଣସି ସମସ୍ୟା ହୋଇନଥାଏ ହୁଏତ ବିଳମ୍ବରେ ବିବାହ ହୋଇଥାଏ ଜୀବନକୁ ଗୋଟେ ନୂଆ ସାଥୀର ସାହାରା ମିଳିଥାଏ । ହୁଏତ ଲୋକ କହିବେ ଅନେକ କଥା ତା ବୋଲି ନୁହେଁ ମରଣକୁ ସବୁ ସମସ୍ୟାର ସମାଧାନ ଭାବିଦେବା । କିଛି ଲୋକଙ୍କର ବିବାହ ପରେ ବିଚ୍ଛେଦ ହେଉଛି ଯେଉଁ ସମସ୍ୟା ପରବର୍ତ୍ତୀ ସମୟରେ ମଣିଷକୁ ଏକା ବଞ୍ଚିବା ଶିଖେଇ ଦେଉଛି କିନ୍ତୁ କିଛି ଜଣ ମାନସିକ ସ୍ତରରେ ଦୁର୍ବଳ ହୋଇଯାଉଛନ୍ତି । ଫଳରେ ସେମାନେ ନିଜ ମରଣକୁ ପ୍ରତି ମୁହୂର୍ତ୍ତରେ ଖୋଜୁଛନ୍ତି । ପାରିବାରିକ ସମସ୍ୟା ସବୁ ପରିବାରରେ ଥାଏ କିନ୍ତୁ କିଛି ଲୋକ ପାରିବାରିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ନିଜେ ମରିଯାଇଥାନ୍ତି ତ ଆଉ କିଏ ମରଣ ହେଉନି କାହିଁକି କେଜାଣି କହିଦେଇଥାନ୍ତି । ଆଉ କିଛି ଲୋକ ନିଜ ରୋଗରୁ ମୁକ୍ତି ପାଇବା ପାଇଁ ମରଣକୁ ଖୋଜିଥାଆନ୍ତି କାରଣ ଏମାନେ ଭାବିଥାଆନ୍ତି ଡାକ୍ତରଙ୍କର ଯେଉଁ ଔଷଧ ଏମାନଙ୍କ ଯନ୍ତ୍ରଣାକୁ ଠିକ୍ କରିପାରୁନି ଏମାନେ କେମିତି ଏତେ ଯନ୍ତ୍ରଣା ସହିକି ରହିବେ ଜାଣିକି ମରଣ ହୋଇଗଲେ ସବୁ ସମସ୍ୟାର ସମାଧାନ ହୋଇଯାଆନ୍ତା ବୋଲି କହିଦେଇଥାନ୍ତି । ଠିକ୍ ସେହିଭଳି ପ୍ରେମ ସମସ୍ୟା ଭାରି ଭୟଙ୍କର । ହୁଏତ ପାଗଳଙ୍କ ପାଗଳାମିକୁ ରୋକି ହେବ କିନ୍ତୁ ପ୍ରେମରେ ଟିକେ ଧୋକା ମିଳିଲେ ଏମାନେ ନିଜ ଜୀବନ ହାରିଦେବେ ନ ହେଲେ କହିବେ ପ୍ରେମ ତ ମିଳିଲାନି ଜାଣିକି ମରଣ ହୋଇଯାଆନ୍ତା କି ।

ତେବେ ମଣିଷ ଜନ୍ମ ମାନେ ଜୀବନ ହାରିବା କି ମରଣକୁ ଖୋଜିବା ନୁହେଁ । ମଣିଷ ଜୀବନ ମାନେ ଦୁଃଖ ଭିତରେ କେଇକ୍ଷଣ ଖୁସିକୁ ସାଉଁଟି ନିଜେ ହସିବା ଅନ୍ୟକୁ ହସାଇବା । ପ୍ରତ୍ୟେକଟି ସମସ୍ୟାର ସମାଧାନର ରାସ୍ତା ଖୋଜିବା । ବୟସ ହୋଇଗଲେ ତ ଆମେ ସମସ୍ତେ ନିଶ୍ଚିନ୍ତ ମରିବା। କିନ୍ତୁ କାହିଁକି ବଞ୍ଚି ଥାଉ ଥାଉ ନିଜ ଜୀବନକୁ ମରଣ ଚିନ୍ତାରେ ଅଧା ଶେଷ କରିଦେବା। ଯେମିତି ଗଛରେ ଫଳିଥିଲା କଞ୍ଚା ଆମ୍ବଟି ଗଛରେ ଥାଏ ପାଚିଗଲା ପରେ ଗଛରୁ ତଳକୁ ଖସିପଡିଥାଏ । ଠିକ୍ ସେମିତି ମଣିଷ ଯେତେବେଳେ ବୃଦ୍ଧ ବୟସରେ ଉପନୀତ ହେବ ସେ ଆପେ ମରିବ । ତେଣୁ ସେ ମରିବା ଚିନ୍ତାରେ ସାରା ଜୀବନକୁ କାହିଁକି ନଷ୍ଟ କରିବ । ସବୁବେଳେ ସମସ୍ତେ ଖୁସିରେ ରୁହନ୍ତୁ ମରିବା ଚିନ୍ତା ଠାରୁ ଦୂରେଇ ରୁହନ୍ତୁ । ଆଉ ଯଦି କିଛି ସମସ୍ୟା ଆସୁଛି ଜୀବନରେ ସେହି ସମସ୍ୟାକୁ ଦୂର କରିବା ପାଇଁ ନିଜର ଧର୍ଯ୍ୟ ସବୁବେଳେ ରଖନ୍ତୁ ନିଜ ପାଖରେ।

ଯୁବ ସାମ୍ବାଦିକା , ଅନ୍ଧାରୁଆ, ଭୁବନେଶ୍ୱର, ମୋ- ୯୦୯୦୬୬୧୫୮୬

# “ ଯୁଦ୍ଧ ନୁହେଁ, ଶାନ୍ତିର ଆବଶ୍ୟକତା !

## ଅସିତ ମହାନ୍ତି

ନ୍ୟାୟସଂଗତ ଯୁଦ୍ଧର ସିଦ୍ଧାନ୍ତ- ଏହି ଦୃଷ୍ଟିକୋଣରେ କୁହାଯାଇଛି ଯେ ଆତ୍ମରକ୍ଷା କିମ୍ବା ନିର୍ଦ୍ଦୋଷ ଜୀବନର ସୁରକ୍ଷା ଭଳି କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଯୁଦ୍ଧକୁ ନୈତିକ ଦୃଷ୍ଟିରୁ ଯଥାର୍ଥ ସାବ୍ୟସ୍ତ କରାଯାଇପାରିବ। ଏଥିରେ ଆନୁପାତିକତା, ବୈଧ କର୍ତ୍ତୃତ୍ୱ ଏବଂ ଶେଷ ପ୍ରତିକାର ଭଳି ନୀତି ଅନ୍ତର୍ଭୁକ୍ତ। କେତେକ ସିଦ୍ଧାନ୍ତ ଯୁଦ୍ଧକୁ ସାମାଜିକ ଆବଶ୍ୟକତାକୁ ପୂରଣ କରିବାର ଏକ ଉପକରଣ ଭାବରେ ଦେଖୁଥିବାବେଳେ ଅନ୍ୟମାନେ ଏହାକୁ ଅଭିଜାତଙ୍କ ସ୍ୱାର୍ଥ କିମ୍ବା ପ୍ରତୀକାତ୍ମକ ପାରସ୍ପରିକ କ୍ରିୟାର ପରିଣାମ ଭାବରେ ଦେଖନ୍ତି । ଯୋଦ୍ଧା ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ଭେଦଭାବ, ଆନୁପାତିକତା ଏବଂ ସାମରିକ ଆବଶ୍ୟକତା ଭଳି ବିଷୟଗୁଡ଼ିକୁ ବିଚାରକୁ ନେଇ ଯୁଦ୍ଧ ନୈତିକ ଦୃଷ୍ଟିରୁ ଠିକ୍ ହୋଇପାରିବ କି ନାହିଁ ସେ ନେଇ ଦାର୍ଶନିକମାନେ ବିତର୍କ କରିଥାନ୍ତି। ପରିଶେଷରେ, ସର୍ବୋତ୍ତମ ଆଭିମୁଖ୍ୟ ସମାଜର ପ୍ରସଙ୍ଗ, ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟ ଉପରେ ନିର୍ଭର କରେ।

ଲି“ଓ ଟଲଷ୍ଟୟ କହିଥିଲେ, ସମସ୍ତ ଯୁଦ୍ଧ ମାନବତା ବିରୋଧୀ ଅପରାଧ। ବିଶ୍ୱ ଜାଣିଛି ଯେ ଯୁଦ୍ଧର ସମସ୍ତ ଭୟଙ୍କରତା ସମାଧି ବ୍ୟତୀତ ଆଉ କିଛି ସୃଷ୍ଟି କରିନାହିଁ ।‘ ଯେତେବେଳେ ଅନ୍ୟ କୌଣସି ବିକଳ୍ପ ନଥାଏ, ସେତେବେଳେ ହିଁ ଯୁଦ୍ଧ ସମାଧାନ ହେବା ଉଚିତ। ଯୁଦ୍ଧ କେତେ ନୈତିକ, କେତେ ଅନୈତିକ ?ଏହାର ଉତ୍ତର ହେଉଛି ଯେତେଦିନ ପର୍ଯ୍ୟନ୍ତ ଯୁଦ୍ଧକୁ ଏଡ଼ାଯାଇପାରିବ, ସେତେଦିନ ପର୍ଯ୍ୟନ୍ତ ଯୁଦ୍ଧକୁ ରୋକିବାକୁ ପଡ଼ିବ। ଯେତେବେଳେ ଏହା ସମ୍ଭବ ନୁହେଁ, ଏହା କରାଯିବା ଉଚିତ। ସାହିର ସାହେବ(ପ୍ରସିଦ୍ଧ ଭାରତୀୟ କବି ଏବଂ ଲେଖକ) ଯୁଦ୍ଧ ଉପରେ ଏକ ଭଲ ନିବନ୍ଧ ଲେଖିଥିଲେ, ଯେଉଁଥିରେ ସେ କହୁଛନ୍ତି-‘ଯୁଦ୍ଧ ହିଁ ନିଜେ ଗୋଟିଏ ସମାସ୍ୟା। ଯୁଦ୍ଧ ଦ୍ୱାରା ସମାସ୍ୟାର ସମାଧାନ ହେବ କି ? ସେଠାରେ ରକ୍ତ ଏବଂ ଶରୀର ରହିବ। ଆସନ୍ତାକାଲି ଭୋକ ଏବଂ ତୃଷ୍ଣା ରହିବ। ତେବେ ହେ ଭଲ ଲୋକମାନେ , ଯଦି ଯୁଦ୍ଧର ପରିବେଶକୁ ସ୍ଥଗିତ କରିଦିଆଯାଏ ତେବେ ଅତି ଉତ୍ତମ ହେବ । ଏହା ଅତ୍ୟନ୍ତ ଉତ୍ତମ ହେବ । ଯଦି ସମସ୍ତଙ୍କ ଘରେ ଦୀପ ଜଳେ।” ଯୁଦ୍ଧ ପ୍ରତି ଆମର ଦୃଷ୍ଟିକୋଣ ଠିକ୍ ଏଭଳି ହେବା ଉଚିତ।

ହଁ, ଏହା ସତ୍ୟ , ଆତ୍ମସମ୍ମାନ ଏବଂ ଆତ୍ମରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏବଂ ଯେତେବେଳେ ଏପରି ପରିସ୍ଥିତି ସୃଷ୍ଟି ହୁଏ ଯେଉଁଥିରେ କୌଣସି ଉପାୟ ନଥାଏ, ସେତେବେଳେ ଲଢ଼ିବା ଆବଶ୍ୟକ। ତେଣୁ ଏହା ସ୍ପଷ୍ଟ ହେବା ଉଚିତ ଯେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ଲେଖକ ଥିଲେ ଦିନକର-ସେ ଲେଖିଛନ୍ତି, ଯେତେବେଳେ ପାଣ୍ଡବ ଏବଂ କୌରବଙ୍କ ମଧ୍ୟରେ ଯୁଦ୍ଧର ଆଲୋଚନା ହୁଏ, ଏବଂ ଯୁଧିଷ୍ଠିର ଯୁଦ୍ଧକୁ ନେଇ ବହୁତ ଦୁଃଖିତ, ଆମେ ଯୁଦ୍ଧ କଲୁ , ଭଲ କଲୁ ନା ଖରାପ ! ଯୁଧିଷ୍ଠିର ଭାବୁଛନ୍ତି ଯେ ଆମେ ପାଞ୍ଚ ଭାଇଙ୍କ ଅଧିକାର ପାଇଁ ୧୦୦ ଜଣ କୌରବଙ୍କ ଶବ ବିଛାଇଦେଲୁ । ଆମେ କେତେ ଭୟଙ୍କର କାର୍ଯ୍ୟ କରିଛୁ! ତେଣୁ ସେ ଭୀଷ୍ମ ପିତାମହଙ୍କ ପାଖକୁ ଯାଇ କହିଲେ, ‘ମୁଁ ନିଜକୁ ଦୋଷୀ ଅନୁଭବ କରୁଛି, ଏ ବିଷୟରେ ଆପଣଙ୍କର କ 'ଣ କହିବାର ଅଛି ?‘ଏହା ସହିତ, ଭୀଷ୍ମ ପିତାମହ ଯୁଧିଷ୍ଠିରଙ୍କୁ ଏକ ଦୀର୍ଘ ଉପଦେଶରେ କହିଥିଲେ, ଯେଉଁଥିରେ ଗୋଟିଏ ବିନ୍ଦୁ ମୁଖ୍ୟ ଥିଲା, “ଆବଶ୍ୟକ ନ ହେଲେ ଯୁଦ୍ଧ ଲଢ଼ିବା ଉଚିତ ନୁହେଁ। ଯଦି ଏହା କରିବା ଆବଶ୍ୟକ, ତେବେ ଯୁଦ୍ଧର ନୈତିକ ଦାୟିତ୍ୱ ସେମାନଙ୍କ ଉପରେ ପଡ଼େ ନାହିଁ ଯେଉଁମାନେ ନିଜ ପ୍ରତିରକ୍ଷା କରିଛନ୍ତି। ଯୁଦ୍ଧର ନୈତିକ ଦାୟିତ୍ୱ ସେହିମାନଙ୍କ ଉପରେ ନ୍ୟସ୍ତ ଯେଉଁମାନେ ଯୁଦ୍ଧ ପାଇଁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଏବଂ ତା 'ପରେ ସେ ଆଉ ଏକ ପଂକ୍ତି କହନ୍ତି -‘କେହି ଅସୁସ୍ଥ ହେବାକୁ ଚାହାଁନ୍ତି ନାହିଁ’ । କିନ୍ତୁ ରୋଗ ଯେତେବେଳେ ଶରୀରରେ ଆସିଥାଏ। ଔଷଧ ବିନା, କୌଣସି ଚିକିତ୍ସା ନାହିଁ। ଅର୍ଥାତ୍, ଯଦି ରୋଗ ନିକଟତର ହୋଇଛି, ତେବେ ମିଠା ସହିତ ସମାଧାନ କରାଯାଇପାରିବ ନାହିଁ, ତେଣୁ ତିକ୍ତ ଔଷଧ ନେବାକୁ ପଡିବ। ଆପଣଙ୍କୁ ଯୁଦ୍ଧ ଭଳି ପରିସ୍ଥିତିରୁ ନିଜକୁ ଦୂରେଇ ରଖିବାକୁ ହେବ ଏବଂ ଆଖପାଖର ପରିବେଶକୁ ମଧ୍ୟ ଠିକ୍ ରଖିବାକୁ ହେବ। ଏବଂ ଜଣେ ମହାନ ଲେଖକ, ଓ୍ୱାହିଦ୍ ଅଲି ଓ୍ୱାହିଦ୍ କହିଥିଲେ, ଦ୍ୱନ୍ଦ୍ୱକୁ କେତେଦିନ ପର୍ଯ୍ୟନ୍ତ ସହିବାକୁ ପଡିବ ? ଯୁଦ୍ଧକୁ କେତେଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପଡିବ ? ଆପଣ ରାଣାଙ୍କ ବଂଶଧର, ବର୍ଚ୍ଛା ଯେତେ ଦୂର ଯିବ ଫିଙ୍ଗି ଦିଅନ୍ତୁ। ଯୁଦ୍ଧର ଇତିହାସ ଆମକୁ ମନେ ପକାଇଦିଏ ଯେ, ଯେତେଥର ଆମେ ଯୁଦ୍ଧ ଭୂମିକୁ ଓହ୍ଲାଇଛୁ କେବଳ ମାତ୍ର ଅର୍ଥ ଅପଚୟ ସହିତ ମୂଲ୍ୟବାନ ଜୀବନ ନାସ ହୋଇଛି । କେବଳ ଏତିକି ନୁହେଁ ପ୍ରକୃତିର ସୌନ୍ଦର୍ଯ୍ୟତାକୁ ଅତ୍ୟନ୍ତ ମାତ୍ରାରେ ମନୁଷ୍ୟ



ହାନି ପହଞ୍ଚାଇଛି ।

ଯୁଦ୍ଧକୁ ସ୍ଥଗିତ ରଖିବା ପ୍ରାୟତଃ କୂଟନୈତିକ ପ୍ରୟାସ, ବିବାଦ ସମାଧାନର ରଣନୀତି ଏବଂ ଆନ୍ତର୍ଜାତୀୟ ସହଯୋଗକୁ ସୂଚିତ କରେ । କୂଟନୀତି ଏବଂ ଆଲୋଚନା - ଅଭିଯୋଗର ସମାଧାନ ଏବଂ ଶାନ୍ତିପୂର୍ଣ୍ଣ ସମାଧାନ ଖୋଜିବା ପାଇଁ ବିବାଦରେ ଥିବା ପକ୍ଷମାନଙ୍କ ମଧ୍ୟରେ ଆଲୋଚନାରେ ଅଂଶଗ୍ରହଣ କରିବା ଉଚିତ। ଆର୍ଥିକ ଏବଂ ରାଜନୈତିକ ପ୍ରତିବନ୍ଧକ - ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ରୋକିବା ପାଇଁ ବାଣିଜ୍ୟିକ ପ୍ରତିବନ୍ଧକ କିମ୍ବା ରାଜନୈତିକ ବିଚ୍ଛିନ୍ନତା ମାଧ୍ୟମରେ ଚାପ ପ୍ରୟୋଗ କରିବା ଉଚିତ। ଆନ୍ତର୍ଜାତୀୟ ମଧ୍ୟସ୍ଥତା - ଆଲୋଚନା ଏବଂ ଶାନ୍ତି ଚୁକ୍ତିନାମାକୁ ସୁଗମ କରିବା ପାଇଁ ନିରପେକ୍ଷ ପକ୍ଷ କିମ୍ବା ମିଳିତ ଜାତିସଂଘ ପରି ସଂଗଠନକୁ ଅନ୍ତର୍ଭୁକ୍ତ କରିବା ଉଚିତ । ମେଣ୍ଟକୁ ସୁଦୃଢ଼ କରିବା - ସାମୂହିକ ସୁରକ୍ଷା ମାଧ୍ୟମରେ ଶତ୍ରୁତାପୂର୍ଣ୍ଣ କାର୍ଯ୍ୟକଳାପକୁ ନିରୁତ୍ସାହିତ କରିବା ପାଇଁ ଦୃଢ଼ ଆନ୍ତର୍ଜାତୀୟ ସଙ୍ଗଠନ ଗଠନ କରିବା ଉଚିତ।

ଯୁଦ୍ଧ ଏକ ଗଭୀର ଜଟିଳ ଏବଂ ନୈତିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ବିଷୟ, ଏବଂ ବିଭିନ୍ନ ଦୃଷ୍ଟିକୋଣ ଏଥିପାଇଁ ବିଭିନ୍ନ ଆଭିମୁଖ୍ୟ ପ୍ରଦାନ କରେ । ଏଠାରେ କିଛି ପ୍ରମୁଖ ଦୃଷ୍ଟିକୋଣ ଅଛି। ଶାନ୍ତିବାଦ-ଏହି ଆଭିମୁଖ୍ୟ ଯୁଦ୍ଧକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଥାଏ, ସମସ୍ତ ପରିସ୍ଥିତିରେ ଶାନ୍ତିପୂର୍ଣ୍ଣ ସମାଧାନ ଏବଂ କୂଟନୀତିର ସମର୍ଥନ କରିଥାଏ। ବାସ୍ତବବାଦୀମାନେ ଯୁଦ୍ଧକୁ ଆନ୍ତର୍ଜାତୀୟ ସମ୍ପର୍କର ଏକ ଅନିବାର୍ଯ୍ୟ ଅଂଶ ଭାବରେ ଦେଖନ୍ତି, ଯାହା ନୈତିକ ବିଚାର ପରିବର୍ତ୍ତେ ଜାତୀୟସ୍ୱାର୍ଥ ଦ୍ୱାରା ପରିଚାଳିତ । ନ୍ୟାୟସଂଗତ ଯୁଦ୍ଧର ସିଦ୍ଧାନ୍ତ-ଏହି ଦୃଷ୍ଟିକୋଣରେ କୁହାଯାଇଛି ଯେ ଆତ୍ମରକ୍ଷା କିମ୍ବା ନିର୍ଦ୍ଦୋଷ ଜୀବନର ସୁରକ୍ଷା ଭଳି କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଯୁଦ୍ଧକୁ ନୈତିକ ଦୃଷ୍ଟିରୁ ଯଥାର୍ଥ ସାବ୍ୟସ୍ତ କରାଯାଇପାରିବ। ଏଥିରେ ଆନୁପାତିକତା, ବୈଧ କର୍ତ୍ତୃତ୍ୱ ଏବଂ ଶେଷ ପ୍ରତିକାର ଭଳି ନୀତି ଅନ୍ତର୍ଭୁକ୍ତ। କେତେକ ସିଦ୍ଧାନ୍ତ ଯୁଦ୍ଧକୁ ସାମାଜିକ ଆବଶ୍ୟକତାକୁ ପୂରଣ କରିବାର ଏକ ଉପକରଣ ଭାବରେ ଦେଖୁଥିବାବେଳେ ଅନ୍ୟମାନେ ଏହାକୁ ଅଭିଜାତଙ୍କ ସ୍ୱାର୍ଥ କିମ୍ବା ପ୍ରତୀକାତ୍ମକ ପାରସ୍ପରିକ କ୍ରିୟାର ପରିଣାମ ଭାବରେ ଦେଖନ୍ତି । ଯୋଦ୍ଧା ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ଭେଦଭାବ, ଆନୁପାତିକତା ଏବଂ ସାମରିକ ଆବଶ୍ୟକତା ଭଳି ବିଷୟଗୁଡ଼ିକୁ ବିଚାରକୁ ନେଇ ଯୁଦ୍ଧ ନୈତିକ ଦୃଷ୍ଟିରୁ ଠିକ୍ ହୋଇପାରିବ କି ନାହିଁ ସେ ନେଇ ଦାର୍ଶନିକମାନେ ବିତର୍କ କରିଥାନ୍ତି। ପରିଶେଷରେ, ସର୍ବୋତ୍ତମ ଆଭିମୁଖ୍ୟ ସମାଜର ପ୍ରସଙ୍ଗ, ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟ ଉପରେ ନିର୍ଭର କରେ।୧୬ ଶ ଏବଂ ୧୭ ଶ ଶତାବ୍ଦୀରେ ଗୁଳି ଗୋଳାବାରୁଦର ଉଦ୍ଭାବନ ଏବଂ ରାଷ୍ଟ୍ର-ରାଷ୍ଟ୍ରର ଉତ୍ଥାନ ଅଧିକ ଧ୍ୱଂସାତ୍ମକ ଯୁଦ୍ଧର କାରଣ ହୋଇଥିଲା। ନେପୋଲିୟନ ଯୁଦ୍ଧ ୟୁରୋପୀୟ ସୀମାକୁ ବଦଳାଇ ଦେଇଥିଲା ଏବଂ ସମଗ୍ର ବିଶ୍ୱରେ ସାମରିକ କୌଶଳକୁ ପ୍ରଭାବିତ କରିଥିଲା। ତେବେ, ବିଶ୍ୱଯୁଦ୍ଧଗୁଡ଼ିକ ଆଧୁନିକ ବିଶ୍ୱରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଗୁଳିଗୋଳା ଏବଂ ରାସାୟନିକ ଅସ୍ତ୍ରଶସ୍ତ୍ରର ଯୁଦ୍ଧ ଆରମ୍ଭ କରିଥିଲା, ଯାହା ଲକ୍ଷ ଲକ୍ଷ ମୃତ୍ୟୁ ଏବଂ ସାମ୍ରାଜ୍ୟର ପତନ ଘଟାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ, ମାନବ ଇତିହାସର ସବୁଠାରୁ ମାରାତ୍ମକ ସଂଘର୍ଷ ମଧ୍ୟରୁ ଗୋଟିଏ, ଫାସିବାଦ ଏବଂ ସର୍ବଗ୍ରାସୀ ଶାସନର ଉତ୍ଥାନ ଦେଖିଲା, ବିଶ୍ୱ ରାଜନୀତିକୁ ପୁନର୍ଗଠନ କଲା । ଯୁଦ୍ଧର ମାନବୀୟ ମୂଲ୍ୟ - ସାମରିକ ରଣନୀତି ଏବଂ ରାଜନୈତିକ ପରିବର୍ତ୍ତନ ବ୍ୟତୀତ, ଯୁଦ୍ଧ ସାଧାରଣ ନାଗରିକଙ୍କୁ ଗଭୀର ଭାବେ ପ୍ରଭାବିତ କରିଥାଏ। ଏହା ବ୍ୟାପକ ବିସ୍ଥାପନ, ମନସ୍ତାତ୍ତ୍ୱିକ ଆଘାତ, ଆର୍ଥିକ ଅସ୍ଥିରତା ଏବଂ ସାଂସ୍କୃତିକ ଅବକ୍ଷୟର କାରଣ ହୋଇଥାଏ। ସଂଘର୍ଷ କ୍ଷେତ୍ରର ଅଧ୍ୟୟନରେ ସାଧାରଣ ନାଗରିକଙ୍କ ମଧ୍ୟରେ ଅବସାଦ ବୃଦ୍ଧି ପରିଲକ୍ଷିତ ହୋଇଛି, ଯାହାର ପରିଣାମ ଆତ୍ମହତ୍ୟା ଠାରୁ ଆରମ୍ଭ କରି ଦୀର୍ଘକାଳୀନ ମାନସିକ ରୋଗ ପର୍ଯ୍ୟନ୍ତ ରହିଛି। ଯୁଦ୍ଧ ମଧ୍ୟ ଜୀବନଧାରଣର ମାଧ୍ୟମକୁ ନଷ୍ଟ କରିଦେଇଥାଏ, ପରିବାରଗୁଡ଼ିକୁ ଦାରିଦ୍ର୍ୟ ଏବଂ ଅବହେଳାର ଚକ୍ରକୁ ଠେଲି ଦେଇଥାଏ। ଇତିହାସର ଶିକ୍ଷା - ଯୁଦ୍ଧର ଇତିହାସକୁ ବୁଝିବା ଆମକୁ ଅତୀତରୁ ଶିଖିବାକୁ ଏବଂ ଅଧିକ ଶାନ୍ତିପୂର୍ଣ୍ଣ ଭବିଷ୍ୟତ ନିର୍ମାଣ କରିବାରେ ସାହାଯ୍ୟ କରେ । ଯଦିଓ ସଂଘର୍ଷ ବୈଷୟିକ ପ୍ରଗତି ଏବଂ ସମାଜକୁ ରୂପ ଦେଇଛି, ସେମାନେ ମାନବତା ଉପରେ ମଧ୍ୟ କ୍ଷତ ଛାଡିଛନ୍ତି। ଆମେ କିପରି ଭବିଷ୍ୟତର ଯୁଦ୍ଧକୁ ରୋକିପାରିବା ଏବଂ ଏକ ସ୍ଥାୟୀ ଶାନ୍ତିକୁ ପ୍ରୋତ୍ସାହିତ କରିପାରିବା ? ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । କିନ୍ତୁ ଏହା ସ୍ପଷ୍ଟ ଯେ , ଯେତେଦିନ ପର୍ଯ୍ୟନ୍ତ ଏହି ସମାଜ ବ୍ୟବସ୍ଥା ,ଅର୍ଥାତ ପୁଞ୍ଜିବାଦ ରହିଥିବ ସେତେଦିନ ପର୍ଯ୍ୟନ୍ତ ଯୁଦ୍ଧର ପରିବେଶ ତିଷ୍ଠି ରହିଥିବ । କାରଣ ପୁଞ୍ଜିବାଦ ତିଷ୍ଠି ରହିବା ପାଇଁ ସାମ୍ରାଜ୍ୟବାଦକୁ ଜନ୍ମ ଦେଇଥାଏ ଏବଂ ସାମ୍ରାଜ୍ୟବାଦ ଯୁଦ୍ଧ ସୃଷ୍ଟି କରେ । ଯୁଦ୍ଧ ଉନ୍ମାଦ ହିଁ ପୁଞ୍ଜିବାଦକୁ ତିଷ୍ଠି ରହିବାରେ ସହାୟତା କରିଥାଏ ।ପୁଞ୍ଜିବାଦର ଶେଷ ସ୍ତର ହେଉଛି ସାମ୍ରାଜ୍ୟବାଦ ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# “ ଲେଖିବାକୁ ଥିବା କଲମରୁ କାଳି ଶୁଖିଯାଉଛି...

## ଗୋପାଳ ମହାପାତ୍ର

ଅଦ୍ୟାବଧି ଫୁଲଓ୍ୱମା ଘଟଣାର ତଦନ୍ତ ହୋଇ ପାରିଲା ନାହିଁ। ପହଲଗାମା ଘଟଣା ଆଉ କିଛିଦିନ ପରେ ଜନମାନସକୁ ଲିଭିଯିବ ଯେମିତି କାନ୍ଦାହାର ହାଇଜାକ୍, ଅକ୍ଷରଧାମ, ରଘୁନାଥ ମନ୍ଦିର, କାରଗିଲ, ସଂସଦ ଉପରେ ଆକ୍ରମଣ, ଅମରନାଥ ଯାତ୍ରୀଙ୍କ ଉପରେ ଆକ୍ରମଣ, ପଠାନକୋଟ, ଭରି ଓ ଫୁଲଓ୍ୱମା ଘଟଣା ଜନମାନସରୁ ଲିଭି ଯାଇଛି। କିନ୍ତୁ ନିକଟରେ ବିଶ୍ୱପ୍ରେସ ଦିବସ ପାଳିତ ହୋଇ ଯାଇଛି। ଏଣୁ ଏହି ଅବସରରେ ସାମ୍ବାଦିକତାକୁ ନେଇ ଉଠୁଥିବା ପ୍ରଶ୍ନ ବାବଦରେ ମଧ୍ୟ ତର୍ଜମା କରାଯିବା ଆବଶ୍ୟକ। ପ୍ରଶ୍ନ କରିବା କଥା ସିଏ ଚୁପ୍, ଲେଖିବା ପାଇଁ କଲମରୁ କାଳି ଶୁଖିଯାଉଛି କାହିଁକି ?

ସମୟକୁ ଟିକେ ପଛକୁ ନେଇଯିବା ଓ ୧୯୮୦-୯୦ ଦଶକୁ ଚାଲିଯିବା। ସେ ସମୟର ସାମ୍ବାଦିକତା ଭିନ୍ନ ଥିଲା। ସାମ୍ବାଦିକ ପ୍ରଶ୍ନ କରୁଥିଲେ ଓ ବଡ଼ବଡ଼ ନେତା ମଧ୍ୟ ଉତ୍ତର ଦେଉଥିଲେ ଏପରିକି ସାମ୍ବାଦିକଙ୍କ ପ୍ରଶ୍ନବାଣରେ ଆହତ (ଘାଇଲା) ହେଉଥିଲେ। ଏବେ ସେ ସମୟ ନାହିଁ। ଏବେ ସାମ୍ବାଦିକତାରେ ଚାଟୁକାରିତାର ସମୟରେ ସାମ୍ବାଦିକ ମାନଙ୍କର ୧୯୮୦-୯୦ ବା ତାରପୁର୍ବ ସମୟରେ ମାନସିକତା ନାହିଁ, ସାହସ ନାହିଁ, ପ୍ରଶ୍ନ ପଚାରିବାର ନାହିଁ। ବର୍ତ୍ତମାନର ସାମ୍ବାଦିକତର ଏକ କିଂଭୁତ କିମାକାର ଅବସ୍ଥାରେ ପହଞ୍ଚିଛି। ଏବେ ଅସଲ କଥାର ଗୁରୁତ୍ୱ କମିଛି। ପ୍ରଶ୍ନ କରିବା ପାଇଁ ଉଦିଷ୍ଟ କଲମରୁ କାଳି ଶୁଖିଯାଇଛି। ସମୟଥିଲା ଖବରର ସମାନତା (ବାଲାନ୍ସ) ଥିଲା। ଏକତରଫା ନଥିଲା। ସାମ୍ବାଦିକ ମାନେ ପଜିଟିଭ ନିଉଜ(ସମ୍ବାଦ) ଖୋଜୁଥିଲେ। ସମ୍ପାଦକ ମାନେ ମଧ୍ୟ ଏପରି କରିବାକୁ ନିର୍ଦ୍ଦେଶ ଦେଉଥିଲେ। ଦଙ୍ଗା/ ଆତଙ୍ଗବାଦୀ ଘଟଣା ସହିତ ସାମାଜିକ , ଧାର୍ମିକ ଖବରକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିଲା। ଗତ ଏପ୍ରିଏ ୨୧ ତାରିଖରେ କାଶ୍ମୀରରେ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ଘଟିଥିଲା। ଏହି ଘଟଣାକୁ ଦେଶର ଅନେକ ବୈଦ୍ୟୁତିକ ଗଣମାଧ୍ୟମ (ଟିଭି ଚାନେଲ) ତମାମ ପ୍ରଶ୍ନ କୁ ଛାଡି ସିଧା ସଳଖ ଗୋଟିଏ ବିଷୟରେ ସମ୍ବାଦକୁ କେନ୍ଦ୍ରୀତ କଲେ ଯେ କିଏ କେତେ ବିଷ ମିର ସମାଜରେ ବୁଣିପାରୁଛି। ଏହି ବିଦ୍ୟୁତିକ ଗଣମାଧ ସହ କେତେକ ଜାତୀୟ ସ୍ତରର ମୁଦ୍ରିତ ଗଣ ମାଧମ ମଧ୍ୟ ବିଦ୍ୱେଷ ସୃଷ୍ଟି କରିବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା ଆରମ୍ଭ କରି ଦେଇଥିଲେ।

କୁଆଡ଼େ ଗଲା ଶାସକଙ୍କ ଆଖିରେ ଆଖି ମିଶାଇ ପ୍ରଶ୍ନ କରିବାର ସାହସ? କୁଆଡ଼େ ଗଲା ସତ୍ୟ ଘଟଣା ପ୍ରସାରିତ କରିବାର ମାନସିକତା ? ଯେଉଁ କାଶ୍ମୀରୀର ଲୋକେ ନିଜ ପିଠି ଉପରେ ଲଦି ଲୋକଙ୍କ ଜୀବନ ବଞ୍ଚାଇଥିଲେ ସେ କଥାକୁ ପ୍ରସାରିତ କରାଗଲା ନାହିଁ କାହିଁକି ? କାଶ୍ମୀର ଟ୍ୟାକ୍ସି ଆସୋସିଏସନର ଶହ ଶହ ଲୋକ ଯେଉଁମାନେ ନିଷ୍ପତ୍ତି ନେଇଥିଲେ ପର୍ଯ୍ୟଟକ ମାନଙ୍କୁ ବିନା ଭଡ଼ାରେ ବା ବିନା ପଇସାରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ଛାଡିଦେବାକୁ, ସେମାନଙ୍କ କଥା ସମ୍ବାଦରୁ ବାଦ୍ ପଡିଗଲା କେମିତି ? ଆହତଙ୍କୁ ରକ୍ତ ଦେବା ପାଇଁ ଲାଇନ ଲଗାଇ ଠିଆ ହୋଇଥିବା କାଶ୍ମୀର ବାସୀଙ୍କ କଥା ମଧ୍ୟ ସ୍ଥାନ ପାଇପାରିଲା ନାହିଁ। କ'ଣ ଏସବୁ ସମ୍ବାଦ ବା ଖବରର ଅଂଶ ନଥିଲା ? କିଏ ମନା କରିଥିଲା ଏ ସବୁକୁ ପ୍ରସାର ନ କରିବା ପାଇଁ ? ଏବେ ପହଲଗାମରେ ଆତଙ୍କବାଦୀଙ୍କ ନରସିଂହାର ମାମଲା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଆକ୍ରମଣରେ ୨୭ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କାଶ୍ମୀରର ସ୍ଥାନୀୟ ବାସିବା ମଧ୍ୟ ଅନେକ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇଛନ୍ତି। ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ପାଇଁ ଦାବି କରିବା ସହ କାଶ୍ମୀରର ଲୋକେ ଦିନିକିଆ କାଶ୍ମୀର ବନ୍ଦ ପାଳନ କରିଛନ୍ତି। ଜାମ୍ମୁ- କାଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ରାଜ୍ୟର ଆଇନ୍ ବ୍ୟବସ୍ଥାକୁ ନେଇ ତାଙ୍କ ପାଖରେ କୌଣସି ଅଧିକାର ନାହିଁ ବୋଲି କହିବା ସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଆତଙ୍କବାଦୀ ଆକ୍ରମଣ ପାଇଁ ସାରା ଦେଶକୁ ଭୁଲ ମାଗିଛନ୍ତି। ଏସବୁ ପରେ ଜାତୀୟ ବୈଦୁତିକ ଗଣମାଧମ ସାରା ଦେଶରେ ଏକ ବିଦ୍ୱେଷର ବାତାବରଣ ସୃଷ୍ଟି କରିବାର ଲାଗିପଡିଛନ୍ତି।

ବୈଦ୍ୟୁତିକ ଗଣ ମାଧମ (ଟିଭି ଚାନେଲ)ର ଏହି ମାନସିକତା ୬ ବର୍ଷ ତଳେ ଧାରା ୩୭୦ ଉଚ୍ଛେଦ ବେଳେ ମଧ୍ୟ ଅନେକ ମନଗଢା କାହାଣୀ ପ୍ରସାରିତ କରିବେଳେ ଜଣାପଡିଥିଲା। ସେତେବେଳେ କେତେକ ବୈଦ୍ୟୁତିକ ଗଣମାଧ୍ୟମ ଏମିତି ସମ୍ବାଦ ପ୍ରକାଶ କଲେ ସତେ ଯେମିତି କାଶ୍ମୀର କୌଣସି ଦେଶର ଅଂଶ ଥିଲା ଯାହାକୁ କେନ୍ଦ୍ର ସରକାର ଭାରତରେ ମିଶାଇ ଦେଇଛନ୍ତି। ଏହା କେମିତି ସାମ୍ବାଦିକତା ? ସାଧାରଣ ଲୋକେ ତ୍ରିରଙ୍ଗାଧରି ଆତଙ୍କବାଦ ବିରୁଦ୍ଧରେ ପ୍ରଦର୍ଶନ କଲେ। ଏହା କ'ଣ ସମ୍ବାଦ ନୁହେଁକି ?

ସବୁଠାରୁ ବିପଦଜନକ କଥା ହେଉଛି କେତେକ ବୈଦ୍ୟୁତିକ ଗଣମାଧ୍ୟମ ଭାରତୀୟ ସେନାର ସମ୍ଭାବିତ ରଣନୀତିକୁ ନେଇ ଚର୍ଚ୍ଚା କରୁଛନ୍ତି। ଯେଉଁ ତଥ୍ୟ ଶତ୍ରୁ ପାଖରେ ପହଞ୍ଚିବା ପାଇଁ ସମୟ ଲାଗିଥାନ୍ତା ତାକୁ କେତେକ ବୈଦ୍ୟୁତିକ ଗଣମାଧ୍ୟମ ତାଙ୍କ ଷ୍ଟୁଡିଓରେ ବସି ପ୍ରସାର କରି ଚାଲୁଛନ୍ତି। ଏସବୁ ଗଣମାଧ୍ୟମକୁ ରାଷ୍ଟ୍ରୀୟ ସୁରକ୍ଷା ସହ ଜଡିତ ପ୍ରସଙ୍ଗ ଉପରେ ଚର୍ଚ୍ଚା ପାଇଁ ଅନୁମତି ଦେଲା କିଏ? ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମ ଏବଂ ଅଫିସିଆଲ ସିକ୍ରେଟ ଆକ୍ଟ ଅନୁସାରେ ସମ୍ବେଦନଶୀଳ ସୂଚନା ସାର୍ବଜନୀନ କରାଯିବା ଉଚିତ୍ ନୁହେଁ। ଏସବୁ ବୈଦ୍ୟୁତିକ ଗଣମାଧ୍ୟମ ରାଷ୍ଟ୍ରୀୟ ସୁରକ୍ଷାକୁ ଲୋକଙ୍କ ମନୋରଞ୍ଜନ ଏବଂ ନିଜର ଧନ୍ଦାର ସାଧନ ବନାଇଛନ୍ତି ଯାହା ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ନୁହେଁ କି ?

କୌଣସି ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମ ସରକାରଙ୍କୁ ପ୍ରଶ୍ନ କରୁନାହାଁନ୍ତି ଯେ ପୁରା ଜାମ୍ମୁ-କାଶ୍ମୀରରେ ବିଭିନ୍ନ ସୁରକ୍ଷା ବଳର ଅଢେଇ ଲକ୍ଷରୁ ଅଧିକ ଜବାନ ମୁତୟନ ଥିବା ବେଳେ ପହଲଗାମରେ ଯେଉଁ ସ୍ଥାନରେ ଆକ୍ରମଣ ହେଲା ସେଠାରେ ଜଣେ ବି ଜବାନ ମୁତୟନ କରାଯାଇନଥିଲା କାହିଁକି ? ଗଣମାଧ୍ୟମକୁ ପ୍ରଶ୍ନ କରିବା ପାଇଁ ଅନେକ କଥା ରହିଛି। କିନ୍ତୁ ପ୍ରଶ୍ନ କରାଯାଉନାହିଁ।

ଅଦ୍ୟାବଧି ଫୁଲଓ୍ୱମା ଘଟଣାର ତଦନ୍ତ ହୋଇ ପାରିଲା ନାହିଁ। ପହଲଗାମା ଘଟଣା ଆଉ କିଛିଦିନ ପରେ ଜନମାନସକୁ ଲିଭିଯିବ ଯେମିତି କାନ୍ଦାହାର ହାଇଜାକ୍, ଅକ୍ଷରଧାମ, ରଘୁନାଥ ମନ୍ଦିର, କାରଗିଲ, ସଂସଦ ଉପରେ ଆକ୍ରମଣ, ଅମରନାଥ ଯାତ୍ରୀଙ୍କ ଉପରେ ଆକ୍ରମଣ, ପଠାନକୋଟ, ଭରି ଓ ଫୁଲଓ୍ୱମା ଘଟଣା ଜନମାନସରୁ ଲିଭି ଯାଇଛି। କିନ୍ତୁ ନିକଟରେ ବିଶ୍ୱପ୍ରେସ ଦିବସ ପାଳିତ ହୋଇ ଯାଇଛି। ଏଣୁ ଏହି ଅବସରରେ ସାମ୍ବାଦିକତାକୁ ନେଇ ଉଠୁଥିବା ପ୍ରଶ୍ନ ବାବଦରେ ମଧ୍ୟ ତର୍ଜମା କରାଯିବା ଆବଶ୍ୟକ। ପ୍ରଶ୍ନ କରିବା କଥା ସିଏ ଚୁପ୍, ଲେଖିବା ପାଇଁ କଲମରୁ କାଳି ଶୁଖିଯାଉଛି କାହିଁକି ?

ରାମଚନ୍ଦ୍ରପୁର,ରଣପୁର
ମୋ ୯୪୩୮୪୮୫୦୯୪

7.05.2025.pmd 1 5/6/2025, 5:02 PM

## ୧୪ ବିଦ୍ୟାଳୟକୁ ସ୍ଥାୟୀପଟ୍ଟା ବଣ୍ଟନ

ଭାପୁର,୬।୫ (ନିପ୍ର): ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ଚାଲିଥିବା ୫୯ ଗୋଟି ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାବେଳେ ସୋମବାର ୧୩ ଗୋଟି ଏବଂ ପୂର୍ବରୁ ଟିଙ୍ଗୁଡ଼ିଗାଡିଆ ମୌଜାରେ ଅବସ୍ଥିତ ସର୍ବେଶ୍ୱର ନୋଡାଲକୁ ମିଶେଇ ୧୪ ଟି ବିଦ୍ୟାଳୟକୁ ଭାପୁର ତହସିଲ ପକ୍ଷରୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ଆଉ ବାକି ରହିଥିବା ୪୫ ଗୋଟି ବିଦ୍ୟାଳୟକୁ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯିବ




ବୋଲି ଭାପୁର ତହସିଲ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଉଲ୍ଲେଖଯୋଗ୍ୟ, ସେ ବିଦ୍ୟାଳୟଗୁଡ଼ିକ ବର୍ଷବର୍ଷ ଧରି ପତିତ ଜମି, ଜଙ୍ଗଲ ଜମି ,ମୁଣ୍ଡିଆ ଜମି, ବେସରକାରୀ ଜମି କିସମରେ ରହିଆସିଥିଲା । ଫଳରେ ସେହି ବିଦ୍ୟାଳୟ ଗୁଡ଼ିକ ସ୍ଥାୟୀପଟ୍ଟା ପାଇବାରୁ ବଞ୍ଚିତ ହୋଇ ବିଭିନ୍ନ ସରକାରୀ ସହାୟତା ପାଇବା ପାଇଁ ସମସ୍ୟା ପରିଲକ୍ଷିତ ହେଉଥିଲା । ଏହି ପରିପ୍ରେକ୍ଷୀରେ, ସୋମବାର ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ ମିଟୁଆଣି, ମହୁଲବେରେଣା,ବଳଦିଆନୂଆଗାଁ, ସୁଆମଢିପ, ବୋରଗାଁ, ଭଗବାନପୁର, ଲୁଣିଆଉଟି, ପାଥପୁର,ଧାନଚାଙ୍ଗଡ଼ା, ଫତେଗଡ, ଭାପୁର, ବାଦିଲୋ,ଛେଳିଆ ମୌଜାରେ ଅବସ୍ଥିତ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ତହସିଲ କାର୍ଯ୍ୟାଳୟ ପରିସରରେ ସ୍ଥାୟୀ ପଟ୍ଟା ପ୍ରଦାନ କରିଛନ୍ତି ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୬।୫(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋମୁଣ୍ଡିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଆରତି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଶିକ୍ଷକ ଅମୂଲ୍ୟ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ଉକ୍ତ ସଭାରେ ବିଆର୍‌ସିସି ସିଦ୍ଧେଶ୍ୱର କରଣ, ଶିକ୍ଷୟିତ୍ରୀ ପ୍ରଜ୍ଞାରାଣୀ ଦାସ, ମଧୁସ୍ମିତା ସାମନ୍ତରାୟ ପ୍ରଭୃତି ବହୁ ଶିକ୍ଷାବିତ ଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ । ଉକ୍ତ ଉତ୍ସବରେ ପରିଚାଳନା କମିଟି, ଗ୍ରାମକମିଟି ଯୋଗ ଦେଇଥିଲେ । ଛାତ୍ର, ଛାତ୍ରୀମାନେ ବିଦାୟ ସଂଗୀତଗାନ, ନୃତ୍ୟ କରିଥିଲେ । ଅତିଥିମାନେ କହିଥିଲେ ସେ ଜଣେ ଦକ୍ଷ, ନିର୍ଭୀକ ଶିକ୍ଷୟିତ୍ରୀ ଥିଲେ । ସେହିଭଳି ଯୋଗ ଦେଇଥିବା ଅତିଥି, ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ କୃତିତ୍ୱକୁ ବର୍ଣ୍ଣନା କରିଥିଲେ ।

## ଶିଶୁ ବିଦ୍ୟାମନ୍ଦିର ପାସ୍‌ହାରକୁ ନେଇ ଚିନ୍ତାରେ ଅଭିଭାବକ

ଆସିକା,୬।୫ (ନିପ୍ର): ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପାଠ ପଢା ଓ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପାସ ହାରକୁ ନେଇ ଚିନ୍ତାରେ ଅଭିଭାବକ । ଦିନ ଥିଲା ଆସିକା ବ୍ଲକ ରେ ସରସ୍ୱତୀ ଶିଶୁ ମନ୍ଦିରର ପାଠପଢା ଶୈଳୀ, ନୀତି ଆଦର୍ଶ, ଉତ୍ତମ ଶିକ୍ଷା ଦାନ ପାଇଁ ଶତାଧିକ ଅଭିଭାବକ ବିଦ୍ୟା ମନ୍ଦିର ପ୍ରତି ପିଲାମାନଙ୍କୁ ପାଠ ପଢା ନିମନ୍ତେ ଆଗ୍ରହ ପ୍ରକାଶ କରୁଥିଲେ । ଚଳିତ ବର୍ଷ ୧୦୬ ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ଏ ୦୧ ରେ ମାତ୍ର ୦୬ ଜଣ ଏ-୨ ରେ ୨୧ ଜଣ,ବି-୦୧ ରେ ୩୦ ଜଣ, ବି-୨ ରେ ୩୨ ଜଣ, ସି - ରେ ୧୫ ଜଣ ଏବଂ ଡି- ରେ ମଧ୍ୟ ଜଣେ ପାସ ହୋଇଥିବା ସଦ୍ୟ ପ୍ରକାଶିତ ପରୀକ୍ଷା ଫଳରୁ ଜଣାପଡିଛି । କିନ୍ତୁ ଗତ ବର୍ଷ ଏହି ମାଟ୍ରିକ ପରୀକ୍ଷା ରେ ୦୯ ଜଣ ଏ-୦୧ରେ , ପାସ କରୁଥିବା ବେଳେ ଚଳିତ ବର୍ଷର ପରୀକ୍ଷା ଫଳ ଦେଖି ଅଭିଭାବକ ଚିନ୍ତାରେ ରହିଥିବା ଶୁଣିବାକୁ ମିଳୁଛି । ଏଥି ସହିତ ଗତ କିଛି ବର୍ଷ ହେଲା ମାଟ୍ରିକରେ ପିଲାମାନେ ପାଠ ପଢିବାକୁ ବିଦ୍ୟାମନ୍ଦିର ଉପରେ ଭରସା ନହେଲା ଭଳି ମନେ ହେଉଛି । ଗତ କିଛି ବର୍ଷ ହେଲା ଦଶମ ଶ୍ରେଣୀରେ ପିଲା ସଂଖ୍ୟା କମୁଥିବା ମଧ୍ୟ କୁହାଯାଉଛି । ନିୟମିତ ଅଭିଭାବକ ବୈଠକ ନ ହେବା ହେତୁ ଅଭିଭାବକ ମାନେ ଶିକ୍ଷା ଦାନ ବିଷୟରେ ଅବଗତ କରାଇବା ସୁଯୋଗ ମିଳୁନାହିଁ । ବିଦ୍ୟାମନ୍ଦିରର ପରିଚାଳନା କମିଟି ଉଚ୍ଚସ୍ତରୀୟ ପାଠପଢା ଉପରେ ଅଧିକ ଧ୍ୟାନ ଦେବାକୁ ଅଭିଭାବକମାନେ ମତ ରଖିଛନ୍ତି । ଏ ସମ୍ପର୍କରେ ବିଦ୍ୟାମନ୍ଦିରର ପରିଚାଳନା କମିଟି କିମ୍ବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବପର ହୋଇନଥିଲା ।

## ଆସିକା ବ୍ଲକ୍ ଟପ୍ପର ହେଲେ ଚିନିଶିଳ୍ପ ହାଇସ୍କୁଲର ଧରିତ୍ରୀ

ଆସିକା,୬।୫ (ନିପ୍ର); ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସିକା ବ୍ଲକ ଅଧୀନସ୍ଥ ବାବନପୁର ପଞ୍ଚାୟତର ବାବନପୁର ଗ୍ରାମରେ ଥିବା ଚିନିଶିଳ୍ପ ହାଇସ୍କୁଲର ବିଦ୍ୟାର୍ଥୀମାନେ ଶତପ୍ରତିଶତ ସଫଳତା ହାସଲ କରି ଆସିକା ବ୍ଲକ ଟପ୍ପର ହୋଇଅଛନ୍ତି । ଚଳିତବର୍ଷ ଚିନି ଶିଳ୍ପ ହାଇସ୍କୁଲ ରେ ୩୪ ଜଣ ପରୀକ୍ଷାର୍ଥୀ ମାଟ୍ରିକ ଦେଇଥିଲେ । ଏଥି ମଧ୍ୟରୁ ଏ-୧ ଗ୍ରେଡରେ ଜଣେ, ଏ-ଟୁ ଗ୍ରେଡରେ ର ଜଣେ, ବି-ଓ୍ୱାନରେ ୮, ବି-ଟୁରେ ୧୩, ସି-ଗ୍ରେଡରେ ୮ ଓ ଡି- ଗ୍ରେଡରେ ୩ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି । ମେଧାବୀ ଛାତ୍ରୀ ଧରିତ୍ରୀ ଜେନା ୫୫୮ ମାର୍କ ରଖି ଏ-୧ ଗ୍ରେଡ୍ ହାସଲ କରି ଆସିକା ବ୍ଲକ ଟପ୍ପର ଓ ନିଜ ବିଦ୍ୟାଳୟ ସ୍ତରରେ ସ୍କୁଲ ଟପ୍ପର ବି ହୋଇଥିବା ଜଣାପଡିଛି । ଏହି ସଫଳତାର ଶ୍ରେୟ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ଗୌରୀଶଙ୍କର ଗୌଡଙ୍କ ସମେତ ନିଜ ପରିବାରବର୍ଗ ଓ ଶୁଭେଚ୍ଛୁଙ୍କୁ ପ୍ରଦାନ କରିଥିବା ଜଣାପଡିଛି ।

## ଭଗବତୀ ନୋଡାଲ ବିଦ୍ୟାପୀଠ କୃତୀ ଶିକ୍ଷାର୍ଥୀ ସମ୍ବର୍ଦ୍ଧିତ

କାକଟପୁର,୬।୫(ନିପ୍ର): ସ୍କୁଲରେ ପିଲାମାନେ ଯେତେବେଳେ ଅଧିକ ନମ୍ବର ରଖି ସ୍କୁଲର ମର୍ଯ୍ୟାଦା ରଖେ ସେତେବେଳେ ଅଭିଭାବକଙ୍କ ଅପେକ୍ଷା ବେଶି ଖୁସି ଅନୁଭବ କରନ୍ତି ସେଇ ସ୍କୁଲରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ । ଶିକ୍ଷାକୁ ଏକ ବ୍ରତ ଭାବେ ଆପଣେଇ ନିଜର ପାଠ ପଢାଇବାର ସବୁ କୌଶଳକୁ ଛାତ୍ରଛାତ୍ରୀଙ୍କ ଉପରେ ବିନିଯୋଗ କରି ଯେତେବେଳେ ଛାତ୍ରଛାତ୍ରୀମାନେ ତାଙ୍କର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରନ୍ତି ସବୁଠାରୁ ଅଧିକ ଖୁସି ପାଇ ନିଜ ଆତ୍ମ ସନ୍ତୋଷ ଲାଭ କରନ୍ତି ଶିକ୍ଷକ ଶିକ୍ଷୟିତ୍ରୀ ସମାଜ, ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶିକ୍ଷାରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି ସହ ସେମାନଙ୍କର ପରିଶ୍ରମକୁ ଆନୁଷ୍ଠାନିକ ଭାବରେ ସ୍ୱିକୃତି ଦେବା ଉଦ୍ଦେଶ୍ୟରେ କାକଟପୁର ଶିକ୍ଷା ବିଭାଗ ଅଧିନସ୍ଥ ବାଜପୁର ଭଗବତୀ ନୋଡାଲ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷୟିତ୍ରୀ ଚପଳା ବେହେରାଙ୍କ ପ୍ରେରଣାରେ ଏକ ସମ୍ବର୍ଦ୍ଧିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଙ୍ଗୁରୀଗାଁ ସାଧନ କେନ୍ଦ୍ରର ପୂର୍ବତନ ସିଆରସିସିଙ୍କ କନ୍ୟା ସୌମ୍ୟା ପ୍ରାଚୀପ୍ରଜ୍ଞା ବେହେରା ,ଅକ୍ଷୟ ନାୟକ, ଓ ଆକାଂକ୍ଷା ଅଭିପସା ସାହୁଙ୍କୁ ଚଳିତ ମାଟ୍ରିକ ପରୀକ୍ଷାରେ ବିଦ୍ୟାପୀଠରେ ଦଶମ କ୍ଲାସରେ ସର୍ବାଧିକ ନମ୍ବର ରଖିଥିବାରୁ ସ୍କୁଲର ସହପାଠୀ ଓ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତିରେ ଏସ ଏମ ସି ଅଧକ୍ଷ ପ୍ରଦୀପ କୁମାର ପୃଷ୍ଟି ଏବଂ ଶିକ୍ଷକ/ ଶିକ୍ଷୟତ୍ରୀ ମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଘରୋଇ ବ୍ୟାଙ୍କ୍ ଏସ୍‌ଏଚଜି ମହିଳା ଗୋଷ୍ଠୀଙ୍କୁ କୃଷିଋଣ ଦେଇ ହେଉଛନ୍ତି ମାଲାମାଲ !

ରାଉରକେଲା,୬।୫ (ନିପ୍ର):ମହିଳାମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗଠନ କରାଯାଇଛି ସ୍ୱୟଂ ସହାୟକ ଗୋଷ୍ଠୀ । ଏହି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ମାଧ୍ୟମରେ ମହିଳାମାନେ ଏକ ଏସ୍‌ଏଚଜି ଗ୍ରୁପ ଗଠନ କରିବା ସହିତ ୧୦ରୁ ୨୦ ଜଣ ମହିଳା ଏଥିରେ ସଭ୍ୟ ରହୁଛନ୍ତି । ଏସ୍‌ଏଚଜି ଗ୍ରୁପ୍ ଗଠନ ହେବା ପରେ ତାହା ଗ୍ରାମାଞ୍ଚଳରେ ପଞ୍ଚାୟତ ଏବଂ ସହରାଞ୍ଚଳରେ ବିଜ୍ଞାପିତ ଅଞ୍ଚଳ, ପୌରପରିଷଦ ଓ ମହାନଗର ନିଗମ ଦ୍ୱାରା ପରିଚାଳିତ ହେଉଛି । ଏସ୍‌ଏଚଜି ମହିଳାମାନେ ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲିବା ସହିତ, ନିଜେ ପ୍ରତି ମାସରେ କିଛି ଟଙ୍କା ଜମା କରିବା ସହିତ ସରକାରଙ୍କ ଘୋଷଣା ଅନୁଯାୟୀ ବିନା ସୁଧରେ ବ୍ୟାଙ୍କରୁ ଗ୍ରୁପ୍ ଲୋନ୍ ନେଇ ବ୍ୟବସାୟ କରି ପରିବାରକୁ ଆଗକୁ ବଢାଉଛନ୍ତି । ଏହି ସୁଯୋଗର ଫାଇଦା ଉଠାଇ କେତେକ ଘରୋଇ ବ୍ୟାଙ୍କ୍ ଏସ୍‌ଏଚଜି ମହିଳା ଗୋଷ୍ଠୀଙ୍କୁ ବୁଝାଇ ନିଜ ବ୍ୟାଙ୍କରେ ଖାତା (ଏକାଉଣ୍ଟ) ଖୋଲାଇବା ସହିତ ସେମାନଙ୍କୁ ଭୁଲ ସୂଚନା ଦେଇ ଲୋନ୍ ଦେଉଛନ୍ତି । ବିନା ସୁଧରେ ଗ୍ରୁପ୍ ଲୋନ୍ ବଦଳରେ କୃଷି ଲୋନ୍ ଦେଉଛନ୍ତି ଏବଂ ପରେ ସୁଧ ଭାବରେ ନେଇଥିବା ଟଙ୍କା ଫେରସ୍ତ ଆସିବ ବୋଲି ସୂଚନା ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ଛେଣ୍ଡର ଏକ ବ୍ୟାଙ୍କ୍ ବାବା ସର୍ବେସ୍ୱର ଏସ୍‌ଏଚଜି ନାମରେ ୫ଲକ୍ଷ ଟଙ୍କା ଲୋନ୍ ଦେଇଛନ୍ତି । ଯାହାକି କୃଷି ଲୋନ୍ ଭାବରେ ଦିଆଯାଇଛି । ବାବା ସର୍ବେଶ୍ୱର ଏସ୍‌ଏଚଜି ମହିଳାଙ୍କୁ କୃଷି ଲୋନ୍ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ । ଲୋନ୍ କିସ୍ତି ବାବଦରେ ମାସକୁ ୨୦,୪୭୪ ଟଙ୍କା, ୩୦ ମାସ ଠିକ୍ ସମୟରେ ପରିଶୋଧ କରିସାରିଲେ ସବସିଡ୍ ଫେରିବ ବୋଲି ସୂଚନା ଦିଆଯାଇଛି । ୫ଲକ୍ଷ ଟଙ୍କା ଲୋନ୍ ବାବଦକୁ ୩୦ ମାସ ହିସାବରେ ପ୍ରତି ମାସ ୧୬,୬୬୭ ଟଙ୍କା କିସ୍ତି ପଡୁଥିବା ବେଳେ ୨୦,୪୭୪ ଟଙ୍କା କିସ୍ତି ନିଆଯିବା ଅର୍ଥ ୩୮୦୭ ସୁଧ ବାବଦରେ ନିଆଯାଉଛି । ଏହା କେତେ ପ୍ରତିଶତ ସୁଧ, ତାହା ସରକାର ଓ ଏସ୍‌ଏଚଜି ଗ୍ରୁପ୍ ପରିଚାଳନା କରୁଥିବା ରାଉରକେଲା ମହାନଗର ନିଗମର ଅଧିକାରୀ ସୂଚନା ଦେବାକୁ ସାଧାରଣରେ ଅନୁରୋଧ କରାଯାଇଛି ।ଉକ୍ତ ବ୍ୟାଙ୍କ୍ ପ୍ରତି ମାସ ୩୮୦୭ ଟଙ୍କା ସୁଧ ବାବଦରେ ୩୦ ମାସ ହିସାବରେ ମୋଟ ୧୧୪,୨୧୦ ଟଙ୍କା ସୁଧ ବାବଦକୁ ଆଦାୟ କରି ଏସ୍‌ଏଚଜି ମହିଳା ଗୋଷ୍ଠୀଙ୍କୁ ଭ୍ରମିତ କରୁଛି ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି । ଉକ୍ତ ବ୍ୟାଙ୍କର ଏହି ଶୋଷଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରୁ ଦାବି କରାଯାଉଛି ।

## କେବେ ହେବ ନୂତନ ନବୀକରଣ କୋଠା କାର୍ଯ୍ୟ

ପିପିଲି,୬।୫ (ନିପ୍ର): ପୁରୀଜିଲ୍ଲାର ବହୁ ପୁରାତନ ତହସିଲ କାର୍ଯ୍ୟାଳୟ ହେଉଛି ପିପିଲି ତହସିଲ ଅଫିସ । ତହସିଲ ଅଧୀନରେ ପିପିଲି, ଡେଲାଙ୍ଗ ଅଞ୍ଚଳର ଗୋଟିଏ ତହସିଲ ଅଫିସ ଥିବା ବେଳେ ଉକ୍ତ ଅଞ୍ଚଳର ସମସ୍ତ ଜନସାଧାରଣଙ୍କର ବହୁ ଗୁରୁତ୍ୱ ପୂର୍ଣ୍ଣ ସରକାରୀ କାଗଜ ପତ୍ର ରହିଅଛି । ଏହାରି ମଧ୍ୟରେ ଡେଲାଙ୍ଗ ଅଞ୍ଚଳରେ ନୂତନ ତହସିଲଦାର କାର୍ଯ୍ୟାଳୟ ଖୋଲା ଯାଇ ଥିବାରୁ କିଛି କାଗଜ ପତ୍ର ଡେଲାଙ୍ଗକୁ ଯାଇ ଅଛି । ଏହାରି ମଧ୍ୟରେ ପିପିଲି ଅଞ୍ଚଳର ଜନସାଧାରଣ ଙ୍କର କାଗଜ ପତ୍ର ଥିବା ବେଳେ ଏହା ଦୀର୍ଘ ଦିନ ଧରି ଅସୁରକ୍ଷିତ ଅବସ୍ଥାରେ ରହି ଉଇ ଚରି ଲାଣି । ଖାଲି ସେତିକି ନୁହେଁ ନିଯୁକ୍ତି ଥିବା କର୍ମଚାରୀ ମାନେ ନିଜକୁ ସୁରକ୍ଷିତ ନମଣି ଭଗବାନଙ୍କୁ ଭରସାକରି ଦୈନିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଅଛି । ଏହି କାର୍ଯ୍ୟାଳୟ ଭୁଶୁଡି ପଡିବା ଅବସ୍ଥାରେ ଥିବା ବେଳେ କେତେବେଳେ କେଉଁ ସମୟରେ ଭୟାବହ ଘଟଣା ଘଟିବ ସେ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଏନେଇ ମଧ୍ୟ ପୂର୍ବରୁ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇ ଥିଲେ ମଧ୍ୟ କୌଣସି ନେତା ବା ଅଧିକାରୀ ନଜର ଦେଉ ନଥିବା ଯୋଗୁ ଅସନ୍ତୋଷ ଦେଖା ଦେଇ ନିଆଁ ଭଳି କୁହୁଳୁ ଅଛି । ଏହି ଦୟନୀୟ କାର୍ଯ୍ୟାଳୟକୁ ପୁନରୁଦ୍ଧାର କରି କାର୍ଯ୍ୟ କ୍ଷମ କରିବା ଦିଗରେ ପିପିଲିର ପୂର୍ବତନ ବିଧାୟକ ବାରମ୍ବାର ପରିଦର୍ଶନରେ ଆସି ତାଙ୍କ ସମୟ କାଳ ମଧ୍ୟରେ ସୀମିତ ହୋଇ ରହି ଥିଲା । ଯାହାକି ସୀମିତ ସମୟ ମଧ୍ୟରେ ମରାମତି ଆଳରେ ବ୍ୟାପକ ଅର୍ଥ ବ୍ୟୟ ବରାଦ ହୋଇ ମରାମତି ହୋଇ ନଥିବା ଚର୍ଚ୍ଚା ହେଉଛି । ନିର୍ବାଚନ ପରେ ଏହି ତହସିଲ କାର୍ଯ୍ୟାଳୟ ମରାମତି ନାମରେ ବ୍ୟାପକ ଅର୍ଥ ବ୍ୟୟ ବରାଦ ହୋଇ ଥିଲେ ମଧ୍ୟ ପିପିଲି ରାସ୍ତା ଓ ଗୃହ ବିଭାଗ ସେକ୍ସନ-୨ . ଦ୍ୱାରା ଉପର ମରାମତି ନିମ୍ନମାନର କାର୍ଯ୍ୟ ସହିତ କଳର ପରିବର୍ତ୍ତନ କରାଯାଇଛି । ଯାହାକୁ ନେଇ ତେଜୁଛି ଜନ ଅସନ୍ତୋଷ ।

## ଜହ୍ନିକୁଦାରେ ଚନ୍ଦନ ଯାତ୍ରା ପ୍ରସ୍ତୁତି

କୃଷ୍ଣପ୍ରସାଦ,୬।୫ (ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦା ଠାରେ ଗ୍ରାମର ମୁଖ୍ୟ ପୀଠାଧୀଶ ଶ୍ରୀରାଧାକାନ୍ତ ଦେବଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ମହୋତ୍ସବ ଚଳିତ ମାସ ୧୮ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ । ଏନେଇ ଏକ ବୈଠକ ଜହ୍ନିକୁଦା ଗ୍ରାମ୍ୟ କମିଟି ସଭାପତି ଗଣେଶ ତରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଚତୁଃପାର୍ଶ୍ୱ ଏବଂ ଚାପଖେଳ ହେବାକୁ ଥିବା ଚନ୍ଦନ ପୋଖରୀ ସଫେଇ ଦିଗରେ ନିଷ୍ପତ୍ତି ହୋଇଥିଲା । ଏଥି ନିମନ୍ତେ ପାଇକ ଆଖଡ଼ା, ସଂକୀର୍ତ୍ତନ ଆଦି ପ୍ରତିଯୋଗିତା ହେବା ସହିତ ରାତ୍ରରେ ମନୋରଞ୍ଜନ ନିମନ୍ତେ ଖୋଲା ମଞ୍ଚରେ ଅପେରା ପାର୍ଟି ନାଟକ ପରିବେଷଣ କରିବେ ବୋଲି ଜଣାଯାଇଛି । ଚଳିତ ବର୍ଷ ପ୍ରଥମ କରି ୬ ଠାକୁରଙ୍କୁ ନେଇ ମେଳଣ ପର୍ବ ଆୟୋଜନ କରିବା ଦିଗରେ ଆଲୋଚନା ହୋଇଥିଲା । ଉତ୍ସବକୁ ସରସ ସୁନ୍ଦର କରିବା ନିମନ୍ତେ ଗ୍ରାମ୍ୟ କମିଟିର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି ।

## ବିଜେଡି ପକ୍ଷରୁ ଧରଣୀଧର ଜୟନ୍ତୀ

କେନ୍ଦୁଝର,୬।୫ (ନିପ୍ର): କେନ୍ଦୁଝର ବିଜୁ ଜନତା ଦଳ ତରଫରୁ ମହାନ ବିପ୍ଳବୀ ବୀର ଧରଣୀଧର ନାଏକଙ୍କ ୧୬୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ଜେଲରୋଡ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହା ପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜୁ ଜନତା ଦଳର ନବନିଯୁକ୍ତ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ ଧରଣୀଧରଙ୍କ ବିପ୍ଳବ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ୫ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ବରିଷ୍ଠ ଉପ ସଭାପତି ପ୍ରମୋଦ ପଟ୍ଟନାୟକ, ନଗର ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା, ପୂର୍ବତନ ନଗରପାଳ ମୀନା ମାଝୀ, ପ୍ରଭଞ୍ଜନ ପଟ୍ଟନାୟକ, ବରିଷ୍ଠ କର୍ମୀ ରକ୍ଷାକର ସାହୁ, ପରେଶ ପ୍ରଧାନ, ଯୁବନେତା ଦେବୁ ପଟ୍ଟନାୟକ, ଜଗଦୀଶ ଆପଟ,ତ୍ରିନାଥ ମହାନ୍ତ, କୃଷ୍ଣ ଚନ୍ଦ୍ର ନାଏକଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଲଖାନି ନାଳ ସେତୁ ନିର୍ମାଣ ବିଳମ୍ବକୁ ନେଇ ଜନଅସନ୍ତୋଷ

ଭାପୁର,୬।୫ (ନିପ୍ର); ନୟାଗଡ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଜେଡି ସରକାରଙ୍କ ବିଜୁ ସେତୁ ଯୋଜନାରେ ନିର୍ମାଣାଧୀନ ଭାପୁର ବ୍ଲକ ଶାସନ ପଞ୍ଚାୟତ ରେ ଅବସ୍ଥିତ ଲଖାନି ନାଳ ବର୍ଷା ଦିନେ ବହୁ ସମସ୍ୟା ସୃଷ୍ଟି କରିଥାଏ । ପି.ଡବ୍ଲୁ.ଡି. ରାସ୍ତା ଠାରୁ ବାଲୁଙ୍କେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ କୁ ଯିବା ବାଟ ଟି ମହାନଦୀରେ ପାଣି ଆସିଲେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ । ଫଳରେ, ଟିକିରିପଡ଼ା,ପଦ୍ମାବତୀ, କରବର, ରଗଡ଼ିପଡ଼ା, ଝଗଡପଡା,ହେମନ୍ତପାଟଣା ମୌଜାର ୧୮୦୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବା ସହିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହୁଅନ୍ତି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଗତ ବିଜେଡି ସରକାରଙ୍କ ସମୟରେ ନାଳ ଉପରେ ୦.୧୫୦ କି.ମି.ସେତୁ ନିର୍ମାଣ ପାଇଁ( ଦୈର୍ଘ୍ୟ ୨୧.୫୪,ପ୍ରସ୍ଥ୭.୫ ମିଟର) ୧୯.୦୧.୨୪ ତାରିଖ ଦିନ ଶୁଭ ଉଦ୍ଘାଟନ ହୋଇଥିଲା ଏବଂ ଏହା ୧୮.୧୦.୨୪ରେ ଶେଷ ହେବା କଥା । କିନ୍ତୁ,ଏହାର ଅବଧି ୭ ମାସ ହେଲା ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି । ଏହି ପରିପ୍ରେକ୍ଷୀରେ, ସେତୁର ନିର୍ମାଣ ଶେଷ ହେବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ସମୟ ସୀମା ଆସନ୍ତା ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ବଢ଼ିଛି ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କଠାରୁ ପ୍ରକାଶ । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧି କହନ୍ତି, ସେତୁ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବର୍ଷାଋତୁରେ ୪ରୁ ୫ ମାସ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରହୁଥିବାରୁ



ପୁଣି ଥରେ କାର୍ଯ୍ୟର ଅବଧି ବଢ଼େଇବାକୁ ପଡ଼ିଲା ନଚେତ୍ ଠିକ୍ ସମୟରେ କାର୍ଯ୍ୟ ଶେଷ ହୋଇଥାନ୍ତା ।

## କେନ୍ଦୁପତ୍ର ପାଇଁ ବିଭିନ୍ନ ଅଞ୍ଚଳରେ ବନବିଭାଗର ଚଢ଼ାଉ

ରେଢାଖୋଲ,୬।୫ (ନିପ୍ର): ବର୍ତ୍ତମାନ କେନ୍ଦୁପତ୍ର ସଂଗ୍ରହ କରିବାର ସମୟ । ଲୋକଙ୍କ ଏହା ହେଉଛି ବର୍ତ୍ତମାନର ପ୍ରଧାନ ଜୀବିକା । ଟାଣ ଖରାରେ ଲୋକେ ଜଙ୍ଗଲ ବୁଲି ସଂଗ୍ରହ କରୁଛନ୍ତି କେନ୍ଦୁପତ୍ର । ଏବଂ ତାହାକୁ ଫଡିରେ ଦେଇ ଦିପଇସା ପାଇ ପାରୁଛନ୍ତି । ସରକାର ମଧ୍ୟ ଏହି କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରିଛନ୍ତି । ହେଲେ ଲୋକେ ଏହାବ୍ୟତୀତ ଏହି କେନ୍ଦୁପତ୍ରକୁ କିଛି ବନବିଭାଗକୁ ଏବଂ କିଛି ଘରେ ରଖି ବିଡ଼ି ତିଆରି ପାଇଁ ଘରେ ଶୁଖାଇ ରଖିଥାନ୍ତି । କାହିଁକି ନା ଏଥିରୁ ପରବର୍ତ୍ତୀ ସମୟରେ ଘରେ ବସି କିଛି ବିଡିମୁଡି ନିଜ ଗୁଜରାଣ ମେଣ୍ଟାଇବେ । ହେଲେ ଏଥିପ୍ରତି କଡାକଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବନବିଭାଗ ଆଉ ଘରେ କେହି ରଖିପାରିବେନି କେନ୍ଦୁପତ୍ର । ଏହାକୁ ନେଇ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡର ବିଭିନ୍ନ ଗ୍ରାମରେ ବନବିଭାଗ ଦ୍ୱାରା କେନ୍ଦୁପତ୍ର ଚଢ଼ାଉ ଅଭିଯାନ ଆରମ୍ଭ ହୋଇଯାଇଛି । ପ୍ରତେକ ଲୋକଙ୍କ ଘର ଘରକୁ ଯାଇ ଚଢ଼ାଉ କରିଥିଲା ବନବିଭାଗ । ଏହାପରେ ଗାଡିଗାଡି କେନ୍ଦୁପତ୍ର ବାହାରିଥିଲା । ଏଣିକି କି ଯିଏ ବିଡି ତିଆରି ପାଇଁ ମଧ୍ୟ କେନ୍ଦୁପତ୍ର ରଖିଥିଲା ତାଠାରୁ ମଧ୍ୟ ବନବିଭାଗ ଛଡ଼ାଇ ଆଣିଥିବା ଦେଖିବାକୁ ମିଳିଛି ମୋଟିବାହାଲ ଗ୍ରାମରେ । ଯାହାଦ୍ୱାରା ଗ୍ରାମବାସୀମାନେ ତୀବ୍ର ପ୍ରତିବାଦ କରିଥିଲେ । ଏହା ଦ୍ୱାରା ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି ବୋଲି ଗ୍ରାମବାସୀ ମନେ ପ୍ରତିକ୍ରିୟା ରଖିଥିଲେ । ମୋଟିବାହାଲ ଡେପୁଟି ରେଞ୍ଜର ଖଗେଶ୍ୱର ବେହେରା ପ୍ରତିକ୍ରିୟା ରଖିଥିଲେ କି ଏହା କୋଣସି ପ୍ରକାର ଚଢ଼ାଉ ନୁହେଁ କେବଳ ଲୋକଙ୍କୁ ସଚେତନତା କରାଇବା ଉଦ୍ଦେଶ୍ୟରେ ଛୋଟ ପ୍ରୟାସ ବୋଲି କହିଥିଲେ ।

# ହାଣ୍ଡିଭଙ୍ଗାରେ ଦନ୍ତାହାତୀ ଘର ଭାଙ୍ଗିଲା

କେନ୍ଦୁଝର,୬।୫ (ନିପ୍ର): ସଦରବ୍ଲକ ହାଣ୍ଡିଭଙ୍ଗା ଗ୍ରାମପଞ୍ଚାୟତ ହାଣ୍ଡିଭଙ୍ଗାଗ୍ରାମ ଗୋଡ଼ାସାହିରେ ଏକ ଦନ୍ତା ହାତୀ ପ୍ରବେଶ କରି କାଣ୍ଡେ ମୁଣ୍ଡା ଓ ଅର୍ଜୁନ ନାଗଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଜଙ୍ଗଲକୁ ପଳାଇ ଯାଇଥିବା ସାହି ଲୋକେ କହିଛନ୍ତି । ଘଟଣାରୁ ପ୍ରକାଶ ଯେ ରବିବାର ବିଳମ୍ବିତ ରାତିରେ ସମସ୍ତେ ଶୋଇ ପଡିଥିବାବେଳେ ଏକ ବଡ ଦନ୍ତା ହାତୀ ଖପରାଖାଇ, ବଉଳମାଳ ଗ୍ରାମ ଦେଇ ହାଣ୍ଡିଭଙ୍ଗାଗ୍ରାମର ଗୋଡ଼ାସାହିକୁ ପ୍ରବେଶ କରି ଘର ଭାଙ୍ଗି ଚାଉଳ ଧାନ ଖାଇ ଜଙ୍ଗଲକୁ ପଳାଇ ଯାଇଛି । ଏକ ବଡ ବିପଦରୁ ଏହି ଦୁଇ ପରିବାର ଓ ଗ୍ରାମବାସୀ ରକ୍ଷା ପାଇ ଯାଇଥିବା ବେଳେ ବନ ବିଭାଗ ଏହି ଦନ୍ତା ହାତୀର ଗତି ବିଧି ଉପରେ ନଜର ନ ରଖିବା ଅତି ଦୁର୍ଭାଗ୍ୟର ବିଷୟ ବୋଲି ଗାଁ ଲୋକେ କହିଛନ୍ତି । ଦନ୍ତା ହାତୀ ଘର ଭାଙ୍ଗି ଥିବା ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ କରିବାକୁ ଏହି ଦୁଇ ପରିବାର ଓ ଗ୍ରାମବାସୀ ନିବେଦନ କରିଛନ୍ତି । ଜନସଂଖ୍ୟା ଦିନକୁ ଦିନ ଦ୍ରୁତ ହାରରେ ବଢି ଚାଲିଥିବା ବେଳେ ଜନବସତି ଓ ଖଣି ଖାଦାନ ଏବଂ ଶିଳ୍ପ ପାଇଁ ଜଙ୍ଗଲ କାଟି ସଫା କରାଯାଉଛି । ନୂତନ ବଣ ଜଙ୍ଗଲ ସୃଷ୍ଟି ପାଇଁ ବନ ବିଭାଗ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଆନ୍ତରିକତାର ଅଭାବ ପାଇଁ କେବଳ ଖାତା କଲମରେ ଜଙ୍ଗଲ ସୃଷ୍ଟି ହୋଇଥିବା ବିଭାଗ ଡିଣ୍ଡିମ ପିଟୁଥିବା ଦେଖିବାକୁ ମିଳିଛି । ଜଙ୍ଗଲ ସୃଷ୍ଟି କେବଳ ଖାତା କଲମରେ ରହି ଯାଇଛି । ଫଳରେ ବଣ ଜଙ୍ଗଲରେ ବସବାସ କରୁଥିବା ଜଂଗଲୀ ପଶୁ ଜନ୍ତୁ ଏବେ



ବଞ୍ଚିବା ପାଇଁ ଜନବସତି ମୁହାଁ ହୋଇ ପଡିଛନ୍ତି । ମଣିଷ ଓ ପଶୁ ଜନ୍ତୁଙ୍କ ମଧ୍ୟରେ ଲଢ଼େଇ ଚାଲିଥିବାବେଳେ ଅକାଳରେ ନିରୀହ ମଣିଷ ଓ ପଶୁ ଜନ୍ତୁ ମରି ପଡୁଥିବା ସବୁ ସମୟରେ ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ପ୍ରତେକ ଦିନ ଖବରକାଗଜରେ ନିରୀହ ମଣିଷ ଓ ପଶୁ ଜନ୍ତୁଙ୍କ ମୃତ୍ୟୁ ବରଣ ଖବର ଖବରକାଗଜ ପୃଷ୍ଠାରେ ପ୍ରକାଶ ପାଉଛି । ଏଣୁ ଜିଲ୍ଲାପାଳ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜଙ୍ଗଲ ସୃଷ୍ଟି ପାଇଁ ବ୍ୟାପକ ପ୍ରଚାର ପ୍ରସାର ଓ ବୃକ୍ଷରୋପଣ କରିବାର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ସମାଜସେବୀ ଓ ବିଭିନ୍ନ ସଙ୍ଗଠନ ନିବେଦନ କରିଛନ୍ତି ।

## ଡେଲାଙ୍ଗରେ ଜିଲ୍ଲାପାଳଙ୍କ ଜନ ଶୁଣାଣି

ଡେଲାଙ୍ଗ,୬।୫ (ନିପ୍ର): ଡେଲାଙ୍ଗ ବ୍ଲକ୍ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜ କିଶୋର ଜେନା ,ଡିଆରଡିଏ ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ,ଅତିରିକ୍ତ ଏସପି ସଚିନ ପଟେଲ, ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେଓ ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ବିଡ଼ିଓ କ୍ଷୀତିଶ ବେହେରା ,ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ନିମନ୍ତେ ବିଭିନ୍ନ ଲାଇନ୍ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ୨୮ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗକୁ ମିଶାଇ ସମୁଦାୟ ୩୪ଟି ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇ ଏହାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ । ଗଙ୍ଗୁଆ ନାଳର ପ୍ରଦୂଷିତ ବିଷାକ୍ତ ଜଳ ଦୟା,ଲୁଣା ଓ ଭାର୍ଗବୀ ନଦୀରେ ମିଶିବା ଯୋଗୁଁ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହେବା ସହ ଲୋକେ ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଛନ୍ତି ବୋଲି କୃଷକ ନେତା ତଥା ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଅଶୋକ ପ୍ରଧାନ ଅଭିଯୋଗ କରିଥିଲେ । ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଲୋକମାନେ ଆସି ପିଏମ ଆବାସ, ପାନୀୟ ଜଳ ସମସ୍ୟା, ଜଳସେଚନ, ରାସନ କାର୍ଡ ସ୍ୱାସ୍ଥ୍ୟ କାର୍ଡ, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ, ରାସ୍ତା ଓ ବ୍ୟକ୍ତିଗତ ସମସ୍ୟା ଓ ଗ୍ରାମାଞ୍ଚଳ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ ।

# 'ରଙ୍ଗବତୀ କେବଳ ଏକ ଉତ୍ସବ ନୁହେଁ, ଏହା ଓଡ଼ିଆ ମାଟିର ସ୍ପନ୍ଦନ'

କେନ୍ଦୁଝର, ୬।୫ (ନିପ୍ର): ରଙ୍ଗବତୀ ପରି କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଏକ ଘୋଷଣା ଯେ, ଓଡ଼ିଶା ଏବେ ତାଙ୍କର ଅନୁପମ କଳାକୁ ଗର୍ବର ସହ ଆଗକୁ ବଢ଼ାଉଛି । ରଙ୍ଗବତୀ କେବଳ ଏକ ଗୀତ ନୁହେଁ, ଏହା ନିଜ ଆତ୍ମୀୟତାର ଅନୁଭବ, ରମ୍ୟତା ଓ ଉଦ୍ଦୀପନାର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କେନ୍ଦୁଝର ଜିଲ୍ଲାର କାଳିପଡିଆଠାରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ 'ରଙ୍ଗବତୀ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି । ଏହି ଅବସରରେ, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଓଡ଼ିଆ, ସବୁଠୁ ବଢିଆ । ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି ଲୋକଗୀତ, ଲୋକନୃତ୍ୟର ମଧୁର ମୂର୍ଚ୍ଛନା । ଏହି ବିବିଧତା



ଭିତରେ ଏକତା ଆମର ଶକ୍ତି । ଆମ ରାଜ୍ୟରେ ଭାଷା ଅଂଚଳ ବଦଳିବ ସହିତ ବଦଳି ଯାଇଥାଏ । ଭାଷା ଅଲଗା ସିନା କିନ୍ତୁ ପରିଚୟ ଏକ । ପ୍ରତ୍ୟେକ ଜିଲ୍ଲାର ଭାଷାରେ କିଛି ନା କିଛି ସ୍ୱତନ୍ତ୍ରତା ଦେଖିବାକୁ ମିଳିବ । ଏହି ମଞ୍ଚ ଆଜି ସ୍ଥାନ ଦେଇଛି ଅନେକ କଳାକାରଙ୍କୁ । ଓଡ଼ିଶାର କୋଣ ଅନୁକୋଣରୁ ଆଜି କଳାକାର ମାନେ ନିଜର ପ୍ରତିଭା ଦେଖାଇବା ପାଇଁ ଗୋଟିଏ ଜାଗାରେ ଏକତ୍ର ହୋଇଛନ୍ତି । ଏହାହିଁ ଆମ ଏକତାର ପ୍ରତୀକ । ଓଡିଶାର ପ୍ରସିଦ୍ଧ ଗୀତ ରଙ୍ଗବତୀ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରଙ୍ଗବତୀ ଗୀତ ଅନେକ ପୁରୁଣା । 'ରଙ୍ଗବତୀ' ଗୀତ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଓଡ଼ିଆ ମାଟିର ସ୍ପନ୍ଦନ । ଓଡ଼ିଶାର ଲୋକସଂସ୍କୃତିର ଏକ ଅମୂଲ୍ୟ ଅଂଶ ହେଉଛି 'ରଙ୍ଗବତୀ' । ଗୀତଟି ଆଜି କେବଳ ଓଡିଶା ନୁହେଁ, ସାରା ଭାରତର ବିଭିନ୍ନ ରାଜ୍ୟର ଏକ ଲୋକପ୍ରିୟ ଗୀତର ମାନ୍ୟତା ଲାଭ କରିଛି । ଯେଉଁଭଳି ଆମେ ବିକାଶର ରାସ୍ତାରେ ଆଗେଇ ଯାଉଛୁ, ସେହିପରି ଆମ ସଂସ୍କୃତିକ ମୂଲ୍ୟବୋଧ, ଆମର ଲୋକକଳା, ଆମ ଉତ୍ସବ, ପର୍ବ ଓ ଐତିହ୍ୟକୁ ସୁରକ୍ଷିତ ରଖିବା ଆମର ପ୍ରଥମ ଦାୟିତ୍ୱ । ଏହିପରି ମହୋତ୍ସବ, ଆମ ତରୁଣ ପିଢିକୁ ଆମ ଦେଶ ଓ ଅଞ୍ଚଳର ସଂସ୍କୃତି ସହ ପରିଚୟ କରାଇଥାଏ ବୋଲି ସେ କହି ଥିଲେ । ସେ ପୁଣି କହିଥିଲେଯେ, ଆଜି ଆମ ସରକାର କଳାକାରଙ୍କୁ ବିକାଶର ମୁଖ୍ୟସ୍ରୋତକୁ ଆଣିବାକୁ ପ୍ରତିଶ୍ରୁତିବଦ୍ଧ । ସେମାନଙ୍କ ଶ୍ରମ ଓ ଦକ୍ଷତାକୁ ଜନାଭିମୁଖୀ କରିବା ପାଇଁ ଚେଷ୍ଟିତ । ୧୧ ମାସରେ ଆମେ ସରକାରକୁ ଆସି ଲୋକଙ୍କ ପାଖକୁ ପହଞ୍ଚି ପାରିଲୁ । ଆମେ ଶୂନ୍ୟରୁ ଆରମ୍ଭ କରି, ଏକ ନୂତନ ଦିଗରେ ଯିବାପାଇଁ ଅଗ୍ରସର ହେଉଛୁ । ଆଜି ଗାଁ ଗାଁ ର କଳାକାରମାନେ ମଞ୍ଚ ପାଉଛନ୍ତି । ଦେଶ ବିଦେଶ ମଧ୍ୟରେ ତାଙ୍କର କଳା ପହଞ୍ଚୁଛି, ଏହା ଗର୍ବର ବିଷୟ । ମୁଁ ବିଶ୍ୱାସ କରେ ଯେ, ଯେଉଁ ରାଜ୍ୟ ତାଙ୍କର କଳାକୁ ସମ୍ମାନ ଦିଏ,ସେ ରାଜ୍ୟର ଆତ୍ମା ସଦା ଜୀବିତ ରହିଥାଏ । ଏହି ଅବସରରେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ରଙ୍ଗବତୀ ଭଳି କାର୍ଯ୍ୟକ୍ରମ ଦେଶର ସମସ୍ତ କଳା ଓ କଳାକାରମାନଙ୍କ ପାଇଁ ଉଦ୍ଦିଷ୍ଟ କାରଣ କଳାକାରମାନଙ୍କର ସୀମା ସରହଦ ନ ଥାଏ । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ଓ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦେବ ପ୍ରସାଦ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଓଡ଼ିଆ ସାହିତ୍ୟ ଏକାଡେମୀ ସଚିବ ଡ଼କ୍ଟର ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ ।

## ଇତିହାସରେ ପ୍ରଥମ, ସାବରୀମାଳା ମନ୍ଦିର ଯିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୬।୫: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମେ’ ୧୯ ତାରିଖରେ କେରଳର ସାବରୀମାଳା ମନ୍ଦିରରେ ଭଗବାନ ଆୟପ୍ପାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ଦେଶର ଇତିହାସରେ ସେ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି, ଯିଏ ସାବରୀମାଳା ମନ୍ଦିର ଯିବେ। ମନ୍ଦିର ପରିଚାଳନା ସଂସ୍ଥା ତ୍ରାଭଣକୋର ଦେବସ୍ୱୋମ ବୋର୍ଡ(ଟିଡିବି) ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସୂଚନା ଦେଇଛି। ଏଥିସହ ଏହାକୁ ଦେଶର ଇତିହାସରେ ଏକ ଗର୍ବର ମୁହୂର୍ତ୍ତ ବୋଲି ବୋର୍ଡ଼ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଏସପିଜି ଓ ମନ୍ଦିର ପରିଚାଳନା ସଂସ୍ଥା ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସୂଚନା ଅନୁସାରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମେ’ ୧୮ ଓ ୧୯ରେ ଦୁଇ ଦିନିଆ କେରଳ ଗସ୍ତରେ ଯିବେ। ୧୮ରେ ସେ କେରଳର କୋଟ୍ଟାୟମ ଜିଲ୍ଲାରେ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ପରଦିନ ଅର୍ଥାତ୍ ୧୯ ତାରିଖ ସକାଳେ ସେ ସାବରୀମାଳା ମନ୍ଦିର ନିକଟସ୍ଥ ନୀଲକ୍କଲ ହେଲିପ୍ୟାଡକୁ ଯିବେ। ଏଠାରୁ ପମ୍ପା ବେସ୍ କ୍ୟାମ୍ପକୁ ଯିବେ। କୁହାଯାଉଛି ଯେ, ରାଷ୍ଟ୍ରପତି ସାଧାରଣ ଦର୍ଶନାର୍ଥୀଙ୍କ ପରି ପାହାଡ଼ ଚଢ଼ିପାରନ୍ତି। ତେବେ ଏହାକୁ ନେଇ ଏସପିଜି ସୁରକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦେଉଛି।

## ପହଲଗାମ ନରସଂହାର ସ୍ଥାନ ନିକଟରେ ଆତଙ୍କବାଦୀ ଆକ୍ରମଣ ସନ୍ଦିଗ୍ଧ ଗିରଫ

ନୂଆଦିଲ୍ଲୀ, ୬।୫: ବୈସାରଣ ଉପତ୍ୟକା ଆଖପାଖର ଜଙ୍ଗଲରେ ଏକ ଘେରାବନ୍ଦୀ ଓ ସର୍ଚ୍ଚ ଅପରେସନ ସମୟରେ, ସୁରକ୍ଷା ବାହିନୀ ସୋମବାର ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ସନ୍ଦିଗ୍ଧଙ୍କ ନିକଟରୁ ଏକ ବୁଲେଟପ୍ରୁଫ ଜ୍ୟାକେଟ୍ କଭର ମିଳିଥିଲା ବୋଲି ରିପୋର୍ଟରେ କୁହାଯାଇଛି। ସନ୍ଦିଗ୍ଧ ବ୍ୟକ୍ତି, ଯାହାଙ୍କୁ ପରେ ଆହମଦ ବିଲାଲ ବୋଲି ଚିହ୍ନଟ କରାଯାଇଥିଲା, ଗିରଫ ସମୟରେ ଏକ ବୁଲେଟପ୍ରୁଫ ଜ୍ୟାକେଟ୍ ପିନ୍ଧିଥିଲେ। ସୁରକ୍ଷା ବାହିନୀ ଦ୍ୱାରା ପଚରାଉଚରା ସମୟରେ ବିଲାଲ କଥିତ ରୂପେ ଅସ୍ପଷ୍ଟ ଏବଂ ଅମୂଳକ ଉତ୍ତର ଦେଇଥିଲେ। ସନ୍ଦିଗ୍ଧ ବ୍ୟକ୍ତି ବୁଲେଟପ୍ରୁଫ ଜ୍ୟାକେଟ୍ କଭର କେଉଁଠାରୁ ପାଇଥିଲେ ତାହା ମଧ୍ୟ ବୁଝାଇ ପାରି ନଥିଲେ। ଏହା ପରେ, ସୁରକ୍ଷା କର୍ମୀମାନେ ସନ୍ଦିଗ୍ଧଙ୍କୁ ପୋଲିସ ହାତରେ ହସ୍ତାନ୍ତର କରିଥିଲେ। ଆଜି ସକାଳେ, ଜମ୍ମୁ ଓ କାଶ୍ମୀରର ପୁଞ୍ଛ ଜିଲ୍ଲାରେ ନିୟନ୍ତ୍ରଣ ରେଖା ନିକଟରେ ଜଣେ ୨୬ ବର୍ଷୀୟ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଗିରଫ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଗିରଫ ସମୟରେ ଅନୁପ୍ରବେଶକାରୀଙ୍କ ନିକଟରୁ କୌଣସି ଅପରାଧମୂଳକସାମଗ୍ରୀ ମିଳି ନଥିଲା।

## ୩୯ ଟଙ୍କା ନିବେଶ କରି କୌଶାମ୍ବୀର ମଙ୍ଗଳ ସରୋଜ ଜିତିଲେ ୪ କୋଟି

ନୂଆଦିଲ୍ଲୀ ୬/୫: ସ୍ୱପ୍ନ ହୋଇଛି ସତ । ମାତ୍ର ୩୯ ଟଙ୍କା ଲଗାଇ ସେ ଏବେ କୋଟିପତି । ଆଉ ଏହି ଖବର ଜଣାପଡିବା ମାତ୍ରେ ସବୁଠି ଚର୍ଚ୍ଚା । ଖାସ୍ କରି ଉତ୍ତର ପ୍ରଦେଶର କୌଶାମ୍ବୀ ଜିଲ୍ଲାର ଚୈଲ ତହସିଲ ପୂର୍ବା ଗାଁରୁ ନଜର ଆସିଛି ଏମିତି ଘଟଣା । ଏଠାକାର ମଙ୍ଗଲ ସରୋଜଙ୍କୁ ନେଇ ଗାଁରେ ଉତ୍ସବର ମାହୋଲ । ସୂଚନା ଥାଉକି, ମଙ୍ଗଲ ସରୋଜ ବୃତ୍ତିରେ ଜଣେ ପ୍ଲାଇଉଡ୍ ଶ୍ରମିକ । ହାପୁରରେ ଜଣେ ଶ୍ରମିକ ଭାବରେ କାମ କରନ୍ତି। ସୋମବାର ତାଙ୍କ ମୋବାଇଲକୁ ଆସିଥିଲା ମେସେଜ । ଯେଉଁଥିରେ ଲେଖାଥିଲା ୪ କୋଟି ଟଙ୍କାର ପୁରସ୍କାର ରାଶି ଜିତିବା ବିଷୟରେ । ଆଉ ସେ ଏସଏମଏସ ପାଇବା ପରେ ଖୁସିରେ ଡେଇଁଥିଲେ ସରୋଜ । କହିବାକୁ ଗଲେ ମଙ୍ଗଲ ସରୋଜ ଏପ୍ରିଲ ୨୯ ତାରିଖରେ ପଞ୍ଜାବ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ଆଇପିଏଲ ମ୍ୟାଚ୍ ପାଇଁ ଡ୍ରିମ୍ ୧୧ ଆପରେ ୩୯ ଟଙ୍କାର ଏଣ୍ଟ୍ରି ନେଇଥିଲେ। ଭାଗ୍ୟ ଏପରି ମୋଡ଼ ନେଇଲା ଯେ ତାଙ୍କ ଦ୍ୱାରା ଟିମ୍ ଚମତ୍କାର ପ୍ରଦର୍ଶନ କରିଥିଲା । ସେ ମୋଟ ୪ କୋଟି ଟଙ୍କା ଜିତିଥିଲେ ।

## ଭାରତକୁ କତରର ସମର୍ଥନ

ନୂଆଦିଲ୍ଲୀ,୬।୫ : ମୁସଲିମ ଦେଶ କତରର ଅମୀର ଶେଖ୍ ତାମିମ୍ ବିନ୍ ହମାଦ୍ ଅଲ୍-ଥାନି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ସେ ପହଲଗାମ ହତ୍ୟାକାଣ୍ଡରେ ମୃତ ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ। ସେ ଆତଙ୍କବାଦୀମାନଙ୍କୁ ନ୍ୟାୟ ଦେବା ପାଇଁ ଭାରତ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପକୁ ସମର୍ଥନ କରିଥିଲେ। କତରର ଆମୀରଙ୍କ ସହ ଏହି ଆଲୋଚନା କେବଳ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ପାକିସ୍ତାନ ପାଇଁ ମଧ୍ୟ ଅଧିକ ଚିନ୍ତାଜନକ ହେବାକୁ ଯାଉଛି। କାରଣ କାତାର ପାକିସ୍ତାନର ଏକ ବିଶ୍ୱସ୍ତ ବନ୍ଧୁ ହୋଇଆସିଛି। ମୁସଲିମ ଦେଶମାନଙ୍କର ସଂଗଠନ ଇସଲାମିକ୍ ସହଯୋଗ ସଂଗଠନ (ଓଆଇସି)ରେ କତରର ଏକ ଉଚ୍ଚ ସ୍ଥାନ ରହିଛି। ତେଣୁ, ଯଦି ସେ କାଶ୍ମୀରକୁ ଭାରତର ଅଂଶ ଭାବରେ ବିଚାର କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୁଅନ୍ତି, ତେବେ ଏହା ପାକିସ୍ତାନ ପାଇଁ ସବୁଠାରୁ ବଡ଼ ଝଟକା ହେବ।

## ପୃଥିବୀଆଡକୁ ମାଡି ଆସୁଛି ପରମାଣୁ ଭଳି ବଡ଼ ଉପଗ୍ରହ

ନୂଆଦିଲ୍ଲୀ,୬।୫: ଯୁଦ୍ଧ ସ୍ଥିତି ଭିତରେ ଆସିଲା ବଡ଼ ଖବର। ୫୩ ବର୍ଷ ତଳର ଗୋଟିଏ ଉପଗ୍ରହ, ଏବେ ପୃଥିବୀଆଡକୁ ମାଡି ଆସୁଛି । ମହାକାଶରେ ଘୂରି ବୁଲୁଥିବା ଏହି ଉପଗ୍ରହ, ଯେକୌଣସି ମୁହୂର୍ତ୍ତରେ ପୃଥିବୀରେ ମାଡ଼ ହେବା ସହିତ ବଡ଼ ଧରଣର ବିସ୍ଫୋରଣ କରିପାରେ । କୁହାଯାଉଛି ମେ ୧୦ ତାରିଖବେଳକୁ ଏହି ଉପଗ୍ରହ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିପାରେ। ଆଉ ପୃଥିବୀର ବାୟୁମଣ୍ଡଳରେ ଏହା ପଶିବା ମାତ୍ରେ ଏହା ଭୂଇଁ ଆଡ଼କୁ ଅତି ଜୋରରେ ଆସିବା ସହିତ ପୃଥିବୀ ପୃଷ୍ଠରେ ମାଡ଼ ହେଇପାରେ। ୫ ଶହ କିଲୋର ଓଜନ ବିଶିଷ୍ଟ ଏହି ଉପଗ୍ରହକୁ ୧୯୭୨ ମସିହାରେ ସୋଭିଏତ ୟୁନିୟନ ଲଞ୍ଚ କରିଥିଲା । ଯାହାକି ଶୁକ୍ର ଗ୍ରହରେ ଲ୍ୟାଣ୍ଡ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

## ଦିଲ୍ଲୀ ଏୟାରପୋର୍ଟରେ ଜରୁରୀକାଳୀନ ପରିସ୍ଥିତି ମସ୍କୋ ଯାଉଥିବା ବିମାନରେ ଧୂଆଁ

ନୂଆଦିଲ୍ଲୀ,୬।୫: ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩:୫୦ ସମୟରେ ବ୍ୟାଙ୍କକରୁ ମସ୍କୋ ଯାଉଥିବା ଏରୋଫ୍ଲୋଟ୍ ବିମାନ ଏସୟୁ ୨୭୩ର କ୍ୟାବିନରେ ଧୂଆଁ ବାହାରିବା ପରେ ବିମାନବନ୍ଦରରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ବ୍ୟାଙ୍କକରୁ ମସ୍କୋ ଯାଉଥିବା ଏହି ବିମାନରେ ପ୍ରାୟ ୪୨୫ ଜଣ ଯାତ୍ରୀ ଥିଲେ। ଦିଲ୍ଲୀ ବିମାନବନ୍ଦର ସୂତ୍ରରୁ ଜଣାପଡ଼ିଛି ଯେ ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଦିଲ୍ଲୀ ଏୟାରପୋର୍ଟର ଜଣେ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି ଯେ ବିମାନରେ ଥିବା ସମସ୍ତ ୪୨୫ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି ଓ ସେମାନଙ୍କୁ ବିମାନକୁ ଓହ୍ଲାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ବିମାନ ନିରାପତ୍ତା ପ୍ରୋଟୋକଲ ଅନୁସାରେ ସମସ୍ତ ପ୍ରକାରର ସତର୍କତାମୂଳକ ପଦକ୍ଷେପ ନିଆଯାଉଛି । ଘଟଣାସ୍ଥଳରେ ଟେକନିକାଲ ଟିମ ଓ ବିମାନବନ୍ଦରର ଦମକଳ ବାହିନୀ ପହଞ୍ଚିଛନ୍ତି ବୋଲି ସୂଚନା ମିଳିଛି ।

# ସଂରକ୍ଷଣ ଦେଶରେ ଟ୍ରେନ୍ ବଗି ପରି ହୋଇଛି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୬।୫: ‘ସଂରକ୍ଷଣ ଏବେ ଦେଶରେ ଟ୍ରନ୍ ବଗି ପରି ହୋଇଛି, ଯେଉଁ ଲୋକେ ଏହି ବଗିରେ ଚଢିଛନ୍ତି, ସେମାନେ ଅନ୍ୟମାନଙ୍କୁ ଏଥିରେ ଚଢିବାକୁ ଦେବାକୁ ଚାହୁଁନାହାନ୍ତି ।’ ସୁପ୍ରିମକୋର୍ଟର ବରିଷ୍ଠ ନ୍ୟାୟଧୀଶ ତଥା ଭାରତର ଆଗାମୀ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଏଭଳି ଟିପ୍ପଣୀ କରିଛନ୍ତି । ମହାରାଷ୍ଟ୍ରରେ ସ୍ଥାନୀୟ ପୌର ନିର୍ବାଚନରେ ଅନ୍ୟ ପଛୁଆ ବର୍ଗ (ଓବିସି)ର ସଂରକ୍ଷଣ ସହ ଜଡ଼ିତ ଏକ ମାମଲାର ଶୁଣାଣି କରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏହା କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ’ସାମାଜିକ, ରାଜନୈତିକ ଓ ଆର୍ଥିକ ରୂପେ ପଛୁଆ ଥିବା ଅଧିକ ବର୍ଗକୁ ଚିହ୍ନଟ କରିବା ସରକାରଙ୍କ ଦାୟିତ୍ୱ । ସଂରକ୍ଷଣର ଲାଭ କେବଳ କିଛି ହିଁ ପରିବାର ଓ ଗୋଷ୍ଠୀକୁ ମିଳୁଛି । କ’ଣ ଅନ୍ୟ ବଞ୍ଚିତ ଲୋକଙ୍କୁ ଏହାର ଲାଭ ମିଳିବା ଉଚିତ ନୁହେଁ କି ?’୨୦୧୬-୧୭ ପରଠାରୁ ମହାରାଷ୍ଟ୍ରରେ ସ୍ଥାନୀୟ ପୌର ନିର୍ବାଚନ ହୋଇନାହିଁ । ଏହାର ମୁଖ୍ୟ କାରଣ ହେଉଛି ଓବିସି ସଂରକ୍ଷଣକୁ ନେଇ ଚାଲିଥିବା ଆଇନଗତ ଲଢ଼େଇ । ୨୦୨୧ ମସିହାରେ ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାରଙ୍କ ୨୭ ପ୍ରତିଶତ ଓବିସି ସଂରକ୍ଷଣ ଅଧ୍ୟାଦେଶକୁ ଖାରଜ କରିଦେଇଥିଲେ । ଲାଇଭ ଲ’ର ରିପୋର୍ଟ ଅନୁସାରେ ଶୁଣାଣି ବେଳେ ଜଷ୍ଟିସ୍ କାନ୍ତ କହିଛନ୍ତି, ’ଏହି ଦେଶରେ ଜାତି ଆଧାରିତ ସଂରକ୍ଷଣ ରେଲଗାଡ଼ିର ବଗି ପରି ହୋଇଛି । ଯେଉଁମାନେ ଏହି ବଗିରେ ଚଢିଛନ୍ତି, ସେମାନେ ଅନ୍ୟମାନଙ୍କୁ ଭିତରକୁ ଆସିବାକୁ ଦେଉନାହାନ୍ତି ।’ ଏହାସହ ଖଣ୍ଡପୀଠ କହିଛନ୍ତି ଯେ ମହାରାଷ୍ଟ୍ର ସ୍ଥାନୀୟ ନିର୍ବାଚନରେ ଓବିସି ସଂରକ୍ଷଣର ବିବାଦସ୍ୱୟ ପ୍ରସଙ୍ଗ ୨୦୨୨ର ରିପୋର୍ଟ ପୂର୍ବ ପରି ରହିବ । ମାମଲାରେ ସର୍ବୋଚ୍ଚ ଅଦାଲତ ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ରାଜ୍ୟରେ ସ୍ଥାନୀୟ ନିର୍ବାଚନ ପାଇଁ ଚାରି ସପ୍ତାହ ଭିତରେ ଅଧିସୂଚନା ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଚଳିତ ମାସ ଶେଷରେ ଭାରତର ପରବର୍ତ୍ତୀ ସିଜେଆଇ ହେବାକୁ ଥିବା ଜଷ୍ଟିସ ଭିଆର ଗବାଇ ନିଜର ଏକ ରାୟରେ ସମାନ ତୁଳନା କରିଥିଲେ । ସେ ଏସସି/ଏସଟି ବର୍ଗର ଉପବର୍ଗୀକରଣକୁ ବୈଧ କରିଥିଲେ । ଏହାସହ କହିଥିଲେ ଯେ ଯେଉଁ ଲୋକ ଥରେ ରାଷ୍ଟ୍ରପତିଙ୍କ ସୂଚୀରେ ସାମିଲ ହୋଇଛନ୍ତି, ସେମାନେ ଅନ୍ୟଙ୍କୁ ଏଥିରେ ସାମିଲ ହେବାକୁ ଦେଉ ନାହାନ୍ତି ।

# ଘନେଇଲା ଭାରତ-ପାକିସ୍ତାନ ଯୁଦ୍ଧ ଆଶଙ୍କା

## ୧୦୦ ସ୍ଥାନ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ

### ଟର୍ଚ୍ଚ, କ୍ୟାଣ୍ଡେଲ୍ ଓ ନଗଦ ଟଙ୍କା ପ୍ରସ୍ତୁତ ରଖିବା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୬।୫: ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ନେଇ ଉଭୟ ଭାରତ ଓ ପାକିସ୍ତାନ ପ୍ରସ୍ତୁତି ଚଳାଇଛନ୍ତି। ଏଥିପାଇଁ ବିଭିନ୍ନ ରାଜ୍ୟକୁ ଯୁଦ୍ଧ ପାଇଁ ମକଡ୍ରିଲର ଅଭ୍ୟାସ୍ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲି( ୭ ମେ) ଦେଶବ୍ୟାପୀ ୨୫୯ଟି ସ୍ଥାନରେ ଏହି ମକ୍ ଡ୍ରିଲ୍ ବା ସୁରକ୍ଷା ପ୍ରସ୍ତୁତି ଅଭ୍ୟାସ କରାଯିବ। ଏହି ଅଭ୍ୟାସରେ ମୁଖ୍ୟତଃ ବିମାନ ଆକ୍ରମଣ ସାଇରନ୍ ଏବଂ ବ୍ଲାକଆଉଟ୍ ଭଳି ପରିସ୍ଥିତିର ପ୍ରଥମ ସତର୍କତା କେମିତି ଅବଲମ୍ବନ କରାଯିବ ସେ ନେଇ ଅଭ୍ୟାସ ଏବଂ ତାଲିମ ଉପରେ ଧ୍ୟାନ ଦିଆଯିବ। ଏନେଇ ମଙ୍ଗଳବାର, ଗୃହ ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ନାଗରିକ ପ୍ରତିରକ୍ଷା ପ୍ରସ୍ତୁତିର ମୂଲ୍ୟାଙ୍କନ ଏବଂ ସମନ୍ୱୟ ବିଶେଷରେ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟ ସଚିବ ଏବଂ ନାଗରିକ ପ୍ରତିରକ୍ଷା ମୁଖ୍ୟମାନେ ସାମିଲ ହୋଇଛନ୍ତି। ବିଶେଷ କରି ୨୦୧୦ରେ ଅଧିସୂଚିତ ହୋଇଥିବା ୨୪୪ ନାଗରିକ ପ୍ରତିରକ୍ଷା ଜିଲ୍ଲା(ସିଭିଲ ଡିଫେନ୍ସ ଡିଷ୍ଟ୍ରିକ୍ଟ) ଉପରେ ଏହି ବୈଠକର ଅଧିକ ଧ୍ୟାନ ଦିଆଯାଇଛି। ରାଜସ୍ଥାନ, ପଞ୍ଜାବ, ଜମ୍ମୁ ଏବଂ କାଶ୍ମୀର, ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ଭଳି ସୀମାନ୍ତ ରାଜ୍ୟଗୁଡ଼ିକରେ ଅବସ୍ଥିତ ଏହି ଜିଲ୍ଲାଗୁଡ଼ିକୁ ବହୁ-ବିପଦ ପରିସ୍ଥିତିରେ ଥିବା ଆକଳନ କରି ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଚାଲିଥିବା ଏହି ବୈଠକରେ ଦେଶବ୍ୟାପୀ ୨୪୪ ଟି ନାଗରିକ ପ୍ରତିରକ୍ଷା ପ୍ରତିଷ୍ଠାନର ସ୍ଥିତି ସମୀକ୍ଷା କରାଯାଉଛି ବୋଲି ସୂତ୍ରରୁ ଜଣାପଡିଛି। ଏହି ସ୍ଥାନଗୁଡ଼ିକର ଥିବା ନାନା ଉପକରଣଗୁଡ଼ିକ କାର୍ଯ୍ୟକ୍ଷମ ଅଛି କି ନାହିଁ କିମ୍ବା ମରାମତି ଆବଶ୍ୟକ ଏନେଇ ଆକଳନ କରାଯାଇଛି। ଜରୁରୀକାଳୀନ ପରିସ୍ଥିତି ପାଇଁ ସାଧାରଣ ନାଗରିକଙ୍କୁ କିପରି ତାଲିମ ଦିଆଯିବ ତାହା ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ମୁଖ୍ୟ ଅଞ୍ଚଳଗୁଡ଼ିକ ମଧ୍ୟରେ ବିମାନ ଆକ୍ରମଣ ସାଇରନ ପ୍ରତି ସାଧାରଣ ପ୍ରତିକ୍ରିୟା, ବିଦ୍ୟୁତ୍ କାଟ ସମୟରେ ଗ୍ରହଣୀୟ ପଦକ୍ଷେପ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। କୌଣସି ପରିସ୍ଥିତିରେ ଯଦି ଇଲେକ୍ଟ୍ରିକ୍ ସେବା ବାଧାପ୍ରାପ୍ତ ହୁଏ ତେବେ ଏଥିପାଇଁ ପ୍ରସ୍ତୁତ ରହିବାକୁ ଲୋକଙ୍କୁ ମେଡିକାଲ୍ କିଟ୍, ଟର୍ଚ୍ଚ, ମହମବତୀ ଏବଂ ନଗଦ(ନଗଦ ଟଙ୍କା) ରଖିବାର ଆବଶ୍ୟକତା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୪୪ ସ୍ଥାନ ମଧ୍ୟରୁ ୧୦୦ ରୁ ଅଧିକ ସ୍ଥାନକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବରେ ଚିହ୍ନଟ କରାଯାଇଛି। ପାକିସ୍ତାନ ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମେ ୫ ତାରିଖରେ ରାଜ୍ୟଗୁଡ଼ିକୁ ମକ୍ ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଜାରି କରିଥିଲା। ଏନେଇ ଆସନ୍ତାକାଲି ଦେଶର ୨୫୯ଟି ସ୍ଥାନରେ ଏହି ମକ୍ ଡ୍ରିଲ୍ ବା ସୁରକ୍ଷା ପ୍ରସ୍ତୁତି ଅଭ୍ୟାସ କରାଯିବ। ଏଥିରେ ଓଡ଼ିଶାରେ କ୍ୟାଟେଗୋରୀ ୧: ତାଳଚେର୍, କ୍ୟାଟେଗୋରୀ ୨: ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହିରାକୁଦ, ପାରାଦୀପ, ରାଉରକେଲା ଓ କ୍ୟାଟେଗୋରୀ ୩: ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡ଼ାରେ ମକଡ୍ରିଲ ହେବ।



## ଧମକ ଦେଇ ଛାନିଆ ବିଲାୱଲ ଭାରତ ସହ ଶାନ୍ତି ପାଇଁ ଆଗ୍ରହ ପ୍ରକାଶ

ଇସଲାମବାଦ,୬।୫: ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ-ଜାରଦାରୀ ପୂର୍ବରୁ ଭାରତକୁ ସିନ୍ଧୁ ନଦୀରେ ରକ୍ତ ବହିବ ବୋଲି ଧମକ ଦେଇଥିବା ବେଳେ, ମଙ୍ଗଳବାର ସେ ଭାରତ ସହ ଶାନ୍ତି ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୫ ଜଣ ଭାରତୀୟ ଏବଂ ଜଣେ ନେପାଳୀ ନାଗରିକ ପ୍ରାଣ ହରାଇଥିଲେ, ତା’ପରେ ଭାରତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲୁଟି) ସ୍ଥଗିତ କରିବା ନିଷ୍ପତ୍ତି ନେଇଥିଲା। ଏହାର ପ୍ରତିକ୍ରିୟାରେ ବିଲାୱଲ ଏପ୍ରିଲ ୨୫ରେ ମୀରପୁରଖାସରେ ଏକ ରାଲିରେ କହିଥିଲେ, ସିନ୍ଧୁ ଆମର ଅଟେ ଏବଂ ଆମର ରହିବ। ଏଥିରେ ହୁଏତ



ଆମର ପାଣି ବହିବ ନ ହେଲେ ଭାରତୀୟଙ୍କ ରକ୍ତ ବହିବ। ତେବେ, ମଙ୍ଗଳବାର ପାକିସ୍ତାନର ଜାତୀୟ ସଭାରେ ସେ ଏକ ଭିନ୍ନ ସ୍ୱରରେ କହିଛନ୍ତି, ଯଦି ଭାରତ ଶାନ୍ତିର ପଥ ଅବଲମ୍ବନ କରିବାକୁ ଚାହେଁ, ତେବେ ସେମାନେ ଖୋଲା ହାତରେ ଆସନ୍ତୁ, ମୁଠା ବାନ୍ଧି ନୁହେଁ। ସତ୍ୟ ସହ ଆସନ୍ତୁ, ମିଛ କଥା ନୁହେଁ। ଆମେ ପଡ଼ୋଶୀ ହିସାବରେ ବସି ସତକଥା ହେବୁ। ସେ ଆହୁରି କହିଛନ୍ତି ଯେ ପାକିସ୍ତାନ ସ୍ୱାଧୀନତା ପାଇଁ ଲଢ଼େଇ କରିବ, ଯୁଦ୍ଧ ପାଇଁ ନୁହେଁ। ଏହି ବୟାନ ପୂର୍ବରୁ ତାଙ୍କର ଆକ୍ରମଣାତ୍ମକ ମନ୍ତବ୍ୟକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ଆନ୍ଧ୍ରପ୍ରଦେଶର ଉପ-ମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣ କହିଥିଲେ, ଯଦି ଆବଶ୍ୟକ ହୁଏ, ପ୍ରତ୍ୟେକ ଭାରତୀୟ ଦେଶ ପାଇଁ ନିଜ ରକ୍ତ ଦେବେ।

## ଚିଠି ଲେଖିଲେ ମେହବୁବା: ଆତଙ୍କୀ ସନ୍ଦେହରେ ଥିବା ଅଟକ ଯୁବକଙ୍କୁ ଛାଡ଼



ନୂଆଦିଲ୍ଲୀ,୬।୫: ଜାମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ପିଡିପି ମୁଖ୍ୟ ମେହବୁବା ମୁଫତି ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନାଙ୍କୁ ଚିଠି ଲେଖି ନିଜର ପ୍ରତିକ୍ରିୟା ଦେଇଛନ୍ତି। ସେ ଏଲଜିଙ୍କୁ ଲେଖିଥିବା ଚିଠିରେ ପହଲଗାମ୍ ଘଟଣା ପରେ ଅଟକ ଥିବା ଯୁବକଙ୍କୁ ମୁକ୍ତ କରିବାକୁ ଦାବି କରିଛନ୍ତି। ପିଡିପି ମୁଖ୍ୟ ନିର୍ଦ୍ଦୋଷ ନାଗରିକଙ୍କ ଗିରଫଦାରୀ ଉପରେ ପ୍ରଶ୍ନ ଉଠାଇଛନ୍ତି ଏବଂ କହିଛନ୍ତି ଯେ କୌଣସି ଗଣତାନ୍ତ୍ରିକ ଏବଂ ଦାୟିତ୍ୱବାନ ସମାଜ ନିଜ ଲୋକଙ୍କ ପ୍ରତି ଏପରି ବ୍ୟବହାରକୁ ଗ୍ରହଣ କରିପାରିବ ନାହିଁ। ମେହବୁବା ମୁଫତି ଏଲଜି ମନୋଜ ସିହ୍ନାଙ୍କୁ ଲେଖିଥିବା ଚିଠିରେ କହିଛନ୍ତି, ‘ପହଲଗାମରେ ହୋଇଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣରେ ସାରା ଦେଶ ଦୁଃଖିତ ଥିବା ବେଳେ ମୁଁ ଆପଣଙ୍କୁ ଏହି ଚିଠି ଲେଖୁଛି। ଏହି ଘୃଣ୍ୟ ଘଟଣାକୁ ସାରା ଦେଶରେ, ବିଶେଷକରି କାଶ୍ମୀର ଲୋକଙ୍କ ଦ୍ୱାରା ବ୍ୟାପକ ଭାବରେ ନିନ୍ଦା କରାଯାଇଛି। ପ୍ରକୃତରେ, ଆମେ ଆଉ ଏକ ପାଦ ଆଗକୁ ଯାଇ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇ ସମ୍ପୂର୍ଣ୍ଣ ବନ୍ଦ ଡାକରା ଦେଇଛୁ।‘ ସେ ଚିଠିରେ ଆହୁରି କହିଛନ୍ତି, ‘ଏହି ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଉତ୍ସାହଜନକ ପରିବର୍ତ୍ତନ ଆଣିଛି କାରଣ ପ୍ରଥମ ଥର ପାଇଁ କାଶ୍ମୀରବାସୀ ଖୋଲାଖୋଲି ଭାବରେ ଆତଙ୍କବାଦକୁ ବିରୋଧ କରିଥିଲେ ଏବଂ ଏହି ସଙ୍କଟ ସମୟରେ ଦେଶ ସହିତ ଏକତ୍ର ଛିଡା ହୋଇଥିଲେ। ପହଲଗାମ ଆକ୍ରମଣ ପରେ ତୁରନ୍ତ ସ୍ଥାନୀୟ କାଶ୍ମୀରୀମାନେ ଆହତମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ, ସେମାନଙ୍କୁ ଡାକ୍ତରଖାନାକୁ ନେଇଯାଇଥିଲେ ଏବଂ ରକ୍ତଦାନ କରିଥିଲେ। ପିଡିପି ମୁଖ୍ୟ ଆହୁରି ଲେଖିଛନ୍ତି, ‘ତଥାପି, ଏହା ପରେ ବିଭିନ୍ନ ସୁରକ୍ଷା ଏଜେନ୍ସିଗୁଡ଼ିକ ୩୦୦୦ରୁ ଅଧିକ ଲୋକଙ୍କୁ ଗିରଫ ଏବଂ ପ୍ରାୟ ୧୦୦ ଜଣଙ୍କୁ ଅଟକ ରଖାଯାଇଛି। ଏହି ସଂଖ୍ୟାଗୁଡ଼ିକ ଚିନ୍ତାଜନକ। ଏଗୁଡ଼ିକ ନ୍ୟାୟ ନୁହେଁ ବରଂ ଏକ ସାମୂହିକ ଦଣ୍ଡର ପ୍ରତିନିଧିତ୍ୱ କରେ।‘

## ଯୁଦ୍ଧ ପୂର୍ବରୁ ରାୱଲପିଣ୍ଡିରେ ଜରୁରୀକାଳୀନ ପରିସ୍ଥିତି

ନୂଆଦିଲ୍ଲୀ,୬।୫: ଭାରତୀୟ ସୀମାଠାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ପାକିସ୍ତାନୀ ସହର ରାୱଲପିଣ୍ଡି ରହିଛି। ଏହି ସହରରେ ପାଣିର ଉତ୍କଟ ଅଭାବ ଦେଖାଦେଇଛି। ସହରରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି। ପାକିସ୍ତାନକୁ ପ୍ରବାହିତ ହେଉଥିବା ଜଳ ବନ୍ଦ ହୋଇଯାଇଛି। ଫଳରେ ଚେନାବର ଜଳସ୍ତର ୨୨ ଫୁଟରୁ କମି ୧୫ ଫୁଟ ହୋଇଯାଇଛି। ଗତ ୨୪ ଘଣ୍ଟାରେ ଜଳସ୍ତର ୭ ଫୁଟ କମିଛି। ଫଳରେ ୩ କୋଟିରୁ ଅଧିକ ଜନସଂଖ୍ୟା ବାସ କରୁଥିବା ଅଞ୍ଚଳ ପାଇଁ ଜଳ ସଙ୍କଟ ସୃଷ୍ଟି ହୋଇଛି। ଫଳରେ ପୂର୍ବରୁ ଜଳ ସଙ୍କଟ ରହିଥିବା ରାୱଲପିଣ୍ଡି ସହରରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି। ପାକିସ୍ତାନର ଜଳ ଏବଂ ପରିମଳ ସଂସ୍ଥା ଅନୁସାରେ ଖାନପୁର ଡ୍ୟାମରେ ମାତ୍ର ଏକମାସର ପାଣି ରହିଛି। ସେହିପରି ରାୱଲ ଡ୍ୟାମରେ ୩ ମାସ ପାଇଁ ପାଣି ରହିଛି। ଏହା ସହିତ ମରୁଡ଼ି ସ୍ଥିତି ଏବଂ ଲଗାତାର କମ୍ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ଅଧିକ ଉତ୍କଟ ହେବାରେ ଲାଗିଛି। ରାୱଲପିଣ୍ଡି ସହରର ଦୈନିକ ଜଳ ଆବଶ୍ୟକତା ୫୦ ନିୟୁତ ଗ୍ୟାଲନ ରହିଛି। କିନ୍ତୁ ଜଳ ଏବଂ ପରିମଳ ସଂସ୍ଥା ପକ୍ଷରୁ ସହରକୁ ୩୦ ନିୟୁତ ଗ୍ୟାଲନ ଯୋଗାଇ ଦିଆଯାଉଛି। ଫଳରେ ସହରରେ ଦୈନିକ ୨୦ ନିୟୁତ ଗ୍ୟାଲନ ଜଳର ଅଭାବ ରହିଛି। ଫଳରେ ନଳକୂପ ଏବଂ ଅନ୍ୟ ବିକଳ୍ପ ଜଳ ଉତ୍ସ ଉପରେ ନିର୍ଭରଶୀଳତା ବଢ଼ିବାରେ ଲାଗିଛି। ସହର ପ୍ରଶାସନ ଅନୁସାରେ ଜନସଂଖ୍ୟା ବୃଦ୍ଧି, ବ୍ୟବସାୟ ଅନୁଷ୍ଠାନ ବଢ଼ିବା ଯୋଗୁ ସହରରେ ଜଳର ଅଭାବ ଦେଖାଦେଇଛି। ଅନ୍ୟପକ୍ଷରେ ବର୍ଷାର ଆଶା କ୍ଷୀଣ ରହିଥିବା ବେଳେ ଭାରତ ପକ୍ଷରୁ ଜାରି ରହିଥିବା ପରୋକ୍ଷ ଯୁଦ୍ଧ ସହରର ସ୍ଥିତିକୁ ଅଧିକ ସଙ୍କଟଜନକ କରିଥିବା ସହର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପାକିସ୍ତାନ ସେନା ଗାଡ଼ି ଉଡ଼ାଇଲା ବିଏଲ୍ଏ, ୧୦ ମୃତ

କ୍ୱେଟା,୬।୫: ଗୋଟିଏ ପଟେ ପାକିସ୍ତାନ ଭାରତର ସମ୍ଭାବ୍ୟ ଆକ୍ରମଣକୁ ନେଇ ଆଶଙ୍କିତ ଥିବାବେଳେ ଅନ୍ୟପଟେ ବଲୋଚ ବିଦ୍ରୋହୀମାନେ ପାକିସ୍ତାନ ସେନା ଉପରେ ଏକ ବଡ଼ ଆକ୍ରମଣ କରିଛନ୍ତି । ବିଏଲଏ ପକ୍ଷରୁ କ୍ୱେଟାର ମାର୍ଗଟ ଅଞ୍ଚଳରେ ପାକ ସୈନିକ ଥିବା ଏକ ଟ୍ରକକୁ ଆଇଇଡି ମାଧ୍ୟମରେ ଉଡ଼ାଇଦିଆଯାଇଛି । ଏହା ଫଳରେ ୧୦ ଜଣ ପାକ୍ ସୈନ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି । କିନ୍ତୁ ପାକ୍ ସେନା ପକ୍ଷରୁ ଏପର୍ଯ୍ୟନ୍ତ ଏହି ମୃତ୍ୟୁସଂଖ୍ୟାକୁ ସ୍ପଷ୍ଟ କରାଯାଇନାହିଁ। ଏହି ଆକ୍ରମଣ ଏକ ରିମୋଟ୍-କଣ୍ଟ୍ରୋଲ୍ ଆଇଇଡି ବ୍ୟବହାର କରି କରାଯାଇଥିଲା, ଯେଉଁଥିରେ ଏକ ସେନା ଗାଡ଼ି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ବିଏଲଏ ଆକ୍ରମଣ ପାଇଁ ଦାୟୀ ବୋଲି ନିଜେ ଏକ ବିବୃତ୍ତି ଜାରି କରିଛି। ଏହି ଆକ୍ରମଣ ଏକ ରିମୋଟ୍-କଣ୍ଟ୍ରୋଲ୍ ଆଇଇଡି ବ୍ୟବହାର କରି କରାଯାଇଥିଲା, ଯେଉଁଥିରେ ଏକ ସେନା ଗାଡ଼ି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ବିଏଲଏ ଆକ୍ରମଣ ପାଇଁ ଦାୟୀ ବୋଲି ଏକ ବିବୃତ୍ତି ଜାରି କରିଛି। ସଂଗଠନର ମୁଖପାତ୍ର ଜିୟାନ୍ଦ ବାଲୋଚ୍ କହିଛନ୍ତି, ‘ଏହି ଆକ୍ରମଣ ପାକିସ୍ତାନୀ ଦଖଲକାରୀ ସେନା ବିରୁଦ୍ଧରେ ଆମର ଚାଲିଥିବା ସଂଘର୍ଷର ଏକ ଅଂଶ। ଆକ୍ରମଣରେ ମୃତ ସୈନିକଙ୍କ ମଧ୍ୟରେ ସୁବେଦାର ଶାହଜାଦ ଅମିନ, ନାଏବ ସୁବେଦାର ଆବାସ, ସିପାହୀ ଖଲିଲ, ସିପାହୀ ଜାହିଦ, ସିପାହୀ ଖୁରମ ସଲିମ ଏବଂ ଅନ୍ୟମାନେ ଅଛନ୍ତି। ବିଏଲଏ ତାର ବିବୃତ୍ତିରେ କହିଛି, ‘ବାଲୋଚ୍ ଭୂମି ଦଖଲ କରୁଥିବା ସେନା ସମ୍ପୂର୍ଣ୍ଣ ଭାବରେ ନଷ୍ଟ ନହେବା ପର୍ଯ୍ୟନ୍ତ ଆମର ଅଭିଯାନ ଜାରି ରହିବ।‘

# ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କଲେ ଭାରତ-ବ୍ରିଟେନ

## ଐତିହାସିକ ଉପଲବ୍ଧି: ମୋଦି

ନୂଆଦିଲ୍ଲୀ, ୬।୫: ଭାରତ ଏବଂ ବ୍ରିଟେନ ମଧ୍ୟରେ ବହୁ ପ୍ରତୀକ୍ଷିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ସ୍ୱାକ୍ଷରିତ ହୋଇଛି। ଯାହା ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ଏବଂ ରଣନୀତିଗତ ସମ୍ପର୍କକୁ ଏକ ନୂଆ ଉଚ୍ଚତାକୁ ନେଇଯିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଚୁକ୍ତିକୁ ଏକ “ଐତିହାସିକ ମାଇଲଖୁଣ୍ଟ” ବୋଲି ଅଭିହିତ କରିଛନ୍ତି ଏବଂ ଏହା ଦୁଇ ଦେଶର ବ୍ୟାପକ ରଣନୀତିଗତ ଭାଗୀଦାରୀକୁ ଆହୁରି ଗଭୀର



କରିବ ବୋଲି କହିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, “ଏହି ଚୁକ୍ତି ଉଭୟ ଦେଶର ଅର୍ଥନୀତିରେ ବାଣିଜ୍ୟ, ନିବେଶ, ଅଭିବୃଦ୍ଧି, ରୋଜଗାର ସୃଷ୍ଟି ଏବଂ ନବସୃଜନକୁ ଉତ୍ସାହିତ କରିବ।” ଏହି ଏଫଟିଏ ଦୀର୍ଘ ଦିନର ଆଲୋଚନା ଓ କୂଟନୈତିକ ପ୍ରୟାସର ଫଳାଫଳ, ଯାହା ଭାରତ ଓ ବ୍ରିଟେନ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ନୂଆ ଦିଗନ୍ତ ପ୍ରଦାନ କରିବ। ଏହା ଦ୍ୱାରା ଦୁଇ ଦେଶର ବ୍ୟବସାୟୀ, ଶିଳ୍ପ ଏବଂ ସାଧାରଣ ନାଗରିକମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ଭାରତ ଏବଂ ବ୍ରିଟେନ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଦୀର୍ଘ ଦିନରୁ ମଜବୁତ ରହିଆସିଛି, କିନ୍ତୁ ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ଦୁଇ ଦେଶ ମଧ୍ୟରେ ଶୁଳ୍କ ବାଧା ହ୍ରାସ କରି ବାଣିଜ୍ୟକୁ ଆହୁରି ସରଳ ଓ ସୁଗମ କରିବ। ଏହା ଭାରତୀୟ ରପ୍ତାନୀକାରୀମାନଙ୍କୁ ବ୍ରିଟିଶ ବଜାରରେ ଅଧିକ ସୁଯୋଗ ପ୍ରଦାନ କରିବ ଏବଂ ବ୍ରିଟିଶ କମ୍ପାନୀମାନଙ୍କୁ ଭାରତରେ ନିବେଶ ପାଇଁ ଉତ୍ସାହିତ କରିବ। ବିଶେଷ କରି ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା, କୃଷି ଏବଂ ଉତ୍ପାଦନ କ୍ଷେତ୍ରରେ ଏହା ନୂଆ ସମ୍ଭାବନା ସୃଷ୍ଟି କରିବ।

## ଖୋଣ୍ଡଲାଇଟ୍ ପଥର ଖଣି ଉପରେ ଖଣି ନିଗମର ଚଢ଼ାଉ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଟାଙ୍ଗୀ ତହସିଲ ଛଣଗିରି ପଞ୍ଚାୟତ ଦେଉଳି ଅରାଙ୍ଗ ମୌଜାରେ ଦିନଦ୍ୱିପ୍ରହରରେ ଚାଲିଥିବା ବେଆଇନ ଖୋଣ୍ଡଲାଇଟ୍ ଖଣି ଉପରେ ମଙ୍ଗଳବାର ଚଢ଼ାଉ ହୋଇଥିବା ଜଣାପଡିଛି। ଏହି ଖଣିରୁ ଦୈନଦିନ ମୂଲ୍ୟବାନ ଖୋଣ୍ଡଲାଇଟ୍ ପଥର ଖନନ କରାଯାଇ ଚୋରାଚାଲାଣ ହେଉଥିଲା। ପୂର୍ବରୁ ଏହି ଅଞ୍ଚଳରେ ଏହି ଖୋଣ୍ଡଲାଇଟ୍ ପଥର ଖନନ ରାତିରେ ଜେସିବି ମେସିନ ମାଧ୍ୟମରେ ମାଫିଆମାନେ କରୁଥିବାବେଳେ ଉକ୍ତ ଅରାଙ୍ଗ ଜଙ୍ଗଲରେ ପ୍ରାୟ ସମୟରେ ୧୪ଟି ହାତୀ ରହୁଥିବା ଯୋଗୁ ଏବେ ମାଫିଆମାନେ ସକାଳୁ ମୂଲିଆ ଲଗାଇ ଦିନ ୧୧ଟା ପର୍ଯ୍ୟନ୍ତ ଏହି ପଥର ଖନନ କରୁଥିଲେ। ବିଭିନ୍ନ ମହଲରୁ ଅଭିଯୋଗ ପରେ ମଙ୍ଗଳବାର ସକାଳ ୯ ଟାରେ କଟକ ଖଣି ନିଗମ ବିଭାଗ ତରଫରୁ ଉକ୍ତ ସ୍ଥାନରେ ଚଢ଼ାଉ ହୋଇଥିଲା। ଚଢ଼ାଉ ଖବର ସୁରାକ ପାଇ ମାଫିଆମାନେ ଖନନ କାର୍ଯ୍ୟ ବନ୍ଦ କରିଥିଲେ। ତେବେ ଚଢ଼ାଉର ସାମିଲ ଅଧିକାରୀମାନେ ଉକ୍ତ ସ୍ଥାନକୁ ଖନନ ପାଇଁ ବନ୍ଦ କରିଥିବାବେଳେ ଏଥିରେ ସଂପୃକ୍ତ ବ୍ୟକ୍ତିମାନଙ୍କ ନାମରେ ମାମଲା ରୁଜୁ କରିବା ପାଇଁ ସଂପୃକ୍ତ ବ୍ୟକ୍ତିମାନଙ୍କ ନାମ ସଂଗ୍ରହ କରିଥିବା ଜଣାପଡିଛି। ଘଟଣାସ୍ଥଳକୁ କଟକ ଖଣି ନିଗମ ତଥା ଟାଙ୍ଗୀ ତହସିଲ ଅଞ୍ଚଳ ଦାୟିତ୍ୱରେ ଥିବା ସହ ଖଣି ଅଧିକାରୀ ରଞ୍ଜିତ କୁମାର ବେହେରା ସମେତ ଖଣି ନିଗମର ଅନ୍ୟ କିଛି ଅଧିକାରୀ, ଛଣଗିରି ରାଜସ୍ୱ ନୀରିକ୍ଷକ ବନମାଳୀ ସାହୁ ପ୍ରମୁଖ ଆସି ଉକ୍ତ ଜାଗା ଓ ଏଥିରେ ସଂପୃକ୍ତ ବ୍ୟକ୍ତିମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରିଥିଲେ। କିଛି କଟା ଯାଇଥିବା ପଥରକୁ ଜବତ କରିଥିଲେ।

## ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ବେତଝରନ ଜଙ୍ଗଲରୁ ପୋଲିସ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର କରିଛି। ସେ ହେଲେ ବାମରା ବ୍ଲକ ମହୁଲପାଲି ଥାନା ଜରାବଗା ପଞ୍ଚାୟତ ବେତଝରନ ଗ୍ରାମର ରବି ମୁଣ୍ଡାଙ୍କ ସ୍ତ୍ରୀ ମଞ୍ଜରୀ ମୁଣ୍ଡା (୪୫)। ମୃତକଙ୍କ କାକା ଏତୁଆ ମୁଣ୍ଡାଙ୍କ ଏତଲା କ୍ରମେ ପୋଲିସ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୦୨୫)ରୁଜୁ କରି ତଦନ୍ତ କରୁଛି। ସୋମବାର ପୋଲିସ କୁଚିଣ୍ଡା ମେଡିକାଲରେ ମୃତକଙ୍କ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି। ପୋଲିସର ସୂଚନା ଅନୁଯାୟୀ, ମୃତ ମଞ୍ଜରୀ ଓ ତାଙ୍କ ସ୍ୱାମୀ ରବିଙ୍କ ମଧ୍ୟରେ ପ୍ରାୟ କଳିଝଗଡା ଲାଗିରହୁଥିଲା। ମଞ୍ଜରୀ ମାସେ ହେଲା ଘର ଛାଡି କୁଆଡେ ଚାଲି ଯାଇଥିଲେ। ହେଲେ ରବିବାର ସକାଳେ ବେତଝରନ ଜଙ୍ଗଲର କଟୁଘାଟ ଅଞ୍ଚଳର ଏକ ଗଛରେ ମଞ୍ଜରୀଙ୍କ ମୃତଦେହ ଝୁଲୁଥିବା ଜଙ୍ଗଲକୁ ଯାଇଥିବା ଲୋକେ ଦେଖି ପରିବାରଙ୍କୁ ଖବର ଦେଇଥିଲେ। ଖବରପାଇ ମହୁଲପାଲି ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପ୍ଲାଷ୍ଟିକ ରସିଦ୍ୱାରା ଝୁଲୁଥିବା ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ପ୍ରକୃତରେ ମହିଳା ଜଣକ ପାରିବାରିକ ଗଣ୍ଡଗୋଳ ଯୋଗୁଁ ନିଜେ ଆତ୍ମହତ୍ୟା କରିଛନ୍ତି ନା'କେହି ହତ୍ୟା କରି ତାଙ୍କୁ ଗଛରେ ଆତ୍ମହତ୍ୟାର ରୂପ ଦେବାକୁ ଟାଙ୍ଗି ଦେଇଛନ୍ତି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କା କହିଛନ୍ତି।

## ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ, ଡ୍ରାଇଭର ଗିରଫ

ଭୁବନେଶ୍ୱର(ନିପ୍ର): ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ତମାଣ୍ଡୋ ଥାନା ପୁଲିସ ଡ୍ରାଇଭରକୁ ଗିରଫ କରିଛି। ଗିରଫ ଡ୍ରାଇଭର ଜଣଙ୍କ ହେଲେ ନୟାଗଡ ଜିଲ୍ଲା ଫତେଗଡ ଥାନା ନିକଟସ୍ଥ ଜାମୁସାହିର ଆକାଶ କୁମାର ସ୍ୱାଇଁ(୨୬)। ତାଙ୍କୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଛି। ପୁଲିସ ଗାଡିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି । ଅଭିଯୋଗକାରୀ ଧୀରଜ ନାୟକଙ୍କ ଲିଖିତ ଅଭିଯୋଗ କ୍ରମେ ତମାଣ୍ଡୋ ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ନିମ୍ନୋକ୍ତ ହାଇୱା ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ପରିବାର ସହ ତମାଣ୍ଡୋ ଥାନା ଅନ୍ତର୍ଗତ ବିଜିପୁର ଅଞ୍ଚଳରେ ରୁହନ୍ତି । ମଙ୍ଗଳବାର ସକାଳେ ତାଙ୍କ ବାପା କାମ ଅନ୍ୱେଷଣରେ ଘରୁ ବାହାରି କଳିଙ୍ଗ ବିହାର ଛକ ଅଭିମୁଖେ ଚାଲିଚାଲି ଯାଉଥିବା ବେଳେ, ଠିକ କଳିଙ୍ଗ ବିହାର ଛକ ନିକଟରେ ଅଭିଯୁକ୍ତ ଜଣକ ଏକ ହାଇୱା ଟ୍ରକ ଅତି ଦ୍ରୁତଗତିରେ ତଥା ବିପଜ୍ଜନକ ଭାବେ ଚାଳନା କରି ଆଣି ତାଙ୍କୁ ପଛ ପାଖରୁ ଖୁବ ଜୋରସେ ଧକା ଦେଇଥିଲେ। ଯାହା ଫଳରେ ଅଭିଯୋଗକାରୀଙ୍କ ବାପା ଘଟଣା ସ୍ଥଳରେ ରାସ୍ତା ଉପରେ ଛିଟିକି ପଡିବା ସହ ତାଙ୍କ ଶରୀରର ଏକାଧିକ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା । ସୂଚନା ପାଇ ତମାଣ୍ଡୋ ଥାନା ପିସିଆର-୧୭ ର କର୍ମଚାରୀ ମାନେ ଅବିଳମ୍ୱେ ଘଟଣା ସ୍ଥଳରେ ପହଞ୍ଚିବା ସହ ଆହତ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଥିବା ବେଳେ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭିଯୋଗକାରୀ ସମ୍ପୃକ୍ତ ହାଇୱା ଚାଳକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ହାଇୱା ଚାଳକଙ୍କୁ ଗିରଫ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ଦୋଷ ସ୍ୱୀକାର କରିଥିଲେ ।

## ୩୦ଗ୍ରାମ ଡ୍ରଗ୍ସ ସହ ଧରାପଡ଼ିଲେ ୩ ନିଶା ମାଫିଆ

ଭୁବନେଶ୍ୱର(ନିପ୍ର): ରାଜଧାନୀରେ ଧଳାଜହର କାରବାର କମିବାର ନାଁ ଧରୁନାହିଁ। ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କାର ନିଶା କାରବାର ଚାଲିଥିଲେ ମଧ୍ୟ କମିଶନରେଟ୍ ପୁଲିସ ନିଶା ମାଫିଆଙ୍କ ଭେଦ ପାଇପାରୁନାହିଁ। ଏହିଭଳି ସମୟରେ ମଙ୍ଗଳବାର ଦିନ ଲକ୍ଷ୍ମୀସାଗର ଥାନା ପୁଲିସ ଅତର୍କିତ ଭାବେ ଚଢ଼ାଉ କରି ୩ ନିଶା ମାଫିଆଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି । ଗିରଫ ନିଶା ମାଫିଆମାନେ ହେଲେ ଖଣ୍ଡଗିରି ଥାନା ମଲ୍ଲିକ କମ୍ପ୍ଲେକ୍ସ ଜାଗମରାରେ ରହୁଥିବା ସପେନ୍ଦ୍ର ମିଶ୍ର(୩୪), ନୟାଗଡ ଜିଲ୍ଲା ନୂଆଗାଁ ମହିପୁରର ଦୀପକ ନାୟକ(୨୫) ଓ ପଶ୍ଚିମବଙ୍ଗ ନୋଏଡାର ରୋପିକୁଲ୍ ଶେଖ(୩୩)। ଗିରଫ ନିଶା ମାଫିଆଙ୍କଠାରୁ ପୁଲିସ ୩୦ ଗ୍ରାମର ଧଳାଜହର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୩୦ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି । ଗିରଫ ନିଶା ମାଫିଆଙ୍କ ଅନ୍ୟତମ ସହଯୋଗୀମାନେ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ପୁଲିସ ଚଢ଼ାଉକୁ ଜୋରଦାର କରିଛି । ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଲକ୍ଷ୍ମୀସାଗର ଥାନାର ଏକ ସ୍ପେଶାଲ ଟିମ, ଥାନା ଅନ୍ତର୍ଗତ ଝାରପଡ଼ା ମେଳଣ ପଡିଆ ନିକଟସ୍ଥ କଂସେଇ ଖାନା ପଛ ପାଖରେ ଅତର୍କିତ ଚଢଉ କରି ବେଆଇନ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ନିମ୍ନୋକ୍ତ ତିନିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ନିମ୍ନୋକ୍ତ ଅଭିଯୁକ୍ତ ମାନଙ୍କ ହେପାଜତରୁ ମୋଟ ୩୦ ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ଏକ ମୋବାଇଲ ଫୋନ ଜବତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତମାନେ ଏହି ବେଆଇନ ବ୍ରାଉନସୁଗାର ବିକ୍ରୟ ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଲକ୍ଷ୍ମୀସାଗର ଥାନା ପୁଲିସ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରୟ ଜନିତ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି । ଜନସାଧାରଣମାନେ ବେଆଇନ ନିଶା କାରବାର ଜନିତ ସୂଚନା ପ୍ରଦାନ କରିବା ନିମନ୍ତେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ତରଫରୁ ଏକ ହ୍ୱାଟସ୍ଆପ ନମ୍ବର-୭୦୭୭୭୯୮୧୧୧ ଜାରି କରାଯାଇଛି ।

## ମହିଳାଙ୍କୁ ହୋଟେଲରେ ଦୁଷ୍କର୍ମ କରି ବନ୍ଧାହେଲେ ପୁରୁଣା ପ୍ରେମିକ

ଭୁବନେଶ୍ୱର(ନିପ୍ର): ମହିଳାଙ୍କୁ ହୋଟେଲକୁ ଡାକି ଦୁଷ୍କର୍ମ କରି ଫେରାର ଥିବା ପୁରୁଣା ପ୍ରେମିକାକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ । ଗିରଫ ପ୍ରେମିକ ଜଣଙ୍କ ହେଲେ କର୍ଣ୍ଣାଟକର ପି.ରମେଶ ବାବୁ(୩୮), ସେ ବଡଗଡ ଥାନା ଶିଶୁପାଳ ଗଡରେ ରହୁଥିଲେ। ମଙ୍ଗଳବାର ଦିନ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଜଣକ ଗତ ୨୦୦୮ ମସିହାରେ ଅଭିଯୋଗକାରିଣୀଙ୍କ ସଂସ୍ପର୍ଶରେ ଆସିଥିଲେ । ଉଭୟଙ୍କ ମଧ୍ୟରେ ବନ୍ଧୁତା ନିବିଡ ହୋଇଥିଲା । ପରେ ଅଭିଯୋଗକାରିଣୀ ଅନ୍ୟତ୍ର ବିବାହ କରି ସ୍ୱାମୀଙ୍କ ସହ ରାଜ୍ୟ ବାହାରକୁ ଚାଲିଯାଇଥିଲେ । ଏହା ପରେ ଅଭିଯୁକ୍ତ ଜଣକ ତାଙ୍କୁ ବାରମ୍ବାର ଫୋନ କରି ଭୁବନେଶ୍ୱର ଆସି ଦେଖା କରିବା ଲାଗି ଚାପ ପକାଇବା ସହ ନାନା ପ୍ରକାର ଧମକ ମାନ ଦେଉଥିଲେ । ଗତ ତା.୧୬.୦୬.୨୦୨୩ ରିଖ ଦିନ ସେ ଭୁବନେଶ୍ୱରରେ ଆସି ପହଞ୍ଚିବା ପରେ ଅଭିଯୁକ୍ତ ତାଙ୍କୁ ଏକ ହୋଟେଲକୁ ନେଇ ତାଙ୍କ ଇଚ୍ଛା ବିରୋଧରେ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ । ଭୁବନେଶ୍ୱର ଛାଡି ବାଙ୍ଗାଲୋରକୁ ଖସି ପଳାଇ ଯାଇଥିଲେ । ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଅଭିଯୁକ୍ତଙ୍କୁ ବାଙ୍ଗାଲୋରରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

### ଅବକାରୀ ଫ୍ଲାଇଂ ସ୍କ୍ୱାଡ୍‌ର ଚଢ଼ାଉ

## ୫୧୫ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

କଟକ(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ସ୍ଥାନୀୟ ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଅଂଚଳରୁ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଢ଼େଙ୍କାନାଳ ଜିଲ୍ଲା ମାହାବିରୋଦ ଥାନା ଅନ୍ତର୍ଗତ ଦେଶୀପୁର ଅଂଚଳର ସିପୁନ ନାୟକ (୨୨) ଓ ଅନୁଗୁଳ ଜିଲ୍ଲା ହେମସରପଡ଼ା ଅଂଚଳର ଦୀବେଶ ନାୟକ (୨୪) । ସେମାନଙ୍କ ଠାରୁ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ୫୧୫ ଗ୍ରାମ୍ ବ୍ରାଉନସୁଗାର ଓ ୨ଟି ମୋବାଇଲ ଫୋନ ଜବତ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ସୁପରିନଟେଣ୍ଡେଣ୍ଟ ତେଜରାଜ ଜାନୀଙ୍କ ତତ୍ତ୍ୱାବଧାନରେ ଏକ ଅବକାରୀ ଫ୍ଲାଇଙ୍ଗ ଟିମ୍ ଟାଙ୍ଗୀ ଥାନା ଅନ୍ତର୍ଗତ ମଂଗୁଳି ଅଂଚଳରେ ଚଢ଼ାଉ କରିଥିଲା । ଏହି ସମୟରେ ବ୍ରାଉନସୁଗାର ରଖିବା ଓ ବ୍ୟବସାୟ କରିବା ଅଭିଯୋଗରେ ଅବକାରୀ ପୋଲିସ ଘଟଣା ସ୍ଥଳରୁ ବ୍ରାଉନସୁଗାର ବେପାରୀ ସିପୁନ ନାୟକ ଓ ଦୀବେଶ ନାୟକଙ୍କୁ ଗିରଫ କରିଥିଲା । ସିପୁନ ନିକଟରୁ ୨୨୩ ଗ୍ରାମ୍ ଓ ଦୀବେଶ ନିକଟରୁ ୨୯୨ ଗ୍ରାମ୍ ବ୍ରାଉନସୁଗାର ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଜବତ କରିଥିଲା। ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫୧ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ



ପକ୍ଷରୁ ଆକଳନ କରାଯାଇଛି । ଏହାଛଡ଼ା ଅଭିଯୁକ୍ତଙ୍କ ଠାରୁ ଅବକାରୀ ବିଭାଗ ସ୍କ୍ୱାର୍ଡ଼ ଦ୍ୱାରା ୨ଟି ମୋବାଇଲ ଫୋନ ଜବତ କରାଯାଇଛି । ଏହି ଚଢ଼ାଉରେ ଆଇଆଇସି ହୀରା ଦଳପତି, ଏସଆଇ ବଳବୀର ଗଡ଼ନାୟକ, ଏଏସଆଇ ଦୀଲିପ ନନ୍ଦ, ଆଲୋକ ଖଟୁଆ, ଅନ୍ତର୍ଯ୍ୟାମୀ ରଘୁନନ୍ଦନ ମଲ୍ଲିକ, ଅଜୟ ବେହେରା, କନେଷ୍ଟବଳ ରୋଜାଲିନ ପଟ୍ଟନାୟକ, ଶଙ୍କରର୍ଷଣ ରାଉତ, ରଂଜିତ ସାହୁ, ମନୁରାମ ହାଂସଦା ଓ ସୁମିତ ନାୟକଙ୍କ ସମେତ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ । ନିଶା ବେପାରୀ ଦ୍ୱୟ ବାଲେଶ୍ୱରରରୁ ବ୍ରାଉନସୁଗାର ଆଣି ଅନୁଗୁଳ ଚାଲାଣ କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

## ଜିଲ୍ଲା ଅବକାରୀ ବିଭାଗର ଚଢ଼ାଉ, ୨ ଗିରଫ





କଟକ(ନିପ୍ର): ଜିଲ୍ଲା ଅବକାରୀ ବିଭାଗର କର୍ମଚାରୀମାନେ ଆଜି ଚୌଦ୍ୱାର ଅଂଚଳର କଖଡ଼ି ଅଂଚଳରେ ଚଢ଼ାଉ କରି ୮୦ଲିଟର ଚୋରା ଦେଶୀ ମଦ ଜବତ କରିବା ସହିତ ଏହି ଚୋରା କାରବାରରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ଚୌଦ୍ୱାର ପୋଲିସ ଷ୍ଟେସନ ଅନ୍ତର୍ଗତ କଖଡ଼ି ଅଂଚଳର ସୁଶାନ୍ତ ଦଳେଇ (୩୬) ଓ ଲକ୍ଷ୍ମୀଧର ନାୟକ (୫୨) । ଏମାନେ ନିୟମିତ ଭାବେ ଦେଶୀ ମଦ ବିକ୍ରି କରୁଥିବାର ଅଭିଯୋଗକୁ ଭିତ୍ତି କରି ଜିଲ୍ଲା ସଦର ଇନ୍ସପେକ୍ଟର କମଳ ଲୋଚନ ପାଇକରାୟ, କଟକ-୨ ଅବକାରୀ ଥାନାର ଅଧିକାରୀ ଅଜିତ ପାତ୍ର, କଟକ-୧ ଅବକାରୀ ଥାନାର ତରୁଣ କୁମାର ପାତ୍ର ଓ କମଳାକାନ୍ତ ବେହେରା କଖଡ଼ି ଅଂଚଳରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲେ । ଅବକାରୀ ଥାନା କେଶ୍ ନଂ ୮/୨୦୨୫ ଓ ୨୦/୨୦୨୫ ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ଦୁର୍ନୀତି ମାମଲା

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ପାରୁଆଭାଡି ନୋଡାଲ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ (ଏମଡିଏମ)ରେ ପ୍ରଧାନ ଶିକ୍ଷୟିତ୍ରୀ ବ୍ୟାପକ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ବିଭାଗୀୟ ତଦନ୍ତ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟତ୍ର ବଦଳି ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ସୁପାରିସ କରିଛନ୍ତି। ସୂଚନା ଅନୁଯାୟୀ, ପାରୁଆଭାଡି ନୋଡାଲ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ବିଭିନ୍ନ ଦୋକାନରୁ ଜିଏସଟି ନମ୍ବର ନଥିବା ନକଲି ବିଲ ଆଣି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ନେଇ ପାରୁଆଭାଡି ଗ୍ରାମର ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ। ସେହିପରି ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଏବଂ ଲୋକଷ୍ଟ ହଷ୍ଟେଲ ପାଇଁ ଖାଦ୍ୟ ସାମଗ୍ରୀ ସହ ଅନ୍ୟାନ୍ୟ ସାମଗ୍ରୀ କ୍ରୟରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବା ସେ ନଭେମ୍ବର ୨୦୨୩ରେ କୁଚିଣ୍ଡା ଗୋଷ୍ଠି ଶିକ୍ଷାଧିକାରୀ, କୁଚିଣ୍ଡା ଉପଜିଲ୍ଲାପାଳ, ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷାଧିକାରୀ ଏହାର ତଦନ୍ତ ପାଇଁ ଗୋଷ୍ଠି ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ କୁଚିଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୌରାଙ୍ଗ କୁସୁମଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ପ୍ରତିନିଧି ଦଳ ଏହାର ତଦନ୍ତ କରିଥିଲେ। ମାତ୍ର ଏହି ତଦନ୍ତରେ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରି ପୁଣି ୨୦୨୪ ଏପ୍ରିଲ ୩୦ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୪ ଜୁଲାଇ ୧୯ ତାରିଖରେ ଗୋଷ୍ଠୀ ଶିକ୍ଷାଧିକାରୀ ପାରୁଆଭାଡ଼ି ନୋଡାଲ ହାଇସ୍କୁଲକୁ ଆସି ଅଭିଯୋଗକାରୀ ଖଣ୍ଡେଲୱାଲଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ମାତ୍ର ଏହାର ଛଅ ମାସ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିଲା। ଅଭିଯୋଗକାରୀ ପୁଣି ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଗତ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ପରେ ୨୦୨୫ ଏପ୍ରିଲ ୪ ତାରିଖରେ ସମ୍ବଲପୁର ଜିଲ୍ଲାମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡପଣ୍ଡା, ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, କୁଚିଣ୍ଡା ଗୋଷ୍ଠି ଶିକ୍ଷାଧିକାରୀ ଗିତା ପଧାନ ପାରୁଆଭାଡ଼ି ନୋଡାଲ ହାଇସ୍କୁଲକୁ ଆସି ଅଭିଯୋଗକାରୀଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ତଦନ୍ତ ସମୟରେ ଅଭିଯୋଗର ସତ୍ୟତା ଥିବା ହୃଦ୍‌ବୋଧ କରି ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀ ପତ୍ର ସଂଖ୍ୟା.୩୩୬୮/୧୧.୦୪.୨୦୨୫ରେ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ତାଙ୍କର ବଦଳି ପାଇଁ ଭୁବନେଶ୍ୱର ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ସୁପାରିସ କରିଛନ୍ତି।

## ଦାଦାବଟି ପାଇଁ ପାଣି ପମ୍ପ ଚୋରି ମାମଲା: କଟୁରି ସହ ଅଭିଯୁକ୍ତ ଗିରଫ

ପୁରୀ(ନିପ୍ର): ଦାଦାବଟି ମାଗି ପାଣି ପମ୍ପ ଚୋରି କରିବା ଓ କଟୁରି ବୁଲାଇ ହତ୍ୟା ଧମକ ଦେବା ମାମଲାରେ ସଦର ଥାନା ପୁଲିସ ଅଭିଯୁକ୍ତ ଗିରଳ ଗ୍ରାମର ସୁଶାନ୍ତ ଜେନା(୨୮)କୁ ଗିରଫ କରିଛି । ତାଠାରୁ ଏକ କଟୁରି ଜବତ କରାଯାଇଛି । ସେହି ଗ୍ରାମର ରୁଦ୍ରପ୍ରସାଦ ସିଂହ ଏକ ଟ୍ରାକ୍ଟର କିଣିଥିଲେ। ଏଥିପାଇଁ ତାଙ୍କୁ ଦାଦାବଟି ମାଗିଥିଲା ସୁଶାନ୍ତ। ବଟି ଦେବାକୁ ମନା କରିବାରୁ ଟ୍ରାକ୍ଟର ଜାଳି ଦେବାକୁ ଧମକ ଦେବା ସହିତ ତାଙ୍କ ପାଣି ପମ୍ପ ଚୋରିକରି ନେଇଥିଲା ବୋଲି ସୁଶାନ୍ତ ବିରୋଧରେ ଏତଲା ଦେଇଥିଲେ ଶ୍ରୀ ସିଂହ । ଏନେଇ ପୁଲିସ ମାମଲା ରୁଜୁ କରିଥିଲା। ଏହାପରେ ସୁଶାନ୍ତ ଏକ କଟୁରି ଧରି ବୁଲୁଥିଲା। ଶ୍ରୀ ସିଂହଙ୍କୁ ହାଣିବାକୁ ଧମକ ଦେଇଥିଲା। ପୁଲିସ ସୁଶାନ୍ତକୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆଯାଇଛି ବୋଲି ପୁଲିସ କହିଛି।

### ମୋ ବ୍ୟାଙ୍କରେ ଟଙ୍କା ହଡପ ଘଟଣା

## ଜିଲ୍ଲାପାଳ, ଏସ୍‌ପିଙ୍କୁ ଅଭିଯୋଗ କଲେ ଜମାକାରୀ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କବରୀବାହାଲ ମୋ ବ୍ୟାଙ୍କ(ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର)ରେ ଜମାକାରୀଙ୍କ ଟଙ୍କା ହଡପ ନେଇ ମହୁଲପାଲି ଥାନା ଓ କେଶାଇବାହାଲ ଷ୍ଟେଟ ବ୍ୟାଙ୍କ ଶାଖାରେ ଅଭିଯୋଗ ହୋଇଥିଲା। ମାତ୍ର ଦୀର୍ଘ ଦିନପରେ ମଧ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ ଦିଗରେ ବ୍ୟାଙ୍କ ଅଥବା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ଜମାକାରୀଙ୍କ ପକ୍ଷରୁ ସୋମବାର ସମ୍ବଲପୁର ଜିଲ୍ଲାପାଳ ଓ ଏସପିଙ୍କୁ ଇମେଲ ଯୋଗେ ଏବଂ କୁଚିଣ୍ଡା ଉପଜିଲ୍ଲାପାଳ ଓ ଏସଡିପିଓଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି। କୁଚିଣ୍ଡା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ ଦାବିପତ୍ର ଗ୍ରହଣ କରି ସେ ଏଦିଗରେ ଶୀଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଗ୍ରାମାଞ୍ଚଳର ଲୋକଙ୍କୁ ସୁବିଧା ଯୋଗାଇଦେଇ ବ୍ୟାଙ୍କ ସହ ଯୋଡିବା ନିମନ୍ତେ କେଶାଇବାହାଲ ଷ୍ଟେଟ ବ୍ୟାଙ୍କ ଶାଖା ନିୟନ୍ତ୍ରଣରେ କବରୀବାହାଲ ପଞ୍ଚାୟତ ପରିସରରେ ଏକ ମୋ ବ୍ୟାଙ୍କ (ଗ୍ରାହକ ସେବା କେନ୍ଦ୍ର)ଖୋଲା ଯାଇଛି। ଏହି ସେବାକେନ୍ଦ୍ର ମାଲିକ ସତ୍ୟ ନାରାୟଣ ପୃଷ୍ଟେଠ ନୀରିହ ଗରୀବ ଜମାକାରୀଙ୍କ ଲକ୍ଷଲକ୍ଷ ଟଙ୍କା ହଡପ କରି ନେଇଥିବା ଅଭିଯୋଗ ହୋଇଛି। ଲୋକେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଝିଅ ବାହାଘର, ପ୍ରଧାନମନ୍ତ୍ରୀ ଆବାସଘର, କୁଲିମଜୁରୀ,ଦାଦନ ଶ୍ରମିକ ଟଙ୍କା ଆଦିକୁ ମୋବ୍ୟାଙ୍କ ଶାଖାରେ ନିଜନିଜ ଆକାଉଣ୍ଟରେ ଜମା ରଖିଥିଲେ। ଜମାକାରୀ ଏହା ଜାଣିବା ପରେ କେଶାଇବାହାଲ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଏବଂ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱରରୁ ଏକ ପ୍ରତିନିଧି ଟିମ ଆସି ଜମାକାରୀଙ୍କୁ ପଚରା ଉଚୁରା ସହ ତାଙ୍କ ବୟାନ ରେକର୍ଡ କରିଥିବା ବେଳେ ମହୁଲପାଲି ପୋଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜମାକାରୀମାନେ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପୋଲିସର ଅସହଯୋଗ ପ୍ରତିବାଦରେ ରବିବାର ବରିବାହାଲରେ ଏକତ୍ରିତ ହୋଇ ଜିଲ୍ଲା ପ୍ରଶାସନକୁ ଅବଗତ କରିବାର ନିଷ୍ପତ୍ତି ନେଇଥିଲେ।

## ମହିଳାଙ୍କ ୫୦ ହଜାର ଟଙ୍କାର ଶାଢ଼ି ଓ ଡ୍ରେସ ନେଇ ଅଟୋ ଡ୍ରାଇଭର ଛୁ

ଭୁବନେଶ୍ୱର(ନିପ୍ର): ରାଜଧାନୀରେ ପୁଣି ଜଣେ ଅଟୋ ଚାଳକଙ୍କ ଅମାନୁଷିକତା ଦେଖିବାକୁ ମିଳିଛି । ମହିଳାଙ୍କ ୫୦ ହଜାର ଟଙ୍କାର ଦାମି ଶାଢ଼ି ଓ ଡ୍ରେସ ନେଇ ଅଟୋ ଚାଳକ ଛୁ ମାରିଛି। ଏଭଳି ଅଭାବନୀୟ ଘଟଣା ନୂଆପଲ୍ଲୀ ଥାନା ନିକଟସ୍ଥ ସିଆରପି ଛକରେ ଦେଖିବାକୁ ମିଳିଛି। ଏନେଇ ମହିଳା ଜଣଙ୍କ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ଟ୍ରାଫିକ୍ ପୋଷ୍ଟ ଗୁଡିକରେ ଲାଗିଥିବା ସିସିଫୁଟେଜକୁ ଯାଞ୍ଚ କରିବା ସହ ଫେରାର ଥିବା ଅଟୋ ଡ୍ରାଇଭରକୁ ଧରିବାକୁ ଜୋରଦାର ଉଦ୍ୟମ ଚଳାଇଛି । ସପ୍ତାହେ ତଳେ ଖଣ୍ଡଗିରି ଥାନାପୁଲିସ ଜଣେ ଅଟୋ ଚାଳକଙ୍କୁ ଗିରଫ କରିବା ସହ ୨୦ଲକ୍ଷ ଟଙ୍କାର ସୁନାଗହଣାକୁ ଜବତ କରିଥିଲା। ଅଟୋ ଚାଳକ ମହିଳାଙ୍କ ସୁନାବ୍ୟାଗକୁ ରାସ୍ତାରୁ ପାଇ ଲୁଚାଇ ରଖିଥିଲେ। ସୂଚନାଯୋଗ୍ୟ ଯେ, ଇନଫୋଭ୍ୟାଲି ଥାନା ନିକଟସ୍ଥ ବଡ ରଘୁନାଥପୁର ଗ୍ରାମର ସୁନିତା ପାଣିଗ୍ରାହୀ (୪୪)। ମଦନପୁରରେ ଏକ ଟେଲର ଦୋକାନ କରିବା ସହ ମହିଳାମାନଙ୍କ ଶାଢ଼ି ଓ ଡ୍ରେନ ସିଲେଇ କରିନ୍ତି । ମଙ୍ଗଳବାର ଦିନ ସୁନିତା ସିଆରପିରେ ଥିବା ଦୋକାନରୁ କିଛି ଦାମି ଶାଢ଼ି ଓ ଡ୍ରେନ କିଣି ଗୋଟିଏ ଜରି ବ୍ୟାଗରେ ପ୍ୟାକିଂ କରି ଏକ ଅଟୋରେ ବସିଥିଲେ। ହେଲେ ସେ ମଦନପୁର ଯିବା ବେଳେ ଗାଡିରୁ ଓହ୍ଲାଇ ପଡିଥିଲେ। ଅଟୋ ଚାଳକ ଗାଡି ନେଇ ପଳାଇଥିଲେ। ତାଙ୍କୁ ଡାକିଥିଲେ ମଧ୍ୟ ସେ ଜାଣି ନ ଶୁଣିବା ଭଳି ଚାଲିଯାଇଥିଲେ। ଏନେଇ ସୁନିତା ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଫେରାର ଥିବା ଅଟୋ ଚାଳକଙ୍କୁ ଧରିବାକୁ ଜୋରଦାର ଉଦ୍ୟମ ଚଳାଇଛି ।

### ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ଜରୁରୀ ବୈଠକ

# ଲୋକେ ଭୟଭୀତ ନ ହୋଇ ସଜାଗ ରହିବାକୁ ନିର୍ଦ୍ଦେଶ

ପାରାଦ୍ୱୀପ(ନିପ୍ର): ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ଓଡିଶାର ଯେଉଁ ୧୨ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଯୁଦ୍ଧକୁ ନେଇ ସତର୍କ ସୂଚନା ଦିଆଯାଇଛି ସେମାନଙ୍କ ମଧ୍ୟରୁ ଜଗତସିଂହପୁର ଅନ୍ୟତମ। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମକଡ୍ରିଲର ବ୍ୟବସ୍ଥା କରାଯାଇଛି। ବୁଧବାର ଅପରାହ୍ନ ୪ଟା ସମୟରେ ପାରାଦ୍ୱୀପ ସ୍ଥିତ ଷଣ୍ଢକୁଦଠାରେ ଏହି ମକ ଡ୍ରିଲର ଆୟୋଜନ କରାଯାଇଛି ବୋଲି ଜିଲ୍ଲାପାଳ ଜେ ସୋନାଲ ସୂଚନା ଦେଇଛନ୍ତି। ଏହି ମକଡ୍ରିଲ ଆୟୋଜନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ପାରାଦ୍ୱୀପ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଏହି ବୈଠକରେ ଅଧ୍ୟକ୍ଷତା କରିବା ସହ ମକ ଡ୍ରିଲ ପାଇଁ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ଅନୁରୋଧ କରିଥିଲେ। ସମ୍ଭାବ୍ୟ ଯୁଦ୍ଧ ସମୟରେ ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ, ଧନଜୀବନ କିଭଳି ନଷ୍ଟ ନହେବ ଏବଂ ଏହାର ପରବର୍ତ୍ତୀ ସମୟରେ କିଭଳି ଉଦ୍ଧାର ଓ ଚିକିତ୍ସା କରାଯିବ ଓ ଯଦି କୌଣସି ଆପତ୍ତିକାଳୀନ ଅସୁବିଧା ହୁଏ ତେବେ ସେ ସମୟରେ କଣସବୁ କାର୍ଯ୍ୟପନ୍ଥା ରହିବ ସେ ବିଷୟରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ଅପରାହ୍ନ ୪ଟାରେ ସାଇରନ ୫ ମିନିଟ ପାଇଁ ବାଜିବ। ସାଇରନ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତ ଘର, କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟକୁ



ପ୍ରବେଶ କରି ସୁରକ୍ଷିତ ରହିବେ। ସେମାନଙ୍କୁ ସୁରକ୍ଷା କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିବେ। ସିଭିଲ ଡିଫେନ୍ସର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିବେ । ଆକ୍ରମଣ ଶେଷ ହେବାର ସୂଚନା ଭାବେ ପୁନଶ୍ଚ ସାଇରନ ବାଜିଲେ ନାଗରିକମାନେ ପୂର୍ବବତ୍ ସ୍ୱାଭାବିକ କାର୍ଯ୍ୟ କରିପାରିବେ। ଏହି ମକ ଡ୍ରିଲ ସମୟରେ ଅଭ୍ୟାସ ପାଇଁ ଆହତ ହୋଇଥିବା ଲୋକଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବ। ଏସବୁ ମକଡ୍ରିଲ ବା ଛାୟା ଯୁଦ୍ଧର ଅଭ୍ୟାସ କାର୍ଯ୍ୟକ୍ରମ ହୋଇ ଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଗୁଜବରେ ବିଶ୍ୱାସ କରିବା ନାହିଁ କିମ୍ବା ପ୍ରସାର କରିବା ନାହିଁ ବୋଲି ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଏହି ମକଡ୍ରିଲ ସମ୍ପର୍କରେ ଆବଶ୍ୟକ ସତର୍କ ସୂଚନା ଏବଂ ସଚେତନତା ବାର୍ତ୍ତା ସ୍ୱଚ୍ଛ ସାଥୀ, ଅଙ୍ଗନୱାଡି କର୍ମୀ, ୱାର୍ଡ ଅଫିସରମାନଙ୍କ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ପ୍ରଚାର କରାଇବାକୁ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାରେ କେବଳ ଯୁଦ୍ଧ ପରି ନୁହେଁ ବରଂ ଆବଶ୍ୟକ ପଡିଲେ ଯୁଦ୍ଧର ସମସ୍ତ ପ୍ରକାର ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ ସମସ୍ତ ଶିକ୍ଷ ସଂସ୍ଥାର ବିଭାଗୀୟ ମୁଖ୍ୟ, ପ୍ରଶାସନିକ ଅଧିକାରୀ ମାନଙ୍କୁ ଉପଦେଶ ଦେଇଥିଲେ। ଏହିପରି ସ୍ଥିତିରେ ଛୋଟ ପିଲା, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଉଦ୍ଧାର କରିବା ପାଇଁ ସେ ପରାମର୍ଶ ଦେବା ସହ ଯୁବପିଢିଙ୍କୁ ମଧ୍ୟ ସ୍ୱତଃସ୍ଫୁର୍ତ୍ତ ଭାବେ ଏହି ଉଦ୍ଧାର କାର୍ଯ୍ୟରେ ଭାଗ ନେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ବନ୍ଦର କର୍ତ୍ତୃପକ୍ଷ ନୀଳାଭ୍ର ଦାସ ଗୁପ୍ତ କହିଲେ ଯେ ଭୟଭୀତ ନ ହୋଇ ସତର୍କ ତଥା ସଜାଗ ରହିଲେ ସମସ୍ତ ବିପତ୍ତିକୁ ଏଡ଼ାଯାଇ ପାରିବ। ଜଗତସିଂହପୁର ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ତେଣୁ ସମ୍ଭାବ୍ୟ ଯୁଦ୍ଧ ପରି ଏକ ଅଭାବନୀୟ ପରିସ୍ଥିତିକୁ ମଧ୍ୟ ଆବଶ୍ୟକ ସ୍ଥଳେ ମୁକାବିଲା କରିବା ପାଇଁ ସମସ୍ତ ସାଧ ଅତ୍ୟାବଶ୍ୟକ ସାମଗ୍ରୀ ଓ ସଚେତନ ଜନ ସାଧାରଣଙ୍କ ସହଯୋଗ ଆବଶ୍ୟକ। ଏସପି ଭବାନୀ ଶଙ୍କର ଉଦଗାତା ମଧ୍ୟ ଭୟଭୀତ ନ ହୋଇ ସତର୍କ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥଲେ।

# କ୍ଷତିଗ୍ରସ୍ତ ଫଳ ବ୍ୟବସାୟୀଙ୍କୁ ମିଳିଲାନି ସରକାରୀ ପ୍ରୋତ୍ସାହନ

## ପରିବାର ପ୍ରତିପୋଷଣ ନିମନ୍ତେ ବରଗଛ ମୂଳ ହିଁ ସାହାଭରସା

**କୋଣାର୍କ, ୬/୫(ନିପ୍ର):** କୋଣାର୍କ ଏନଏସି ଅଧୀନସ୍ଥ କୋଣାର୍କ ବସଷ୍ଟାଣ୍ଡର ମୁଖ୍ୟ ପ୍ରବେଶ ପଥର ଡାହାଣ ପଟେ ଫଳ ବ୍ୟବସାୟ କରି ଗୁଜରାଣ ମେଣ୍ଟାଉଥିବା ବ୍ୟବସାୟୀ ଲିଙ୍ଗରାଜ ବେଉରାଙ୍କ ଦୋକାନ ଅଗ୍ନିକାଣ୍ଡରେ ପୋଡି ପାଉଁଶ ହୋଇଯାଇଥିଲା ବେଳେ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ସହାୟତା ସାତ ସପନ ପାଲଟିଛି ବୋଲି କୋହଭରା କଣ୍ଠରେ ଲିଙ୍ଗରାଜ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି। ଖବରରୁ ପ୍ରକାଶ ଯେ, ଗତ ଚାରିଦିନ ତଳେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଜୀବିକା ନିର୍ବାହର ଏକମାତ୍ର ମାଧ୍ୟମ ପାଲଟି ଥିବା ଫଳ ଦୋକାନ ପୋଡି ଭସ୍ମୀଭୂତ ହୋଇଥିଲା ବେଳେ ଏବେ ପରିବାର ଚଳାଇବା ଲିଙ୍ଗରାଜ ବେଉରାଙ୍କ ପାଇଁ ବେଢି ଉପରେ କୋରଡି ସଦୃଶ ହୋଇଛି। ଏହି ଘଟଣାକୁ ନେଇ ଅଗ୍ନି ବିପନ୍ନ ଲିଙ୍ଗରାଜ ବେଉରା ଗୋପ ତହସିଲଦାର ଓ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ କରି ସରକାରୀ ସହାୟତା ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି। ମାତ୍ର ଏଯାବତ ସରକାରୀ ସହାୟତା ପାଇ ନ ଥିବାରୁ ଲିଙ୍ଗରାଜ କୋଣାର୍କ ବସଷ୍ଟାଣ୍ଡର ମୁଖ୍ୟ ପ୍ରବେଶ ପଥରେ ଏକ ବରଗଛ ମୂଳେ ବସି ଧାର କରଜ କରି ପରିବାର ଗୁଜରାଣ ମେଣ୍ଟାଇବାକୁ ସ୍ୱଳ୍ପ ଫଳ କିଣି ବ୍ୟବସାୟ ଆରମ୍ଭ କରିଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ଉକ୍ତ ଅଗ୍ନି ବିପନ୍ନ ବ୍ୟବସାୟୀ ଲିଙ୍ଗରାଜ ବେଉରାଙ୍କୁ କ୍ୟାବିନ ଓ ଆନୁଷଙ୍ଗିକ ସାମଗ୍ରୀ ନିମନ୍ତେ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କୁ କୋହଭରା କଣ୍ଠରେ ଲିଙ୍ଗରାଜ ଆକୁଳ ନିବେଦନ କରିଛନ୍ତି।



କେନ୍ଦୁଝର ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି ।

## ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ

**ପିପିଲି,୬/୫(ନିପ୍ର):** ପୁରୀ ଜିଲ୍ଲା ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅଧିନ ବଳଙ୍ଗା ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରଯାଇ ଥିବା ସୂଚନା ମିଳିଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ଭୁବନେଶ୍ୱରରେ ଏକ ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବେଳେ ଏନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇ ନାହିଁ। ଅଞ୍ଚଳରେ ଏଭଳି ସମ୍ବେଦନଶୀଳ ଘଟଣା ଘଟି ଥିବାବେଳେ ପୋଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇ ଆକ୍ରମଣକାରୀକୁ ଅଟକ ରଖିଥିବା ଏକ ସୂତ୍ରରୁ ପ୍ରକାଶ।

## କିଟ ଛାତ୍ରୀମୃତ୍ୟୁ ଘଟଣା
## ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

**ଭୁବନେଶ୍ୱର, ୬/୫(ନିପ୍ର):** ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟରେ ଗତ କିଛି ଦିନ ତଳେ ହୋଇଥିବା ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ଓ ଗତ ସପ୍ତାହରେ ପୁନଶ୍ଚ ହୋଇଥିବା ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ସାରା ଦେଶରେ ତଥା ବିଦେଶରେ ଆଲୋଡନ ସୃଷ୍ଟି କରିଛି। ସେହିଭଳି ବିଚ୍ ରାସ୍ତା ଉପରେ ଛାତ୍ରୀମାନଙ୍କୁ ଟଣା ଓଟରା ଆଦି ଘଟଣା ବିଭିନ୍ନ ସମ୍ବାଦପତ୍ରରେ ମଧ୍ୟ ପ୍ରକାଶିତ ହୋଇଛି ଯାହାକି ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଉପରୋକ୍ତ ଘଟଣାଗୁଡ଼ିକର ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ମାନଙ୍କୁ ନେଇ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି।ଏହି କମିଟିରେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ଅଧ୍ୟକ୍ଷ ରହିଥିବା ବେଳେ ସଦସ୍ୟ ଭାବରେ ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ, ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ବିଧାୟକ ପ୍ରାର୍ଥୀ ଅମିତା ବିଶ୍ୱାଳ, ପୂର୍ବତନ କଟକ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଅମ୍ରିତା ଦାସ, ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ଓ ଛାତ୍ର କଂଗ୍ରେସର ଲିପିକା ପାତ୍ର ପ୍ରମୁଖ ରହିଛନ୍ତି।

## ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଆସିବ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୬ /୫(ନିପ୍ର):** ପୁରୀରେ ଏକ ନୂତନ ବିମାନ ବନ୍ଦର ସ୍ଥାପନ ପାଇଁ କେନ୍ଦ୍ର ସରକାର ନୀତିଗତ ଭାବେ ଅନୁମୋଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ନିଜର ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲ 'ଏକ୍ସ'ରେ ପୋଷ୍ଟିଙ୍ଗ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ଦ୍ୱାରା ଓଡିଶାରେ ଧାର୍ମିକ ଓ ଆଧାତ୍ମିକ ପର୍ଯ୍ୟଟନ, ଆଞ୍ଚଳିକ ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆସିପାରିବ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟରେ ରାଜ୍ୟରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହିତ ଶିଳ୍ପ ବିକାଶ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି। ରାଜ୍ୟରେ ବିଭିନ୍ନ ବିମାନ ଚଳାଚଳ ଭିତ୍ତିଭୂମିର ସୁଦୃଢୀକରଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ପୁରୀ ସହିତ ପାରାଦୀପରେ ମଧ୍ୟ ଏକ ନୂଆ ବିମାନ ବନ୍ଦର କରିବାର ଯୋଜନା ରହିଛି। ପୁରୀ ବିମାନ ବନ୍ଦରକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିବା ପରେ ଆହୁରି ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକ ଓଡିଶା ଆସିବାର ସୁଯୋଗ ପାଇବେ ଓ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ମୋଦିଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ



**ଭୁବନେଶ୍ୱର, ୬ /୫(ନିପ୍ର):** ପୁରୀରେ ନୂଆ ବିମାନ ବନ୍ଦର ନିର୍ମାଣକୁ ମଂଜୁରୀ ଦେଇଥିବାରୁ ପିଏମ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ ନୂଆ ବିମାନ ବନ୍ଦର ନିର୍ମାଣକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଂଜାରାପୁଙ୍କୁ ଧନ୍ୟବାଦ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ରରେ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଲାଭ କରିଛି। ବିମାନ ବନ୍ଦର ନିର୍ମାଣ ହେବା ଦ୍ୱାରା ଧାର୍ମିକ, ଆଞ୍ଚଳିକ ଓ ପର୍ଯ୍ୟଟନର ବିକାଶ ହେବା ସହ ଯୋଗାଯୋଗ ଏବଂ ଅର୍ଥନୀତି ଅଧିକ ସୁଦୃଢ଼ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## 'ପୁରୀ ବିମାନ ବନ୍ଦର ହେଲେ ପର୍ଯ୍ୟଟନର ହେବ ବିକାଶ'

**ଭୁବନେଶ୍ୱର, ୬/୫(ନିପ୍ର):** ପୁରୀରେ ନୂଆ ଏୟାରପୋର୍ଟ ନିର୍ମାଣ ପାଇଁ ମଂଜୁରୀ ଦେଇଥିବାରୁ ପିଏମ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ସାଂସଦ ସମ୍ବିତ ପାତ୍ର। ସୋସିଆଲ ମିଡିଆ ଏକ୍ସରେ ସମ୍ବିତ ପାତ୍ର କହିଛନ୍ତି ଯେ, ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ ନୂଆ ବିମାନ ବନ୍ଦର ନିର୍ମାଣକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଂଜାରାପୁ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଶେଷ ଧନ୍ୟବାଦ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ରରେ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଲାଭ କରିଛି। ପୁରୀଠାରେ ବିମାନ ବନ୍ଦର ନିର୍ମାଣ ହେବା ଦ୍ୱାରା ଏହି ଅଞ୍ଚଳରେ ଧାର୍ମିକ, ଆଞ୍ଚଳିକ ଓ ପର୍ଯ୍ୟଟନର ବିକାଶ ହେବା ସହ ଯୋଗାଯୋଗ ଏବଂ ଅର୍ଥନୀତି ଅଧିକ ସୁଦୃଢ଼ ହେବ ବୋଲି ସମ୍ବିତ ପାତ୍ର କହିଛନ୍ତି।

## ମଦର୍ସ ଡେ ପାଇଁ ସେଲଫି ପ୍ରତିଯୋଗିତାର ଶୁଭାରମ୍ଭ

ଭୁବନେଶ୍ୱର, ୬/୫(ନିପ୍ର): ମେ ୧୧ ତାରିଖରେ ସାରା ବିଶ୍ୱରେ ମଦର୍ସ ଡେ ୨୦୨୫ ପାଳିତ ହେବାକୁ ଯାଉଛି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମେ ୬ ରୁ ୧୦ ପର୍ଯ୍ୟନ୍ତ ଏକ ସେଲଫି ପ୍ରତିଯୋଗିତା "ମଦର୍ସ ଡେ ସେଲଫି କଣ୍ଟେଷ୍ଟ" ଏକ ଅଭିନବ ପ୍ରୟାସର ଶୁଭାରମ୍ଭ କରିଛନ୍ତି। ନିଜ ମାଆଙ୍କ ସହ ସେଲଫି ଉଠାଇ, ମା ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନରେ ଦୁଇପଦ ଲେଖି ମହିଳା ଓ ଶିଶୁ ବିକାଶ ବିଭାଗକୁ ଟ୍ୟାଗ କରନ୍ତୁ। ସେଲଫି ସହ ଭାବାବେଗ ସମ୍ବଳିତ ବାର୍ତ୍ତା ପୋଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଫେସବୁକ, ଇନଷ୍ଟାଗ୍ରାମ ଏବଂ ଏକ୍ସ ବା ଟ୍ୱିଟର, ପ୍ରତ୍ୟେକରୁ ୩ ଟି ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ବିବେଚିତ ସେଲଫି ଏବଂ ବାର୍ତ୍ତା ପ୍ରେରକଙ୍କୁ ବିଜେତା ଘୋଷଣା କରି ମେ ୧୧ ତାରିଖ ମଦର୍ସ ଡେ ଦିବସରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ବିଜେତାଙ୍କ ଫଟୋ ବିଭାଗର ଅଫିସିଆଲ ହ୍ୟାଣ୍ଡେଲରେ ପୋଷ୍ଟ କରାଯିବ। ମେ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟରେ ମଦର୍ସ ଡେ ପାଳନ ଅବସରରେ ବିଜେତାମାନେ ନିଜର ଉପଯୁକ୍ତ ପ୍ରମାଣପତ୍ର ଦର୍ଶାଇ ପୁରସ୍କାର ଗ୍ରହଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ମା' ମାନଙ୍କ ପାଇଁ ବହୁ ମଜାଳିଆ ଖେଳର ମଧ୍ୟ ଆୟୋଜନ କରାଯାଇଛି। ଭାଗ ନେବା ପାଇଁ ଚାହୁଁଥିବା ମା' ମାନେ ମେ ୧୧ ତାରିଖ ଅପରାହ୍ନ ୩ ଟା ସମୟରେ ଏକାମ୍ର ହାଟ ଆସି ସେହି ସ୍ଥାନରେ ହିଁ ପଞ୍ଜିକରଣ କରି ମଜାଳିଆ ଖେଳରେ ଭାଗ ନେଇପାରିବେ।

## କଳାବାଘ ଶିକାର ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ

**ବାରିପଦା, ୬/୫(ନିପ୍ର):** ବିରଳ ପ୍ରଜାତିର କଳାବାଘ ଶିକାରୀ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋର ସହଯୋଗରେ ବନ ବିଭାଗ ଅଭିଯୁକ୍ତକୁ ଗୁଜରାଟରେ ଥିବା ନେଇ ଠାବ କରିଥିଲା। ପରେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲା ରବୀନ୍ଦ୍ର ନାଏକ (୨୪)। ସୂଚନା ଅନୁସାରେ ଶିମିଳିପାଳ ଜାତୀୟ ଉଦ୍ୟାନରେ ବିରଳ କଳାବାଘ ଶିକାର ନେଇ ଏକ ମାମଲା ରୁଜୁ ହୋଇଥିଲା। ଏନେଇ ବନ ବିଭାଗର ଟିମ୍ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି। ମୟୂରଭଂଜ ଜିଲ୍ଲା ଅମ୍ବିକାଦେଇପୁର ଅଞ୍ଚଳର କସିକୁନ୍ଦଲ ଗାଁର ନିମାଇଁ ନାଏକଙ୍କ ପୁଅ ତଥା ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ଗୁଜରାଟ ଫେରାର ହୋଇଯାଇଥିଲା। ସେ ମଧ୍ୟପ୍ରଦେଶର ଭୋପାଳସ୍ଥିତ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋର ସହଯୋଗରେ ଗୁଜରାଟରେ ଥିବା ଜଣାପଡ଼ିଥିଲା। ଗତ ୪ ତାରିଖ ଦିନ ରବୀନ୍ଦ୍ର ଗିରଫ ହୋଇଥିଲା। ଶିମିଳିପାଳ ଜାତୀୟ ଉଦ୍ୟାନରେ କଳାବାଘଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି ଉଦ୍ୟାନ ଜାତୀୟ ଉଦ୍ୟାନ ମାନ୍ୟତା ଲାଭ କରିବା ପରେ ବାଘ ବଂଶକୁ ଅଧିକ ସୁରକ୍ଷା ଦେବା ପାଇଁ ସରକାର ଚିନ୍ତା କରୁଛନ୍ତି।

## ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ ମକ୍‌ଡ୍ରିଲ

ପୁରୀ, ୬/୫(ନିପ୍ର): ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ ମକ ଡ୍ରିଲର ବ୍ୟବସ୍ଥା କରାଯାଇଛି। ବୁଧବାର ଅପରାହ୍ନ ୪ଟା ସମୟରେ ପୁରୀ ବଡ଼ଦାଣ୍ଡ ଟାଉନ ଥାନା ନିକଟରେ, ପେଣ୍ଠକଟା ବାତ୍ୟା ଆଶ୍ରୟ ସ୍ଥଳ ଓ ପୁରୀ ହୋଟେଲ ସମ୍ମୁଖ ବେଳାଭୂମି ସହ ଜିଲ୍ଲାର ମୋଟ ୨୩ ସ୍ଥାନରେ ଏହି ମକଡ୍ରିଲର ଆୟୋଜନ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ମକଡ୍ରିଲ ଆୟୋଜନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି ବୈଠକରେ ଅଧ୍ୟକ୍ଷତା କରିବା ସହ ମକଡ୍ରିଲ ପାଇଁ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ଅନୁରୋଧ କରିଥିଲେ। ଅପରାହ୍ନ ୪ଟାରେ ସାଇରନ ୫ ମିନିଟ ପାଇଁ ବାଜିବ। ସାଇରନ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତ ଘର,କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟକୁ ପ୍ରବେଶ କରି ସୁରକ୍ଷିତ ରହିବେ। ସେମାନଙ୍କୁ ସୁରକ୍ଷାକର୍ମୀ, ଆପଦ ମିତ୍ର, ସେଣ୍ଟ ଜନ ଆମ୍ବୁଲାନ୍ସ, ଏନସିସି, ଏନ ଏସ ଏସ, ରେଡକ୍ରସର ସ୍ୱେଚ୍ଛାସେବୀମାନେ ସହଯୋଗ କରିବେ। ଆକ୍ରମଣ ଶେଷ ହେବାର ସୂଚନା ଭାବେ ପୁନଶ୍ଚ ସାଇରନ ବାଜିଲେ ନାଗରିକମାନେ ପୂର୍ବବତ ସ୍ୱାଭାବିକ କାର୍ଯ୍ୟ କରି ପାରିବେ। ଏହି ମକଡ୍ରିଲ ସମୟରେ ଅଭ୍ୟାସ ପାଇଁ ଆହତ ହୋଇଥିବା ଲୋକଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବ। ଏ ସବୁ ମକଡ୍ରିଲ ବା ଛାୟା ଅଭ୍ୟାସର କାର୍ଯ୍ୟକ୍ରମ ହୋଇଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଗୁଜବରେ ବିଶ୍ୱାସ କରିବା ନାହିଁ କିମ୍ବା ପ୍ରସାର କରିବା ନାହିଁ ବୋଲି ଶ୍ରୀ ବେହେରା ଅନୁରୋଧ କରିଛନ୍ତି।

## ପୁରୀରେ ଏନଏସଜିର ସ୍ୱତନ୍ତ୍ର ଟିମ୍

ପୁରୀ,୬।୫(ନିପ୍ର): ପୁରୀରେ ପହଞ୍ଚିଛି ଏନଏସଜିର ସ୍ୱତନ୍ତ୍ର ଟିମ୍। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଏନଏସଜିର ଟିମ୍ ପହଞ୍ଚିଥିବା ବେଳେ ଏହା ଶ୍ରୀମନ୍ଦିର ଭିତର ଓ ବାହାରେ ସୁରକ୍ଷା ବ୍ୟବସ୍ଥାର ତନ୍ନତନ୍ନ କରି ଯାଞ୍ଚ କରିଥିବା ପ୍ରକାଶ। ଗତକାଲି ଏହି ଟିମ୍ ଦେଢ଼ଘଣ୍ଟା ଧରି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ସହ ଆଲୋଚନା କରିଥିଲେ ।ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଏନଏସଜିର ଗସ୍ତ ଓ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ଅନେକ ଗୁରୁତ୍ୱ ବହନ କରୁଛି ।ଜିଲ୍ଲା ଓ ରାଜ୍ୟ ପୋଲିସ ପ୍ରଶାସନ ଏନଏସଜି ଟିମ୍‌କୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚରେ ସଂପୂର୍ଣ୍ଣ ସହଯୋଗ କରିବା ସହ ଜିଲ୍ଲା ପୋଲିସ ପ୍ରଶାସନ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ଏସ୍‌ପି କହିଛନ୍ତି। ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଏନଏସଜି ଟିମ୍ ସୁରକ୍ଷା ବ୍ୟବସ୍ଥା ନେଇ ରୁଟିନ୍ ଯାଞ୍ଚ କରିଥାଏ। ଚଳିତବର୍ଷ ଜାମ୍ମୁ କାଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ଦେଶର ବିଭିନ୍ନ ତୀର୍ଥ ଓ ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଉଛି। ପୁରୀ ଚାରିଧାମ୍‌ମଧ୍ୟରୁ ସର୍ବଶ୍ରେଷ୍ଠ ଧାମ ହୋଇଥିବାବେଳେ ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଗତକାଲିଠାରୁ ଏନଏସଜି ଟିମ୍ ପୁରୀରେ ଅଛନ୍ତି। ରଥଯାତ୍ରାରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ସମ୍ଭାବନା ଥିବାରୁ ଭକ୍ତ ,ପର୍ଯ୍ୟଟକ ,ସାଧାରଣ ଜନତା ଓ ଭିଭିଆଇପିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏନଏସଜି ଟିମ୍ ପକ୍ଷରୁ ଏହି ଯାଞ୍ଚ କରାଯାଇଛି।

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar on Dated 6th May 2025, I, Mr. Rabi Madhi, Address: At/Po-Tumusapalli, Ps-Malkanagiri, Dist- Malkangiri, Pin-764045,Odisha, have changed my name from "Srirabi Madhi" to "Rabi Madhi". Henceforth, I shall be known as "Rabi Madhi" for all purposes.

Sd/-Rabi Madhi

**AFFIDAVIT**

By virtue of an affidavit sworn before The Executive Magistrate, Kujang on 28.04.2025. I, Swapna Sagadia W/o Prakash Kumar sagadia, At-Biswali, Po-Bhutamundai, Ps-Paradeep Lock, Dist-Jagatsinghpur, Pin-754141 declare that I, am the mother/guardian of minor daughter Priya Sagadia. I have changed her name from Priya Sagadia(Old) to S P Subha Laxmi Sagadia. Henceforth she will be known as S P Subha Laxmi Sagadia for all purposes.

Sd/-SWAPNA SAGADIA

# ଦେଶବ୍ୟାପୀ ହେବ ମକ୍‌ଡ୍ରିଲ୍: କ'ଣ କରିବେ ଓ କ'ଣ କରିବେନି

### ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ

ଏହି ଡ୍ରିଲ୍ ନାଗରିକ ଏବଂ ଅଧିକାରୀମାନଙ୍କୁ ପ୍ରକୃତ ସଙ୍କଟ ସମୟରେ ଦକ୍ଷତାର ସହ ପ୍ରତିକ୍ରିୟା କରିବାରେ ସାହାଯ୍ୟ କରିବ। ଏହା ନାଗରିକ-ସୈନ୍ୟ ସମନ୍ୱୟ ଗଢ଼ି ଭାରତର ସାମଗ୍ରିକ ପ୍ରତିରକ୍ଷା ପ୍ରସ୍ତୁତିକୁ ସମର୍ଥନ କରେ। ଭାରତର ଆଧୁନିକ ନିରୀକ୍ଷଣ ସିଷ୍ଟମ, ସ୍ତରୀୟ ପ୍ରତିରକ୍ଷା ସ୍ଥାପତ୍ୟ, ଏବଂ ନାଗରିକ ସଂଯୋଗ ବ୍ୟବସ୍ଥା ଏହାକୁ ଯେକୌଣସି ଆକସ୍ମିକ ପରିସ୍ଥିତି ପାଇଁ ପ୍ରସ୍ତୁତ କରେ।

### ନାଗରିକଙ୍କ ପାଇଁ ସୂଚନା

- ଡ୍ରିଲ୍ ଅବଧି ମଧ୍ୟରେ ମୁଖ୍ୟ ଅଞ୍ଚଳରେ ଅସ୍ଥାୟୀ ବ୍ଲାକଆଉଟ୍
- ଆକାଶ ମାର୍ଗ ଏକଲରମାନ ପାଇଁ ସତର୍କତା ସୃଷ୍ଟି କରିବା ପାଇଁ ଉଚ୍ଚ ସ୍ୱର ସାଇରନ୍
- ଜନସାଧାରଣ ଅନୁଷ୍ଠାନ କିମ୍ବା ମକ୍ ଜୋନ୍‌ରୁ ନିୟନ୍ତ୍ରିତ ନିଷ୍କାସନ
- ନିର୍ଦ୍ଦିଷ୍ଟ ରାସ୍ତା କିମ୍ବା ସହର ଅଞ୍ଚଳରେ ପ୍ରବେଶ ସୀମିତ
- ନିର୍ଦ୍ଦିଷ୍ଟ ସ୍ଥାନରେ ମୋବାଇଲ୍ ସିଗନାଲ୍ କିମ୍ବା ଇଣ୍ଟରନେଟ୍ ସେବା ସ୍ଥଗିତ (ସଂକ୍ଷିପ୍ତ ସମୟ ପାଇଁ)
- ସୁରକ୍ଷାକର୍ମୀ ଏବଂ ଜରୁରୀକାଳୀନ ସେବାର ବୃଦ୍ଧି ଉପସ୍ଥିତି
- ଲୋକେ ସତର୍କ ରହିବା ଆବଶ୍ୟକ

### ଶାନ୍ତ ଓ ସମସ୍ତ ଖବର ଉପରେ ନଜର ରଖନ୍ତୁ

ସରକାରୀ ଆପ୍, ସରକାରୀ ହ୍ୟାଣ୍ଡେଲ୍, ଏବଂ ବିଶ୍ୱାସଯୋଗ୍ୟ ନ୍ୟୁଜ୍ ଚ୍ୟାନେଲ୍ ମାଧ୍ୟମରେ ସରକାରୀ ଘୋଷଣା ଉପରେ ନଜର ରଖନ୍ତୁ।

### କର୍ତ୍ତୃପକ୍ଷଙ୍କ ସହ ସହଯୋଗ କରନ୍ତୁ

ପୋଲିସ, ନାଗରିକ ପ୍ରତିରକ୍ଷା ଦଳ, ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ନିର୍ଦ୍ଦେଶ ଅନୁସରଣ କରନ୍ତୁ।



### ଜରୁରୀ ଜିନିଷ ପ୍ରସ୍ତୁତ ରଖନ୍ତୁ

ପାଣି, ଫ୍ଲାସ୍ ଲାଇଟ୍, ପାୱାର୍ ବ୍ୟାଙ୍କ, ମୌଳିକ ଔଷଧ, ଏବଂ ପରିଚୟ ଦଲିଲ ପାଖରେ ରଖନ୍ତୁ

### ଗୁଜବ ପ୍ରଚାରରୁ ଦୂରରେ ରୁହନ୍ତୁ

ହ୍ୱାଟ୍ସଆପ୍ କିମ୍ବା ସୋସିଆଲ ମିଡିଆ ମାଧ୍ୟମରେ ଅଣ-ଯାଞ୍ଚ ସୂଚନା ଫରୱାର୍ଡ କରନ୍ତୁ ନାହିଁ।

### ଯାତାୟାତ ସୀମିତ କରନ୍ତୁ

ନିର୍ଦ୍ଦିଷ୍ଟ ମକ୍ ଜୋନ୍ ଆଖପାଖରେ ଅନାବଶ୍ୟକ ଯାତ୍ରା ଏଡ଼ାନ୍ତୁ

### ବ୍ଲାକଆଉଟ୍ ନିର୍ଦ୍ଦେଶ ପାଳନ କରନ୍ତୁ

ଡ୍ରିଲ୍ ସମୟରେ ନିର୍ଦ୍ଦେଶ ଅନୁସାରେ ଆଲୋକ ବନ୍ଦ କରନ୍ତୁ

### ଜରୁରୀକାଳୀନ ଅଭ୍ୟାସ କରନ୍ତୁ

ପରିବାରମାନେ ତୁରନ୍ତ ବାହାରିବା, ନିରାପଦ ସ୍ଥାନ, ଏବଂ ଯୋଗାଯୋଗ ଯୋଜନା ଅଭ୍ୟାସ କରନ୍ତୁ

### ଭିଡିଓ କିମ୍ବା ତଥ୍ୟ ସେୟାର କରନ୍ତୁ ନାହିଁ

ନାଗରିକମାନେ ମକ୍ ଡ୍ରିଲ୍ ପ୍ରକ୍ରିୟା ରେକର୍ଡ କରି ସୋସିଆଲ ମିଡିଆରେ ସେୟାର କରନ୍ତୁ ନାହିଁ, କାରଣ ଏଥିରେ ଭାରତର କାର୍ଯ୍ୟକାରୀ ବ୍ୟବସ୍ଥା ସମ୍ବନ୍ଧୀୟ ସମ୍ବେଦନଶୀଳ ସୂଚନା ଥାଇପାରେ।

### ଜରୁରୀକାଳୀନ ପ୍ରୋଟୋକଲ୍‌ର ସମ୍ମାନ କରନ୍ତୁ

ପାରାମିଲିଟାରୀ କିମ୍ବା ଜରୁରୀକାଳୀନ ଯାନକୁ ବାଧା ଦିଅନ୍ତୁ ନାହିଁ

### ସଦ୍ୟ ଖବର ପ୍ରତି ସତର୍କ ରୁହନ୍ତୁ

ଜିଲା ପ୍ରଶାସନରୁ ଏସଏମଏସ୍ କିମ୍ବା ଜନସାଧାରଣ ଘୋଷଣା ମାଧ୍ୟମରେ ରିଅଲ୍-ଟାଇମ୍ ସତର୍କତା ଖୋଜନ୍ତୁ

### -ଅତିରିକ୍ତ ସୁରକ୍ଷା ସୂଚନା-

**ହେଡଫୋନ୍ ବ୍ୟବହାର କରନ୍ତୁ:** ସାଇରନ୍‌ରୁ ଆତଙ୍କ କମାଇବା ପାଇଁ

**ମାସ୍କ ପିନ୍ଧନ୍ତୁ:** ଯଦି ଅଭ୍ୟାସରେ ଧୂଆଁ କିମ୍ବା କୁହୁଡ଼ି ସିମୁଲେସନ୍ ଅନ୍ତର୍ଭୁକ୍ତ ହୁଏ।

**ଅସ୍ଥାୟୀ ଭାବେ ଲଗ୍ ଅଫ୍ କରନ୍ତୁ:** ଯେଉଁ ଅଞ୍ଚଳରେ ସିଗନାଲ୍ ବ୍ଲାକଆଉଟ୍ ଆଶା କରାଯାଉଛି।

**ଜରୁରୀକାଳୀନ ନମ୍ବର ସାଙ୍ଗରେ ରଖନ୍ତୁ:** ସ୍ଥାନୀୟ ପୋଲିସ, ମେଡିକାଲ ଏବଂ ଅଗ୍ନିଶମ ବିଭାଗର ସମ୍ପର୍କ ଅନ୍ତର୍ଭୁକ୍ତ କରନ୍ତୁ।

**ପଡ଼ୋଶୀଙ୍କ ଧ୍ୟାନ ରଖନ୍ତୁ:** ବିଶେଷ କରି ଯେଉଁମାନେ ଏକାକୀ ରୁହନ୍ତି କିମ୍ବା ସାହାଯ୍ୟ ଆବଶ୍ୟକ କରନ୍ତି।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ